

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani


website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୦୮ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 08 APRIL 2022

Vol.No. 33 ■ No. 92 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ, ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ : ତାରିଣୀ ବିଦ୍ୟା ଭଣ୍ଡାର ଷ୍ଟେସନ ରୋଡ, ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


## ମାରିୟୁପୋଲରେ ହଜାର ହଜାର ଲୋକଙ୍କୁ ହତ୍ୟା କରିଛି ରୁଷ : ଜେଲେନସ୍କି



କିଭ୍, ୦୭/୦୪ : ବୁଚା ଭଳି ମାରିୟୁପୋଲରେ ମଧ୍ୟ ସାଧାରଣ ଲୋକଙ୍କୁ ହତ୍ୟା କରିଛି ରୁଷ। ଏହାକୁ ଲୁଚାଇବା ପାଇଁ ରୁଷ ମାରିୟୁପୋଲକୁ ମାନବୀୟ ସହାୟତା ପ୍ରଦାନ ପାଇଁ ଚାଲିଥିବା ପ୍ରୟାସରେ ବାଧା ପହଞ୍ଚାଉଛି। ମାନବୀୟ ସହାୟତା ସେଠାରେ ପହଞ୍ଚିଗଲେ, ରୁଷର ଅସଲ ଚେହେରା ସାମ୍ନାକୁ ଆସିଯିବ। ତେଣୁ ସେମାନେ ଏହାକୁ ଅଟକାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଭୋଲଦିମିର ଜେଲେନସ୍କି। ତୁର୍କୀର ଗୋଟିଏ ଟିଭି ଚ୍ୟାନେଲକୁ ସାକ୍ଷାତକାର ଦେଇ ଜେଲେନସ୍କି କହିଛନ୍ତି, "ଆମେ କାହିଁକି ମାରିୟୁପୋଲ ଭିତରକୁ ମାନବୀୟ ସହାୟତା କାର୍ଗୋ ନେଇ ଯାଇପାରୁନୁ ଏହାର ମୁଖ୍ୟ କାରଣ ହେଲା ସେଠାରେ ଘଟିଥିବା ନରସଂହାର। ସେଠାରେ ରୁଷ ସେନା ହଜାର ହଜାର ଲୋକଙ୍କୁ ହତ୍ୟା କରିଛି। ଯଦି ସେଠାକୁ କିଏ ଯିବ, ତା'ହେଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିଯିବ। ଏଥିପାଇଁ ସେମାନେ ଭୟଭୀତ ହୋଇ ମାନବୀୟ ସହାୟତାକୁ ରୋକୁଛନ୍ତି। ମୁଁ ଭାବୁଛି ସେଠାରେ ବହୁତ ବଡ଼ ଓ ଭୟଙ୍କର ଟ୍ରାଜେଡି ହୋଇଛି। ମାରିୟୁପୋଲକୁ ସେମାନେ ନର୍କରେ ପରିଣତ କରି ଦେଇଛନ୍ତି। ଶତାଧିକ ନୁହେଁ, ହଜାର ହଜାର ଲୋକଙ୍କୁ ସେଠାରେ ହତ୍ୟା କରାଯାଇଛି। ସେହିପରି ହଜାର ହଜାର ଲୋକ ଆହତ ମଧ୍ୟ ହୋଇଛନ୍ତି।" ରୁଷ ଯେତେ ଚେଷ୍ଟା କଲେ ମଧ୍ୟ ସବୁ ପ୍ରମାଣ କେବେ ହେଲେ ନଷ୍ଟ କରିପାରିବ ନାହିଁ ବୋଲି ଜେଲେନସ୍କି ଦମ୍ଭୋକ୍ତି କରିଛନ୍ତି। ସେ କହିଛନ୍ତି, "ରୁଷ କେବେ ହେଲେ ବି ସବୁ କିଛିକୁ ଲୁଚାଇ ପାରିବ ନାହିଁ। ସେଠାରେ ମୃତାହତ ହୋଇଥିବା ସମସ୍ତ ୟୁକ୍ରେନ ନାଗରିକଙ୍କୁ ରୁଷ କେବେ ବି ଲୁଚାଇ ପୋତି ପାରିବ ନାହିଁ। ହାତ ଗଣତି ଲୋକଙ୍କୁ ହତ୍ୟା କରିଥିଲେ ସମ୍ଭବତଃ ରୁଷ ପ୍ରମାଣ ଲୁଚାଇ ଦେଇଥାଆନ୍ତା। କିନ୍ତୁ ସେମାନେ ହଜାର ହଜାର ଲୋକଙ୍କୁ ମାରିଛନ୍ତି। ତେଣୁ ଏତେ ▶▶ପୃଷ୍ଠା ୭

## ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ପକାଇଲା ପୁଲିସ୍



ନୀଳଗିରି, ୦୭/୦୪ (ନି.ପ୍ର): ଜଣେ ହୋମ୍‌ଗାର୍ଡଙ୍କୁ ମାରପିଟ କରିଥିବା ଅଭିଯୋଗରେ ଗିରଫ ହୋଇଥିବା ଜଣେ ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ପକାଇଲା ପୁଲିସ୍। ବାଲେଶ୍ୱର ଜିଲ୍ଲାରେ ଏମିତି ଏକ ଘଟଣା ଘଟିଥିବା ବେଳେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜଣେ ଡିଏସ୍‌ପି ଘଟଣାର ଯାଞ୍ଚ କରିବା ସହିତ ଉକ୍ତ ସାମ୍ବାଦିକଙ୍କ ଗୋଡ଼ରୁ ବେଡ଼ି ଖୋଲି ଦେଇଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି ବୋଲି ନୀଳଗିରି ଏସ୍‌ଡିପିଓ କହିଛନ୍ତି। ଗିରଫ ସାମ୍ବାଦିକଙ୍କ ନାଁ ଲୋକନାଥ ଦଳେଇ। ଗତକାଲି ତାଙ୍କୁ ନୀଳଗିରି ପୁଲିସ୍ ଗିରଫ କରିଥିଲା। ଅସୁସ୍ଥ ଅନୁଭବ କରିବାକୁ ପୁଲିସ୍ ତାଙ୍କୁ ଗତକାଲି ରାତିରେ ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। କିନ୍ତୁ ଆଜି ସକାଳେ ତାଙ୍କୁ ଜଗିଥିବା ପୁଲିସ୍ କର୍ମଚାରୀମାନେ ତାଙ୍କ ଗୋଡ଼ରେ ବେଡ଼ି (ହ୍ୟାଣ୍ଡକଫର ଗୋଟିଏ ପଟକୁ ତାଙ୍କ ଗୋଡ଼ରେ ପକାଇ ଅନ୍ୟ ପଟକୁ ମେଡିକାଲ୍‌ର ଏକ ବେଡ୍‌ରେ ବାନ୍ଧି ଦେଇଥିଲେ) ପକାଇ ଦେଇଥିଲେ। ଯେଉଁ ପୁଲିସ୍ କର୍ମଚାରୀମାନେ ତାଙ୍କ ଗୋଡ଼ରେ ହ୍ୟାଣ୍ଡକଫ୍ ପକାଇଥିଲେ ଲୋକନାଥ ସେମାନଙ୍କୁ ପଚାରିଥିଲେ ଯେ କାହା ନିର୍ଦ୍ଦେଶରେ ସେମାନେ ଏପରି କରୁଛନ୍ତି। ସେମାନେ ପ୍ରଥମେ ବଡ଼ ସାର୍ କହିଛନ୍ତି ବୋଲି କହିଥିଲେ। ପରେ ନୀଳଗିରି ଆଇଆଇସି ମ୍ୟାଡାମ୍‌ଙ୍କ ନିର୍ଦ୍ଦେଶରେ ଏପରି କରିଥିବା ସେମାନେ କହିଥିଲେ। ଅନ୍ୟପକ୍ଷରେ ନୀଳଗିରି ଏସ୍‌ଡିପିଓ କହିଛନ୍ତି ଯେ ଉପର ସ୍ତରରୁ ଏମିତି କୌଣସି ନିର୍ଦ୍ଦେଶ ଆସି ନଥିଲା। ସେହିପରି ନୀଳଗିରି ଆଇଆଇସି କହିଛନ୍ତି ଯେ ତାଙ୍କ ପକ୍ଷରୁ ଏଭଳି କୌଣସି ନିର୍ଦ୍ଦେଶ ଦିଆଯାଇ ନାହିଁ। ଗିରଫ ସାମ୍ବାଦିକ ଲୋକନାଥ ଦଳେଇ କହିଛନ୍ତି, ଗତ ୫ ତାରିଖ ଦିନ ପ୍ରାୟ ୧୧ଟା ବେଳେ ମୁଁ ବଜାରକୁ ଶାଗ କିଣିବାକୁ ଯାଇଥିଲେ। ମୁଁ ଗାଡ଼ି ରଖି ଶାଗ କିଣୁଥିବା ବେଳେ ଜଣେ ହୋମଗାର୍ଡ ଭାରସାମ୍ୟ ହରାଇ ଆସି ମୋ ଗାଡ଼ିକୁ ଧକ୍କା ଦେଇଥିଲେ। ଏଥିରେ ମୋ ଗାଡ଼ି କ୍ଷତିଗ୍ରସ୍ତ ହେଲା। ଏହା ପରେ ମୁଁ ଦୌଡ଼ି ଯାଇ ତାଙ୍କ ହେଲ୍‌ମେଟ୍ ଛଡ଼ାଇ ଆଣିଥିଲି ଓ ଗାଡ଼ି ସଜ କରି ଦେଇ ହେଲ୍‌ମେଟ୍ ନେଇ ଯିବେ ବୋଲି କହିଥିଲି। ମୁଁ ଜାଣି ନଥିଲି ସେ ଜଣେ ହୋମଗାର୍ଡ। ଏହି ସମୟରେ ପାଖରେ ଥିବା ଜଣେ ଦୋକାନୀ ଆସି କହିଥିଲେ, ବୁଢ଼ା ଲୋକଟିକୁ କାହିଁକି ହଇରାଣ କରୁଛ। ହେଲ୍‌ମେଟ୍ ଫେରାଇ ଦିଅ। ସେତେବେଳେକୁ ସେ (ହୋମଗାର୍ଡ) ଗୋଟାମୋଟା ଥରୁ ଥିଲେ। ▶▶ପୃଷ୍ଠା ୭

## ଚିକିତ୍ସାଧୀନ ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ପକାଯିବା ଦୁଃଖଦାୟକ : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୦୭/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରିରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ଲୋକନାଥ ଦଳେଇଙ୍କ ପ୍ରତି ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ସହିତ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୋଡ଼ରେ ବେଡ଼ି ପକାଇବା ଦୁଃଖଦାୟକ ଓ ଗଭୀର ଚିନ୍ତାଜନକ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । ଓଡ଼ିଶାରେ ବିଗତ କିଛି ଦିନ ମଧ୍ୟରେ ମାଲକାନଗିରିରେ ସାମ୍ବାଦିକ ମାନଙ୍କୁ ପୋଲିସର ଦୁଃବ୍ୟବହାର କିମ୍ବା ନିର୍ବାଚନ ସମୟରେ ଯାଜପୁର, ପିପିଲି ତଥା ଅନେକ ସ୍ଥାନରେ ସାମ୍ବାଦିକ ମାନଙ୍କ ଉପରେ ବାରମ୍ବାର ଆକ୍ରମଣ ଘଟଣା ରାଜ୍ୟ ପାଇଁ ଶୁଭଙ୍କର ନୁହେଁ । ଗଣତନ୍ତ୍ରରେ ଭିନ୍ନ ମତକୁ ସମ୍ମାନ ଦେବାକୁ ପଡ଼େ । କିନ୍ତୁ ଏକ ପେଶାଦାର ଅପରାଧୀ ଭଳି ଜଣେ ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ପକାଯିବା ▶▶ପୃଷ୍ଠା ୭

## ସହକାରୀ ଯନ୍ତ୍ରୀଙ୍କ ଘରୁ ବାହାରିଲା ନଗଦ ୨ କୋଟି



ଭୁବନେଶ୍ୱର, ୦୭/୦୪ (ନି.ପ୍ର): ଗତ ମାସରେ ମାଲକାନଗିରି ଜିଲ୍ଲା ଆରଡବ୍ଲ୍ୟୁ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ (ଏସ୍‌ଇ) ଆଶିଷ କୁମାର ଦାଶଙ୍କୁ ଗିରଫ କରିଥିଲା ଭିଜିଲାନ୍ସ। ତାଙ୍କ ଠାରୁ କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସଂପତ୍ତି ଠାବ କରାଯାଇଥିଲା। ତାଙ୍କ ଘରୁ କେବଳ ୧ କୋଟି ୩୯ ଲକ୍ଷ ନଗଦ ଟଙ୍କା ଜବତ କରାଯାଇଥିଲା। ଆଉ ରେଡ୍ ବେଳେ ଏତେ ପରିମାଣରେ ନଗଦ ଟଙ୍କା ଜବତ କରାଯିବା ଓଡ଼ିଶା ଭିଜିଲାନ୍ସ ଇତିହାସରେ ପ୍ରଥମ ବୋଲି କୁହାଯାଇଥିଲା। ହେଲେ ଆଜି ଜଣେ ଯନ୍ତ୍ରୀଙ୍କ ଘରୁ ଏହାଠୁ ବି ଅଧିକ ପରିମାଣର ନଗଦ ଟଙ୍କା ଜବତ କରାଯାଇଛି। ତାଙ୍କ ନାଁ କାର୍ତ୍ତିକେଶ୍ୱର ରାଉଳ। ସେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଗରେ ସହକାରୀ ଯନ୍ତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି। ଭିଜିଲାନ୍ସ ପକ୍ଷରୁ ଆଜି ତାଙ୍କର ଭୁବନେଶ୍ୱରର ଟାଟା ଆରିଅନ ସ୍ଥିତ ଫ୍ଲାଟ୍‌ରେ ଚଢ଼ାଉ କରାଯାଇଛି। ଆଉ ଏହି ଚଢ଼ାଉ ବେଳେ ଘରୁ ଭିଜିଲାନ୍ସ ପ୍ରାୟ ୨ କୋଟି ନଗଦ ଟଙ୍କା ଜବତ କରାଯାଇଛି।

## ଓଡ଼ିଶା ସାଂସଦଙ୍କୁ ଗୁରୁମନ୍ତ୍ର ଦେଲେ ମୋଦି



ନୂଆଦିଲ୍ଲୀ, ୦୭/୦୪ : ସାଂସଦଙ୍କୁ ମୋଦିଙ୍କ ଗୁରୁମନ୍ତ୍ର । ସଙ୍ଗଠନ କିଭଳି ସୁଦୃଢ଼ ହେବ ତାକୁ ନେଇ ଦେଲେ ଟିପ୍ସ। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ କରିଛନ୍ତି ଓଡ଼ିଶାର ବିଜେପି ସାଂସଦ। ଏହି ଅବସରରେ ସଂଗଠନ କେମିତି ସୁଦୃଢ଼ ହେବ ସେନେଇ ଗୁରୁମନ୍ତ୍ର ଦେଇଥିଲେ ପ୍ରଧାନମନ୍ତ୍ରୀ। ସାଂସଦମାନଙ୍କ ଭୂମିକା କିଭଳି ହେବା କଥା, ଲୋକଙ୍କ ସହ କିଭଳି ସମ୍ପର୍କ ରଖିବେ। ଏହାସହ କେନ୍ଦ୍ର ସରକାରଙ୍କ 'ସବ୍‌କା ସାଥ ସବ୍‌କା ବିକାଶ' ବାର୍ତ୍ତା କେମିତି ଲୋକଙ୍କ ପାଖରେ ପହଞ୍ଚାଇବେ ସେନେଇ ସାଂସଦ ମାନଙ୍କୁ କହିଥିଲେ ପ୍ରଧାନମନ୍ତ୍ରୀ। ସାମାଜିକ ନ୍ୟାୟ କେମିତି ସମସ୍ତଙ୍କ ପାଖରେ ପହଞ୍ଚିବ, ସାଂସଦମାନେ କେମିତି ଲୋକପ୍ରିୟତା ପାଇବେ ସେନେଇ ଟିପ୍ସ ମଧ୍ୟ ଦେଇଥିଲେ ପ୍ରଧାନମନ୍ତ୍ରୀ। ଏହି ଅବସରରେ ସାରା ଓଡ଼ିଶାର କଥା ଆଲୋଚନା ହୋଇଥିଲା। ସେପଟେ ମୋଦିଙ୍କୁ ଭେଟିବା ପରେ ପ୍ରଧାନମନ୍ତ୍ରୀ ଯେଉଁ ପ୍ରଶ୍ନ ପଚାରିଥିଲେ ତାହାର ଉତ୍ତର ଦେଇଥିଲୁ ବୋଲି କହିଛନ୍ତି ସାଂସଦ ବସନ୍ତ ପଣ୍ଡା।ତେବେ ଏହି ସାକ୍ଷତା ସୌଜନ୍ୟମୂଳକ ଥିଲା। ବ୍ୟକ୍ତିଗତ ଓଡ଼ିଶା ବାବଦରେ ସେମିତି କିଛି ଆଲୋଚନା ହୋଇନାହିଁ ବୋଲି ସେ କହିଛନ୍ତି। ଏହି ଅବସରରେ କେବଳ ଓଡ଼ିଶା ନୁହେଁ ଦିଲ୍ଲୀ, ହରିୟାଣା, ଉତ୍ତରାଖଣ୍ଡର ସାଂସଦ ଓ ମନ୍ତ୍ରୀ ମାନେ ଉପସ୍ଥିତ ଥିଲେ। କେନ୍ଦ୍ରର ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା, ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା, ଲୋକଙ୍କ ସହ ମିଶି ବିଶ୍ୱାସଭାଜନ ହେବା ପାଇଁ ବିଜେପି ସାଂସଦମାନଙ୍କୁ ପରାମର୍ଶ ଦେଇଥିଲେ ପ୍ରଧାନମନ୍ତ୍ରୀ।

## କରୋନାର ନୂଆ ଭାରିଆଣ୍ଟକୁ ନେଇ ସାମ୍ନାକୁ ଆସିଲା ଭିନ୍ନ ମତ

ନୂଆଦିଲ୍ଲୀ, ୦୭/୦୪ : କରୋନାର ନୂଆ ଭାରିଏଂଟ ଏକ୍ସଇ ମୁମ୍ବାଇରେ ଚିହ୍ନଟ ହେବା ନେଇ ଖବର ପରେ ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଗୋଟିଏ ପଟେ ମୁମ୍ବାଇ ମହାନଗର ନିଗମ କହୁଛି ଯେ, ଦକ୍ଷିଣ ଆଫ୍ରିକାରୁ ଫେରିଥିବା ଜଣେ ବ୍ୟକ୍ତିଙ୍କ ପାଖରେ ଏକ୍ସଇ ଭାରିଏଂଟ ଚିହ୍ନଟ ହୋଇଛି । ହେଲେ ଏହି କଥାକୁ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଖଣ୍ଡନ କରୁଛନ୍ତି । ଅନ୍ୟପଟେ ଓଡ଼ିଶା ସରକାର ସତର୍କ ଥିବା ବେଳେ ଭୟଭୀତ ନହେବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି ଡିଏମଇଟି । କରୋନାର ନୂଆ ଭାରିଏଂଟ ଏକ୍ସଇ ଭାରତରେ ଚିହ୍ନଟ ହୋଇଛି କି ନାହିଁ, ତାକୁ ନେଇ ଦ୍ୱନ୍ଦ୍ୱ ଜାରି ରହିଛି । କାରଣ ନୂଆ ଭାରିଏଂଟରେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ବୋଲି ମୁମ୍ବାଇ ମହାନଗର ନିଗମ କହିଛି । ହେଲେ ଏହାକୁ ଖଣ୍ଡନ କରିଛନ୍ତି କେନ୍ଦ୍ର ସରକାର । କରୋନାର ନୂଆ ଭାରିଏଂଟ ଏକ୍ସଇ ମୁମ୍ବାଇରେ ଚିହ୍ନଟ ହେବା ନେଇ ଜାତୀୟ ଗଣମାଧ୍ୟମରେ ଖବର ପରେ ଏହାକୁ ସତ ବୋଲି ମାନିଥିଲା ବ୍ରିହାନ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ । ଦକ୍ଷିଣ ଆଫ୍ରିକା ଫେରନ୍ତାଙ୍କ ଜଣେ ଫ୍ୟାସନ ଡିଜାଇନରଙ୍କ ଜେନମ ସିକ୍ୱେନ୍ସିଂ ପରେ ଏକ୍ସଇ ଭୂତାଣୁ ଚିହ୍ନଟ ହୋଇଥିବା ମୁମ୍ବାଇ ମହାନଗର ନିଗମ କର୍ତ୍ତୃପକ୍ଷ କହିଥିଲେ । ହେଲେ ଠିକରେ ପରୀକ୍ଷା କରାଯାଇ ନଥିବା କହି ଏହାକୁ ଖଣ୍ଡନ ▶▶ପୃଷ୍ଠା ୭

## ବିଦ୍ୟୁତ ସଂସ୍କାର ପାଇଁ ୨୭୨୫ କୋଟିର ଋଣ ଆଣିପାରିବ ଓଡ଼ିଶା



ଭୁବନେଶ୍ୱର, ୦୭/୦୪ (ନି.ପ୍ର): ବିଦ୍ୟୁତ ସଂସ୍କାର ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ଓଡ଼ିଶା ୨୭୨୫କୋଟି ଟଙ୍କାର ଋଣ ଉଠାଣ କରିପାରିବ। ଏଥିପାଇଁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ ପକ୍ଷରୁ ଅନୁମତି ମିଳିଛି। ବିଦ୍ୟୁତ ସଂସ୍କାର ପ୍ରକ୍ରିୟା ଉପରେ ଓଡ଼ିଶା ସମେତ ୧୦ଟି ରାଜ୍ୟକୁ ମୋଟ ୨୮୨୦୪କୋଟି ଟଙ୍କାର ଅତିରିକ୍ତ ଋଣ ଉଠାଣ ପାଇଁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅନୁମତି ଦେଇଛି। ବିଦ୍ୟୁତ କ୍ଷେତ୍ରରେ ବିଭିନ୍ନ ରାଜ୍ୟମାନଙ୍କ ପକ୍ଷରୁ କରାଯାଇଥିବା ସଂସ୍କାରକୁ ଆଧାର କରି ୨୦୨୧-୨୨ରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ରାଜ୍ୟ ଜିଡିପିର ୦.୫ ପ୍ରତିଶତ ଅତିରିକ୍ତ ଋଣ ଉଠାଣ ନିମନ୍ତେ ଅନୁମତି ଦେବାକୁ ଅର୍ଥ ମନ୍ତ୍ରଣାଳୟ ନିଷ୍ପତ୍ତି କରିଛି। ପଂଚଦଶ ଅର୍ଥ ଆୟୋଗଙ୍କ ସୁପାରିସ ଆଧାରରେ ଏହି ମଞ୍ଜୁରୀ ମିଳିଛି । ବିଦ୍ୟୁତ କ୍ଷେତ୍ରରେ ପରିଚାଳନା ଓ ଆର୍ଥିକ ଦକ୍ଷତାରେ ସୁଧାର ଆଣିବାରେ ଏହା ସହାୟକ ହେବ । ତେବେ ଅତିରିକ୍ତ ଋଣ ଉଠାଣ ନିମନ୍ତେ ବିଦ୍ୟୁତ କ୍ଷେତ୍ରରେ ରାଜ୍ୟ ସରକାରମାନଙ୍କୁ ବାଧ୍ୟତାମୂଳକ ସଂସ୍କାର କାର୍ଯ୍ୟକାରୀ କରିବାକୁ ହେବ ଓ ନିର୍ଦ୍ଧାରିତ ପ୍ରଦର୍ଶନ ବେଂଚମାର୍କ ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ନିର୍ଦ୍ଧାରିତ ତାରିଖର ଦିନକ ପୂର୍ବରୁ ଲୋକସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ

ନୂଆଦିଲ୍ଲୀ, ୦୭/୦୪ : ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଲୋକସଭା ନିର୍ଦ୍ଧାରିତ ସମୟର ଗୋଟିଏ ଦିନ ପୂର୍ବରୁ ଗୁରୁବାର ଦିନ ଅନିଶ୍ଚିତ କାଳ ଯାଏ ସ୍ଥଗିତ ରହିଲା ବୋଲି ଘୋଷଣା କରାଯାଇଛି । ଗୁରୁବାର ଦିନ ଗୃହର ଅଧିବେଶନରେ ଲୋକସଭା ବାଚସ୍ପତି ଓମ ବିର୍ଲା ବଜେଟ ଅଧିବେଶନ ସମାପ୍ତ ହେବା ଓ ଗୃହକୁ ଅନିଶ୍ଚିତ କାଳ ଯାଏ ସ୍ଥଗିତ ରହିଲା ବୋଲି ଘୋଷଣା କରିଥିଲେ । ଏହା ସହିତ ସେ ଗୃହରେ କରାଯାଇଥିବା କାର୍ଯ୍ୟର ବିବରଣୀ ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ ଜାନୁଆରୀ ୩୧ ତାରିଖ ଦିନ ଏହି ଅଧିବେଶନ ଆରମ୍ଭ ହୋଇଥିଲା । ରାଷ୍ଟ୍ରପତି ରାମନାଥ କୋବିନ୍ଦ ଉଭୟ ଲୋକସଭା ଓ ରାଜ୍ୟସଭାର ମିଳିତ ବୈଠକକୁ କେନ୍ଦ୍ରୀୟ କକ୍ଷରେ ଅଭିଭାଷଣ ଦେଇଥିଲେ। ଏହାର ଉତ୍ପାଦକତା ୧୨୯ ପ୍ରତିଶତ ରହିଥିଲା ବୋଲି ସେ କହିଛନ୍ତି ।

## ଆଭ୍ୟନ୍ତରୀଣ ଓଡ଼ିଶା ତାତିବ : ଉପକୂଳରେ ଗୁଳୁଗୁଳି



ଭୁବନେଶ୍ୱର, ୦୭/୦୪ (ନି.ପ୍ର): ଗ୍ରୀଷ୍ମ ପ୍ରବାହ ପ୍ରଭାବରେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ବଢ଼ିବ। ଆଭ୍ୟନ୍ତରୀଣ ଓଡ଼ିଶାରେ କେତେକ ଅଞ୍ଚଳରେ ତାପାମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିବ। ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଅନୁଭୁତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ଆଗାମୀ ୨୪ ଘଣ୍ଟା ଭିତରେ ଅର୍ଥାତ (୮ ତାରିଖ ସକାଳ ସାଢ଼େ ୮ଟାରୁ ୯ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ) ବିଜୁଳି ଘଡ଼ଘଡ଼ି ନେଇ ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମ, ଗଜପତି, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରିଛି। ଏଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ମିଶ୍ରଙ୍କ କହିବା ଅନୁସାରେ ଆଜି ବଲାଙ୍ଗିରରେ ୪୧.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ଼ରେ ୪୧.୪ ଡିଗ୍ରୀ, ବୌଦ୍ଧରେ ୪୧ ଡିଗ୍ରୀ, ଝାରସୁଗୁଡ଼ାରେ ୪୦.୬ ଡିଗ୍ରୀ, ଭୁବନେଶ୍ୱରରେ ୩୫.୨ ଡିଗ୍ରୀ, କଟକରେ ୩୪.୪ ଡିଗ୍ରୀ ରେକର୍ଡ କରାଯାଇଛି । କାଳବୈଶାଖୀ ପ୍ରଭାବରେ କୋଟପାଡରେ ୬୬ ମିଲିମିଟର, ସିମିଳିଗୁଡ଼ାରେ ୩୫ ମିଲିମିଟର, ନୂଆପଡ଼ାରେ ୩୪.୮ ମିଲିମିଟର, ରାଇକିଆରେ ୩୦ ମିଲିମିଟର, ଦାରିଙ୍ଗବାଡ଼ିରେ ୨୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ତାହାଛଡ଼ା ରାଜ୍ୟର ଅନ୍ୟ କେତେକ ସ୍ଥାନରେ ମଧ୍ୟ ହାଲ୍ ?କା ବର୍ଷା ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ଇମ୍ରାନ ଖାନ୍‌ଙ୍କୁ ସୁପ୍ରିମକୋର୍ଟଙ୍କ ଶକ୍ତ ଝଟ୍‌କା : ଅନାସ୍ଥା ପ୍ରସ୍ତାବକୁ ସାମ୍ନା କରିବେ



ନୂଆଦିଲ୍ଲୀ, ୦୭/୦୪ : ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ସୁପ୍ରିମକୋର୍ଟଙ୍କ ବଡ଼ ଝଟ୍‌କା । ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଖାରଜକୁ ଅସାମ୍ବିଧାନିକ କହିଲେ ସୁପ୍ରିମକୋର୍ଟ। ଆସନ୍ତା ଏପ୍ରିଲ ୯ରେ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟିଂ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ପାକିସ୍ତାନ ସୁପ୍ରିମକୋର୍ଟ। ସେହିପରି ସଂସଦ ଭଙ୍ଗ ନିଷ୍ପତ୍ତିକୁ ରଦ୍ଦ କରିଛନ୍ତି ସୁପ୍ରିମକୋର୍ଟ। ଏଥିସହ ପୁନଃ ନିର୍ବାଚନ ନିଷ୍ପତ୍ତିକୁ ମଧ୍ୟ ଖାରଜ୍ କରିଛନ୍ତି ସୁପ୍ରିମକୋର୍ଟ। ଇମ୍ରାନ୍ ଖାନ୍ ସମ୍ବିଧାନ ମାନିବାକୁ ବାଧ ବୋଲି କୋର୍ଟ କହିଛନ୍ତି। ସେହିପରି ଅଦାଲତ ନିର୍ବାଚନ କମିଶନଙ୍କୁ ସମନ କରିଛନ୍ତି । ସେହିପରି ଅନାସ୍ଥା ପ୍ରସ୍ତାବ ଖାରଜ ପାଇଁ ନିର୍ଦ୍ଦେଶ ଦେଇଥିବା ପାକିସ୍ତାନ ସଂସଦର ଉପ ବାଚସ୍ପତିଙ୍କ ବିରୋଧରେ କୋର୍ଟ ଚଳିତ ସପ୍ତାହରେ ଶୁଣାଣି କରିବେ। ଅନାସ୍ଥା ପ୍ରସ୍ତାବ ଖାରଜ ପାଇଁ ଉପ ବାଚସ୍ପତି ଦେଇଥିବା ନିର୍ଦ୍ଦେଶ ଅସାମ୍ବିଧାନିକ ବୋଲି କୋର୍ଟ କହିଛନ୍ତି। ପୂର୍ବରୁ ପାକିସ୍ତାନ ଜାତୀୟ ଆସେମ୍ବଲିରେ ଇମ୍ରାନ ଖାନଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ଉପ ବାଚସ୍ପତି ଖାରଜ କରିଦେଇ ଥିଲେ । ଏହାପରେ ରାଷ୍ଟ୍ରପତି ଆରିଫ୍ ଆଲଭି ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପରାମର୍ଶକ୍ରମେ ପାକିସ୍ତାନ ସଂସଦକୁ ଭଙ୍ଗ କରିଥିଲେ। ଇମ୍ରାନ ୩ ମାସ ମଧ୍ୟରେ ନିର୍ବାଚନ ହେବ ବୋଲି କହିଥିଲେ । ହେଲେ ଏହାକୁ ବିରୋଧୀ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପହଞ୍ଚିଥିଲେ। କେଉଁ ପରିସ୍ଥିତିରେ ଅନାସ୍ଥା ପ୍ରସ୍ତାବ ଅଗ୍ରାହ୍ୟ ହେଲା, ତା'ର ବିଚାର ପାକିସ୍ତାନ ସୁପ୍ରିମକୋର୍ଟରେ କରାଯାଇଥିଲା ।

# ପାର୍ବତୀଗିରି ପ୍ରକଳ୍ପ ଅଚଳ : ୩ ପ୍ରକଳ୍ପରେ ଖର୍ଚ୍ଚ ୧୨୦ କୋଟି, ପାଣି ନାହିଁ



ସୁନ୍ଦରଗଡ଼,୦୭/୦୪ (ନି.ପ୍ର): ନାମ ପାର୍ବତୀଗିରି ଉଠାଜଳସେଚନ ପ୍ରକଳ୍ପ। ଲକ୍ଷ୍ୟ ଅଣଜଳସେଚିତ ଚାଷଜମିକୁ ପାଣି ଯୋଗାଇବା। ପ୍ରକଳ୍ପରେ ରହିଛି ଦୁଇ ମହଲାର ମୋଟର ଘର, କର୍ମଚାରୀଙ୍କ ବାସଗୃହ ଓ ବିଶାଳ ୱାଟ୍ ଟାୱାର। ଲାଗିଛି ବଡ଼ବଡ଼ ଯନ୍ତ୍ରପାତି, ଲମ୍ବିଛି ବିଶାଳ ପାଇପ୍। ଏଥିପାଇଁ ବ୍ୟୟ ହୋଇଛି ୧୨୦ କୋଟି। କିନ୍ତୁ ପ୍ରକଳ୍ପ କାମରେ ଆସୁନି, ଚାଷଜମିକୁ ମିଳୁନି ପାଣି। କାରଣ ଜଳସେଚନର ପ୍ରମୁଖ ବା ମୂଳ ଉପାଦାନ ଜଳଉତ୍ସ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନାହିଁ। ଯୋଜନାବିହୀନ ଭାବେ କେବଳ ଏକ ଛୋଟିଆ ନଦୀର ଭରସାରେ ଠିଆ ହୋଇଛି ଏତେ ବଡ଼ ପ୍ରକଳ୍ପ, ଯେଉଁଠି ବର୍ଷାଦିନ ବ୍ୟତୀତ ଅନ୍ୟ ସମୟରେ ମୁନ୍ଦେ ପାଣି ମିଳିବା କଷ୍ଟ। ନଦୀ ଶୁଖିଲା ତ ପ୍ରକଳ୍ପ ବି ଶୁଖିଲା। ଜଳସେଚନର ଏହି ବିକଳ ଚିତ୍ରଟି ଆସିଛି ସୁନ୍ଦରଗଡ଼ ଜିଲ୍ଲାର ସଦର ବ୍ଲକ୍ ସାଲେପାଲି ଓ ବଡ଼ଗାଁ ବ୍ଲକ୍‌ର ଫୁଲବାରିରୁ। ସୁନ୍ଦରଗଡ଼ ଜିଲ୍ଲାରେ ଜଳସେଚନର ବିଶେଷ ସୁବିଧା ନାହିଁ। ବହୁ ଭାଗଚାଷୀ ବର୍ଷାଜଳ ଉପରେ ନିର୍ଭର କରିଆସୁଛନ୍ତି। କିନ୍ତୁ ଅନେକ ସମୟରେ ସ୍ୱଳ୍ପ ବୃଷ୍ଟିପାତ ବା ଅଭାବୀ ବର୍ଷା ଚାଷୀଙ୍କୁ ଚିନ୍ତାରେ ପକାଇଥାଏ। ପ୍ରତିବର୍ଷ ମରୁଡ଼ିର ସମ୍ମୁଖୀନ ହେଉଥିବା ଚାଷୀଙ୍କୁ ଜଳସେଚନ ସୁବିଧା ଦେବାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିଲେ ପାର୍ବତୀ ଗିରି ମେଗା ଉଠାଜଳସେଚନ ପ୍ରକଳ୍ପ। ଗୋଟିଏ ପ୍ରକଳ୍ପର ନିର୍ମାଣ ମୂଲ୍ୟ ୪୦ କୋଟି। ନାବାର୍ଡ ସହାୟତାରେ ଏଲ୍ ଆଣ୍ଡ ଟି କମ୍ପାନି ପ୍ରଥମ ପର୍ଯ୍ୟାୟରେ ସୁନ୍ଦରଗଡ଼ ଜିଲ୍ଲାର ସଦର ବ୍ଲକ୍ ସାଲେପାଲିରେ ଗୋଟିଏ ଓ ବଡ଼ଗାଁ ବ୍ଲକ୍ ଫୁଲବାରିରେ ଦୁଇଟି ପ୍ରକଳ୍ପ ତିଆରି କରିଛି। ବଡ଼ଗାଁ ବ୍ଲକ୍‌ରେ ନିର୍ମିତ ଦୁଇଟି ପ୍ରକଳ୍ପରେ ବଡ଼ଗାଁ ପଞ୍ଚାୟତର ବଡ଼ଗାଁ, ଜାଙ୍ଗଲି, ବରପାଲି, ଚାରପାଲି, କର୍ଣ୍ଣିଆମୁରା ଓ ଭୋଇପାଲି ଗ୍ରାମର ୭୨୧ ହେକ୍ଟର ଜମି ଓ ସଦର ବ୍ଲକ୍‌ରେ ନିର୍ମିତ ପ୍ରକଳ୍ପରେ ଫୁଲବାରି ପଞ୍ଚାୟତର ବୁଦୁନା, ଫୁଲବାରି, ସାଲେପାଲି, ଛେମଡ଼ା ଓ କୁରେଇବଗା ଗ୍ରାମର ୧୨ଶହ ହେକ୍ଟର ଜମିକୁ ଜଳସେଚନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଥିଲା। ପ୍ରକଳ୍ପ ସ୍ଥାନରେ ଲାଗିଥିବା ବଡ଼ବଡ଼ ମେସିନ, ମୋଟା ପାଣି ପାଇପ୍‌କୁ କେହି ଦେଖିଲେ ଅଞ୍ଚଳର ଚାଷଜମିକୁ ଯେ ପାଣିର ଅଭାବ ରହୁଥିବ, ସେ କଥାକୁ ବିଶ୍ୱାସ କରିବ ନାହିଁ। କିନ୍ତୁ ପ୍ରକଳ୍ପ କାମ ଶେଷ ହେବାର ଏହା ମଧ୍ୟରେ ୫ ବର୍ଷ ବିତି ଯାଇଥିଲେ ମଧ୍ୟ ଜମିକୁ ପାଣି ମାଡୁନି। ପ୍ରକଳ୍ପରେ କରାଯାଇଥିବା ଆଉଟ୍‌ଲେଟ୍‌ଗୁଡ଼ିକ ଖାଲଜମିରେ ରହିଥିବାରୁ ପାଣି ଉଚ୍ଚସ୍ଥାନକୁ ଯାଇପାରୁ ନଥିବା ପ୍ରକାଶ ପାଇଛି। ବଡ଼ଗାଁ ବ୍ଲକ୍‌ର ମେଗା ପ୍ରକଳ୍ପରେ ୬ଟି ଗାଁର ଚାଷଜମିକୁ ପାଣି ପହଞ୍ଚାଇବାକୁ ୧୭୯ଟି ଆଉଟ୍‌ଲେଟ୍ ଓ ସଦର ବ୍ଲକ୍ ପ୍ରକଳ୍ପର ୫ଟି ଗାଁର ଚାଷଜମି ପାଇଁ ୨୯୬ଟି ଆଉଟ୍‌ଲେଟ୍ ତିଆରି କରାଯାଇଥିଲା। ଏବେ ଅନେକ ଆଉଟ୍‌ଲେଟ୍ ଭାଙ୍ଗି ଗଲାଣି। ଅନ୍ୟପଟେ ବଡ଼ଗାଁ ସଫେଇ ନଦୀରୁ ପାଣି ଉଠାଇ ଏହି ଅଞ୍ଚଳକୁ ପାଣି ଯୋଗାଇ ଦିଆଯିବା କଥା। କିନ୍ତୁ ନଦୀ ଶୁଖିଲା ଥିବାରୁ ପ୍ରକଳ୍ପ ଅଚଳ ରହିଛି।

# ବୌଦ୍ଧଠାରେ ବିଜେପିର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ

ବୌଦ୍ଧ,୦୭/୦୪ (ନି.ପ୍ର): ବୌଦ୍ଧ ଜିଲା ବିଜେପି ପକ୍ଷରୁ ଜିଲା କାର୍ଯ୍ୟାଳୟଠାରେ ବିଜେପିର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍‌ବୋଧନକୁ ଟିଭି ମାଧ୍ୟମରେ ସମସ୍ତେ ବସି ଶୁଣିଥିଲେ । ଆଜି ଠାରୁ ଜିଲାରେ ଦଳ ପକ୍ଷରୁ ୧୫ ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସାମାଜିକ ନ୍ୟାୟ ପକ୍ଷ ହାତକୁ ନିଆଯାଇଛି । ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଜନହିତକାରୀ କାର୍ଯ୍ୟକ୍ରମ ସଂପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ପାଇଁ ଗାଁ ଠାରୁ ସହର ପର୍ଯ୍ୟନ୍ତ ୧୫ ଦିନ ଧରି କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଜିଲା ସଭାପତି ସୂଚନା ଦେଇଛନ୍ତି। ଜିଲା ସଭାପତି ବିପ୍ର ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ମନରଂଜନ ଦାଶ, ମହିଳା ନେତ୍ରି ନମିତା ଦାସ, ପ୍ରଦୋଷ ମିଶ୍ର , ଯୁଗଳ ସାମଲ ପ୍ରମୁଖ ଦଳିୟ ନେତା ଓ କର୍ମିମାନେ ଅଂଶ ଗ୍ରହଣ କରିଥିଲେ । ବୌଦ୍ଧ ଜିଲ୍ଲା ବିଜେପି ତରଫରୁ ପ୍ରତିଷ୍ଠା ଦିବସ ଜିଲ୍ଲା କାର୍ଯ୍ୟାଳୟ ସମେତ ୧୦ ଗୋଟି ମଣ୍ଡଳ ସ୍ତରରେ ମହାସମାରୋହରେ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ସାମାଜିକ ନ୍ୟାୟ ପକ୍ଷ ହିସାବରେ ତା ୦୬.୦୪.୨୨ ଠାରୁ ୨୦.୦୪.୨୨ ପର୍ଯ୍ୟନ୍ତ ଜିଲ୍ଲା ସ୍ତରରେ ଓ ମଣ୍ଡଳ ସ୍ତର ସହିତ ସମସ୍ତ ବୁଥ ମାନଙ୍କରେ ପାଳନ କରାଯିବାକୁ ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ପ୍ରତିଷ୍ଠା ଦିବସରେ ଅଭିଭାଷଣକୁ କର୍ମକର୍ତାମାନେ ଶୁଣି ଥିଲେ , ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶାରେ ଲାଗୁ ପାଇଁ ଜନମତ ସୃଷ୍ଟି କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ର ଲାଭାର୍ଥିଙ୍କ ସହିତ ସମ୍ପର୍କ ସ୍ଥାପନ କରିବା, କେନ୍ଦ୍ରର ଘରଘରକୁ ଟେପରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ପଶୁ ପକ୍ଷୀ ମାନଙ୍କ ପାଇଁ ପିଇବା ପାଇଁ ପାଣି ଦେବା ବ୍ୟବସ୍ଥା , ପି.ଏମ. କିଷାନ କ୍ରେଡିଟ କାର୍ଡ ସମସ୍ତ ଚାଷିଙ୍କୁ ଉପଲବ୍ଧ କରାଇବା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ମାନଙ୍କୁ କେନ୍ଦ୍ର ସରକାର ଦେଉଥିବା ସାହାଯ୍ୟ ସହଯୋଗର ବାର୍ତା ପ୍ରଚାରିତ କରିବା, ବିଦ୍ୟାଳୟର ୧୨ ବର୍ଷ ଛାତ୍ର ଛାତ୍ରୀ ମାନଙ୍କୁ ମାଗଣାରେ ଲକ୍ଷ୍ଣସୟ-୧୯ ଟୀକା ପ୍ରଦାନ ଓ ବଂଟନରେ ସହଯୋଗ କରିବା, ଗରିବ କଲ୍ୟାଣ ଅର୍ଣ ଲାଭାର୍ଥିଙ୍କୁ ପୁନଶ୍ଚ ଆଉ ଛ ମାସ ମାଗଣା ରେସନ ଦେବା, ଭାରତ ରନ୍ ଡଃ ଆମ୍ବେଦକର ଙ୍କ ଜନ୍ମ ଜୟନ୍ତୀ ପାଳନ ସହ ପଂକ୍ତି ଭୋଜନ ଦେବା , ଆଦିବାସୀ ସ୍ୱୟଂ ସାହାଯ୍ୟ ଗୋଷ୍ଠୀ କର୍ମକର୍ତା ମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେବା, ଅଣ ସଙ୍ଗଠିତ ଶ୍ରମିକ ମାନଙ୍କୁ ଇ-ଲେବର କାର୍ଡ ସହ ଇନସ୍ୟୁରାନ୍ସ କରାଇବା ଓ ସମର୍ଦ୍ଧିତ କରିବା, ଦିତୀୟ ସର୍ଭିସ ସେଣ୍ଟରକୁ ଯାଇ ଜନ ଧନ ହିତାଧିକାରୀଙ୍କୁ ସାହାଯ୍ୟ ଓ ସମ୍ବର୍ଦ୍ଧିତ କରିବା, ପୁରାତନ କାର୍ତିରାଜର ସରଂକ୍ଷଣ ଓ ଭିତିଭୂମି ସ୍ୱଚ୍ଛତା ରକ୍ଷା, ସୈନିକ ସେନାନୀଙ୍କୁ ସମ୍ବର୍ଦ୍ଧିତ କରିବା, ପୋଷଣ ଅଭିଯାନକୁ ତ୍ୱରାନ୍ୱିତ କରି ଅଙ୍ଗନବାଡି ଓ ଆଶା କର୍ମୀଙ୍କୁ ସମ୍ବର୍ଦ୍ଧନା କରିବା, କିମ୍ବଦନ୍ତୀ, ସ୍ୱାଧୀନତା ସଂଗ୍ରାମୀ ଓ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧନା ସହିତ ସାହାଯ୍ୟ କରିବା ଏହିପରି ୧୫ଗୋଟି କାର୍ଯ୍ୟକୁ ଜିଲ୍ଲା, ମଣ୍ଡଳ ଓ ବୁଥ ସ୍ତରରେ ବିଜେପି କାର୍ଯ୍ୟକର୍ତା ମାନେ ୦୬.୦୪.୨୨ ଠାରୁ ୨୦.୦୪.୨୨ ପର୍ଯ୍ୟନ୍ତ ନିଜନିଜ ଅଂଚଳରେ ରହି ସାମାଜିକ ନ୍ୟାୟ ପକ୍ଷ ହିସାବରେ କରିବାକୁ ନିଷ୍ପତି ହୋଇଛି ।

# ଗଣେଶ ପୂଜା କମିଟି ପକ୍ଷରୁ ସିତେଶଙ୍କ ସ୍ମୃତିରେ ରକ୍ତଦାନ ଶିବିର

କେନ୍ଦୁଝର,୦୭/୦୪ (ନି.ପ୍ର): କେନ୍ଦୁଝର ଗଡର ମାଇନିଂ ରୋଡସ୍ଥିତ ଗଣେଷ ପୂଜା କମିଟି ପକ୍ଷରୁ ସିତେଶ ବାବୁଙ୍କ ସ୍ମୃତିରେ ବୁଧବାର ଦିନ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଗତ ୫ ବର୍ଷ ତଳେ କେନ୍ଦୁଝର ସହରରେ ଏକ ସଡକ ଦୁର୍ଘଟଣାରେ କମିଟିର ସଦସ୍ୟ ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ସ୍ମୃତିରେ ଏହି ଶିବିର ଆୟୋଜନ କରାଯାଇଛି। ଏହି ଶିବିରକୁ କେନ୍ଦୁଝର ଗଡ ପୌରାଧ୍ୟକ୍ଷ ନିକୁ ସାହୁ ଉଦ୍‌ଘାଟନ କରି ଖରା ଦିନରେ ରକ୍ତଦାନ ଶିବିର କମ୍ ସଂଖ୍ୟାରେ ଅନୁଷ୍ଠିତ ହେବା ଏବଂ ରକ୍ତଦାତାଙ୍କ ଆଗ୍ରହ କମୁଥିବା ସ୍ଥଳେ ଆମର ବହୁ ପରିମାଣର ରକ୍ତର ଆବଶ୍ୟକତା ରହିଛି ବୋଲି କହିଥିଲେ। ପିସିସି ର ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ଏହି ସମୟରେ ରକ୍ତଦାନ ଶିବିର ର ଆବଶ୍ୟକତା ଥିବା ବେଳେ ଗଣେଷ ପୂଜା କମିଟିର ସଦସ୍ୟା /ସଦସ୍ୟାମାନେ ଏଭଳି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବାରୁ କମିଟିର ସଦସ୍ୟମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଶିବିରରେ ମୋଟ ୧୦୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ରକ୍ତଦାନ ଶିବିର ପରିଚାଳନାରେ ବଜରଙ୍ଗି ଦାସ ମହାପାତ୍ର, ସଞ୍ଜୟ ମିଶ୍ର, ଅସିତନନ୍ଦନ ମହାନ୍ତି ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ ।

# ବିପଦସଂକୁଳ ଅବସ୍ଥାରେ ବ୍ରିଟିଶ ଅମଳର ସେତୁ

ଖୋର୍ଦ୍ଧା,୦୭/୦୪ (ନି.ପ୍ର): ବ୍ରିଟିଶ ଅମଳର ସେତୁ ଏବେ ବିପଦ ସଂକୁଳ ଅବସ୍ଥାରେ । ଏହି ସେତୁ ଉପରେ ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ହଜାର ହଜାର ଲୋକ ନିର୍ଭର କରିଥାନ୍ତି। ଏପରିକି ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଛାତ୍ର ଛାତ୍ରୀ ମାନେ ଏହି ସେତୁ ଦେଇ ଦୈନିକ ଯାତାୟାତ କରନ୍ତି। ହେଲେ ଏହାର ଅବସ୍ଥା ଏବେ ସଙ୍ଗୀନ ହୋଇଯିବାରୁ ଏହା ଏବେ ବିପଦ ସୃଷ୍ଟି କରିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅଂଚଳରେ। ବ୍ଲକର ଗୋବିନ୍ଦପୁର ମୁସଲିମ ସାହି ନିକଟରେ ଏହି ସେତୁଟି ରହିଛି। ଏହାର ମରାମତି ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ହେଉଥିଲେ ମଧ ଏହାର କୌଣସି ସମାଧାନ ହେଉନଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରୁଛନ୍ତି। ତେଣୁ ଖୁବ ଶୀଘ୍ର ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଆଗାମୀ ଦିନରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବ ବୋଲି ସ୍ଥାନୀୟ ଜନସାଧାରଣ ଚେତାବନୀ ଦେଇଛନ୍ତି। ଏପରିକି ଯଦି ଆଗାମୀ ଦିନରେ ଏହି ବ୍ରିଟିଶ ଅମଳର ସେତୁ ଉପରେ କିଛି ଅଘଟଣ ଘଟେ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସ୍ଥାନୀୟ ଅଂଚଳବାସୀ କହିଛନ୍ତି ।

# ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ

ଗଞ୍ଜାମ,୦୭/୦୪ (ନି.ପ୍ର): ମାତ୍ର ତିନି ଜଣ ଡାକ୍ତରରେ ଚାଲିଛି ଗଞ୍ଜାମ ଜିଲ୍ଲା ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର। ଏହି ଡାକ୍ତରଖାନାରେ ୬୦ ଟି ଶଯ୍ୟା ଥିବା ବେଳେ ଦୈନିକ ୩୦୦ ରୁ ଅଧିକ ଲୋକ ଚିକିତ୍ସା ପାଇଁ ଆସିଥାନ୍ତି । ସେହିପରି ମାସିକ ଶତାଧିକ ଗର୍ଭବତୀ ପ୍ରସବ ପାଇଁ ଆସିଥାନ୍ତି । ବାର୍ଷିକ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୦ ରୁ ଅଧିକ ଶବ ବ୍ୟବଚ୍ଛେଦ ହୋଇଥାଏ । କିନ୍ତୁ, ସବୁଠୁ ଦୁଃଖର ବିଷୟ ସବଡିଭିଜନ ଡାକ୍ତରଖାନାର ମାନ୍ୟତା ପାଇବା ପରେ ବି ଏହି ଡାକ୍ତରଖାନା ଅବ୍ୟବସ୍ଥାଘେରରେ ଚାଲିଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଶିଶୁରୋଗ ବିଶେଷଜ୍ଞ ଓ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସମେତ ମୋଟ୍ ୩ ଜଣ ଡାକ୍ତର ରହିଛନ୍ତି । କିନ୍ତୁ, ଅଧିକ ଦାୟୀତ୍ୱ ରହୁଥିବାରୁ ସେମାନେ ମଧ ରୋଗୀଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ପାରୁନାହାଁନ୍ତି । ଆସିକା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନିତ ହେବାକୁ ଇତିମଧ୍ୟରେ ୩ ବର୍ଷ ବିତିଛି । ହେଲେ ଅନେକ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ ସେଗୁଡିକୁ ପୂରଣ କରିବା ଦିଗରେ ଜିଲ୍ଲା ପ୍ରଶାସନ ଧାନ ଦେଉନାହିଁ । ଚିକିତ୍ସା ପାଇଁ ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆସିକା ସମେତ ଧରାକୋଟ, ଶେରଗଡ଼, ବେଲଗୁଣ୍ଠା, ବୁଗୁଡ଼ା, ସୋରଡ଼ା ଓ କବିସୂର୍ଯ୍ୟନଗର ବ୍ଲକର ଲୋକେ ନିର୍ଭର କରିଥାନ୍ତି । ମାସିକ ହାରାହାରି ୩୦୦ ରୁ ଅଧିକ ପ୍ରସୂତୀ ପ୍ରସବ ପାଇଁ ଏଠାକୁ ଆସିଥାନ୍ତି । ହେଲେ ଦୀର୍ଘ ବର୍ଷ ହେଲା ଏଠାରେ କେହି ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ନଥିବାରୁ ସେମାନେ ଅନେକ ସମସ୍ୟାରେ ପଡିଥାନ୍ତି । ୧୦ ବର୍ଷରୁ ଅଧିକ ହେବ ଓ.ଟି.ରେ ତାଲା ଝୁଲୁଛି । ଲକ୍ଷାଧିକ ଟଙ୍କାର ମେଡିକାଲ ଯନ୍ତ୍ରାଂଶ ପଡି ଖତ ଖାଉଛି । ବିଶେଷଜ୍ଞ ଅଭାବରୁ ବ୍ଲଡ ଷ୍ଟୋରେଜ୍ ୟୁନିଟ୍ ଅଚଳ ହୋଇପଡିଛି । ଲୋକେ ସରକାରୀ ଚିକିତ୍ସା ସୁବିଧା ନପାଇ ବାଧ ହୋଇ କ୍ଲିନିକ୍ ତଥା ବେସରକାରୀ ଚିକିତ୍ସା କେନ୍ଦ୍ରକୁ ଯାଇ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି ।
ଗତ କିଛି ବର୍ଷ ହେଲା ଆସିକା ସହରରେ ୧୫ ରୁ ଅଧିକ ଔଷଧ ଦୋକାନ ସ୍ୱାସ୍ଥ୍ୟସେବାର ଦାୟୀତ୍ୱ ନେଇଛନ୍ତି । ସେମାନଙ୍କ ନେତୃତ୍ୱରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ ବିଶେଷଜ୍ଞ ଡାକ୍ତର ଆସି ଏଠାରେ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି । ଔଷଧ ଦୋକାନ ସମ୍ମୁଖରେ ଘଂଟା ଘଂଟା ଧରି ରୋଗୀଙ୍କ ଧାଡି ଲାଗୁଛି । ଅନେକ ବରିଷ୍ଠ ନାଗରିକ ଓ ପ୍ରସୂତି ଉପଯୁକ୍ତ ଚିକିତ୍ସା ପାଇବାରୁ ବଂଚିତ ହେଉଛନ୍ତି । ଏପରି ସ୍ଥିତିରେ ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ଛୋଟରୁ ଛୋଟ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ରୋଗୀଙ୍କୁ ବ୍ରହ୍ମପୁର ବଡ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ଏହା ଉପରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ମହନ୍ତପୁଟରେ ଉତ୍କଟ ଜଳ ସଙ୍କଟ

ଜୟପୁର ,୦୭/୦୪ (ନି.ପ୍ର): ଗ୍ରୀଷ୍ମ ଆରମ୍ଭରୁ ଉତ୍କଟ ଜଳ ସମସ୍ୟା। ପାଣି ଟୋପାଏ ପାଇଁ ଡହଳବିକଳ ଗ୍ରାମବାସୀ । ନଳକୂପ ମୂଳରେ ଲାଗୁଛି ଲମ୍ବା ଲାଇନ। ଏମିତିକି ବିଦ୍ୟାଳୟରେ ପାଣି ଅଭାବ ଲାଗି ହନ୍ତସନ୍ତ ହେଉଛନ୍ତି କୁନିକୁନି ପିଲାମାନେ । ଏଭଳି ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଛି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଶମନ୍ତପୁର ପଂଚାୟତର ମହନ୍ତପୁଟ ଗ୍ରାମରେ । ଏନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ୮୦ ପରିବାର ବିଶିଷ୍ଟ ମହନ୍ତପୁଟ ଗ୍ରାମରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ତରଫରୁ ପାଣି ଟାଙ୍କି ବସାଯାଇଥିଲା ଏବଂ ଗାଁ ର ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ଏବଂ ଟ୍ୟାପ ଲଗାଯାଇଥିଲା, ପୁଣି ପାଣି ଟାଙ୍କିରେ ପାଣି ଉଠାଇବା ପାଇଁ ସ୍ୱତନ୍ତ୍ର ଭାବେ ଟ୍ରାନସଫର୍ମର ଏବଂ ସୋଲାର ପ୍ଲେଟ ମଧ ଖଞ୍ଜା ଯାଇଥିଲା । ତେବେ ଗତ ଛଅ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଏହି ଟ୍ରାନସଫର୍ମର ଏବଂ ସୋଲାର ଅକାମୀ ହୋଇ ପଡ଼ିଥିଲେ ମଧ ଆଜିଯାଏ ମରାମତି ହୋଇପାରିନାହିଁ। । ଗ୍ରାମରେ ରହିଥିବା ଦୁଇଟି ନଳକୂପ ମଧ୍ୟରୁ ଗୋଟିଏ ସଂପୂର୍ଣ୍ଣ ଅଚଳ ହୋଇ ପଡିଥିବା ବେଳେ ଆଉ ଗୋଟିଏ ନଳକୂପ ଉପରେ ଗାଁ ର ୮୦ଟି ପରିବାର ନିର୍ଭର କରନ୍ତି । ରାତିପାହିଲେ ନଳକୂପ ମୂଳରେ ଲାଗୁଛି ଲମ୍ବା ଲାଇନ । ଆଉ ଘଂଟା ଘଂଟା କାଳ ଅପେକ୍ଷା କରିବାକୁ ପଡିଥାଏ ମହିଳା ମାନଙ୍କୁ। ଅଚଳ ପାଣି ଟାଙ୍କି ଯୋଗୁଁ ଗ୍ରାମରେ ରହିଥିବା ପ୍ରାଥମିକ ବିଦ୍ୟାଳୟ ଏବଂ ଅଗଂନବାଡି କେନ୍ଦ୍ରରେ ପାନୀୟ ଜଳର ଅସୁବିଧା ଦେଖାଦେଇଛି। ବିଦ୍ୟାଳୟରେ ପାଣିର ଅଭାବ ଯୋଗୁଁ ଟୋପାଏ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି କୁନିକୁନି ପିଲାମାନେ ବୋଲି ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ପ୍ରକାଶ କରିଛନ୍ତି ।

# ବରୀ ନିର୍ବାଚନ ମଣ୍ଡଳୀରେ ବିଶାଳ ସମ୍ବର୍ଦ୍ଧନା ସଭା

ଧର୍ମଶାଳା,୦୭/୦୪ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାଥପୁରସ୍ଥିତ ଓମ୍‌କାର ମଣ୍ଡପ ପରିସରରେ ନବ ନିର୍ବାଚିତ ଲୋକପ୍ରତିନିଧିମାନଙ୍କ ଉଦ୍ଦେଶ୍ୟରେ ଏକ ବିଶାଳ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବରୀ ବ୍ଲକ ସଭାପତି କେଦାର ନାଥ ସାମଲଙ୍କ ସଭାପତିତ୍ୱରେ ବରୀ ବିଧାୟିକା ସୁନନ୍ଦା ଦାସ ଓ ସମ୍ମାନୀତ ଅତିଥିଭାବେ ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ ଯୋଗ ଦେଇ ବରୀ ବିକାଶକୁ ଧାରାକୁ ଆଗକୁ ନେଇ ପାଇଁ ଚଳିତ ପଂଚାୟତ ନିର୍ବାଚନରେ ନିର୍ବାଚିତ ହୋଇଥିବା ଲୋକ ପ୍ରତିନିଧିମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ । ଜିଲାପରିଷଦ ସଭ୍ୟ ଅଶୋକ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକମରେ ଯାଜପୁର ଜିଲା ପରିଷଦ ଅଧ୍ୟକ୍ଷା,ଉପାଧ୍ୟକ୍ଷ,ରସୁଲପୁର ବ୍ଲକ ପଂଚାୟତ ସମିତି ଅଧ୍ୟକ୍ଷ,ଉପାଧ୍ୟକ୍ଷ,ବରୀ ନିର୍ବାଚନ ମଣ୍ଡଳୀର ବ୍ଲକ ଉପାଧ୍ୟକ୍ଷ ,ସ୍ଥାନୀୟ ସରପଂଚ,ସମିତିସଭ୍ୟସଭ୍ୟା ଓ ଜିଲା ପରିଷଦ ସଭ୍ୟସଭ୍ୟ ପ୍ରମୁଖଙ୍କୁ ମୁଖ୍ୟ ଅତିଥି ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ସମସ୍ତ ବରିଷ୍ଠ ସଭ୍ୟସଭ୍ୟା ଯୋଗ ଦେଇଥିଲେ ।

# ଭୀମଡୁଙ୍ଗୁରୀ ନୌବିହାର ପ୍ରକଳ୍ପ ଉଦ୍‌ଘାଟନ କଲେ ନରସିଂହ ମିଶ୍ର

ବଲାଙ୍ଗୀର ,୦୭/୦୪ (ନି.ପ୍ର): ଗତ ୭ ବର୍ଷ ହେବ ଭୀମଡୁଙ୍ଗୁରି ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ପ୍ରଚେଷ୍ଟା ଚାଲିଛି । ଯଦିଓ ଏହି ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଆହୁରି କିଛି ସମୟ ଲାଗିବ ତା ସତ୍ୱେ ମଧ ଯେତେ ଅନୁଦାନ ଆସିଛି ସେହି ରାଶିକୁ ନେଇ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ଏଠାକାର ବିରଳ ଗୁମ୍ଫାକୁ ପାହାଚ, ସୁରକ୍ଷା ବାଡ, ଯାତ୍ରୀ ନିବାସ, ଶୌଚାଳୟ, ଶିଶୁ ଉଦ୍ୟାନ ଏବଂ ଏଠାରେ ଥିବା ଭୀମକଟାର ବିକାଶ ସାଙ୍ଗକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଆଜି ନୌକାବିହାର ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି । ଆଶା ପର୍ଯ୍ୟଟନ ସହିତ ଏହି ଯୋଜନା ଏଠିକାର ଜନସାଧାରଣଙ୍କ ପାଇଁ ତାଙ୍କର ଆର୍ଥିକ ବିକାଶରେ ନିଶ୍ଚିତ ଭାବରେ ସହାୟକ ହେବ ବୋଲି ଆଜି ଦେଓଗାଁ ବ୍ଲକ୍ ମୁକୁନ୍ଦପୁର ଗ୍ରାମପଂଚାୟତସ୍ଥିତ ଭୀମଡୁଙ୍ଗୁରି ପର୍ଯ୍ୟଟନସ୍ଥଳୀ ଭୀମକଟାରେ ନୌକାବିହାର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଅବସରରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କହିଛନ୍ତି।
ଆଜି ପୂର୍ବାହ୍ନ ୧୦ଟା ସମୟରେ ବିଧାୟକ ଶ୍ରୀ ମିଶ୍ର ନୌକାବିହାର ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ନିତିଶ କୁମାର ଓ ଦେଓଗାଁ ବ୍ଲକ୍ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତ ଛତ୍ରିଆ ଉପସ୍ଥିତ ଥିଲେ । ଏହା ପର୍ଯ୍ୟଟକଙ୍କୁ ବହୁ ମାତ୍ରାରେ ଆକୃଷ୍ଟ କରିବ ଏବଂ ଏହା ଏହି ଅଂଚଳର ଆର୍ଥିକ ବିକାଶରେ ସହାୟକ ହେବ ବୋଲି ସେ କହିଥିଲେ । ଏହି ପାହାଡରେ ୬୨ଟି ପ୍ରାକୃତିକ ଗୁମ୍ଫା ରହିଛି । ଏହି ଗୁମ୍ଫା ସହ ଘଂଚ ଜଙ୍ଗଲ, ବନ୍ୟ ସମ୍ପଦ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ବର୍ତମାନ ପର୍ଯ୍ୟନ୍ତ ଗୋଟିଏ ଗୁମ୍ଫାକୁ ରାସ୍ତା ତିଆରି ସରିଛି। ଆଗକୁ ଅନ୍ୟ ସବୁ ଗୁମ୍ଫାକୁ ରାସ୍ତା ତିଆରି ହେବ। ଏଠାରେ ଆଗକୁ ଏକ ଡିଅର ପାର୍କ ପ୍ରତିଷ୍ଠା ହେବ । ଏନେଇ କେନ୍ଦ୍ରୀୟ ଅନୁମତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଜଳାଶୟର ଜଳଧାରଣ କ୍ଷମତା ବୃଦ୍ଧି ସକାଶେ ପଦକ୍ଷେପ ଗ୍ରହଣ କରାଯିବାକୁ ବିଧାୟକ ଶ୍ରୀ ମିଶ୍ର ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖୁବ୍ ଶୀଘ୍ର ଜଳଧାରଣା କ୍ଷମତା ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବେ ବୋଲି ଡିଏଫ୍‌ଓ ଶ୍ରୀ କୁମାର ପ୍ରତିଶ୍ରୁତି ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବନାଂଚଳ ଅଧିକାରୀ କେଶବ କିଶୋର ନାୟକଙ୍କ ସହ ଫରେଷ୍ଟର, ଫରେଷ୍ଟ ଗାର୍ଡ, ପାରା ଗାର୍ଡ ତଥା ସମସ୍ତ ୱାଇଲ୍ଡ ଲାଇଫ୍ ସ୍କ୍ୱାର୍ଡ ଉପସ୍ଥିତ ଥିଲେ । ଏହି ଉଦ୍‌ଘାଟନ ସମାରୋହକୁ ସଫଳ କରିବା ପାଇଁ ଦେଓଗାଁ ବ୍ଲକ୍ ସ୍ଥିତ ମହଲେଇ, ଜରାସିଂହା, ହାତୀସରା, କୁତୁର୍ଲା, ବନ୍ଧପଡା, ଦେଷଣ୍ଟେ, ସିଂହାମୁଣ୍ଡା, ଡୁମ୍ବେରପିଟା ପଂଚାୟତର ସମିତି ସଭ୍ୟ, ଜମିଦାର ଦୁର୍ଗା ସିଂଦେଓ, ରାମଜୀ ଚୌଧୁରୀ, କାନ୍ତେଶ୍ୱର ପ୍ରଧାନ, ପପୁ ପାତ୍ର, ଅସିତ ମିଶ୍ର, ଅନ୍ତ ବେହେରା, ମୟ ପ୍ରଧାନୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ

ଜୟପୁର ,୦୭/୦୪ (ନି.ପ୍ର): ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି । ଏଥିରେ ପ୍ରଧାନଶିକ୍ଷକ ଅରବିନ୍ଦ ଚରଣ ମହାପାତ୍ର, ବିଜ୍ଞାନ ଶିକ୍ଷକ ଶକୁନ୍ତଳା ଦାସ ଚୌଧୁରୀ, ଏନ ବି ଭାସ୍କର ଅମ୍ମା, ସବିତା ପଟ୍ଟନାୟକ, ସ୍ୱର୍ଣ୍ଣଲତା ମିଶ୍ର, ଜୟ ଲକ୍ଷ୍ମୀ ଜେନା, ଅଶୋକ କୁମାର ଖରଚଲିଆ, ରବିନ୍ଦ୍ର ସ୍ୱାଇଁ, ସଂଯୁକ୍ତା ସାମନ୍ତ ପ୍ରମୁଖ ସହଯୋଗ କରିଥିଲେ। ଏହି ବିଜ୍ଞାନ ମେଳାରେ ୧୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ୫ଟି ପ୍ରକଳ୍ପକୁ ଚୟନ କରାଯାଇ ବ୍ଲକ ସ୍ତରୀୟ ବିଜ୍ଞାନ ମେଳାକୁ ପଠାଯାଇଛି ।

# ଅନାବାଦି ଗୋଚର ଜମି ଚିହ୍ନଟ ଓ ଖେଳପଡିଆ ନିର୍ମାଣ ପାଇଁ ଦାବି

କେନ୍ଦ୍ରାପଡ଼ା,୦୭/୦୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ କଳମଡା ଶାସନ ଗ୍ରାମବାସୀ ଓ ଯୁବକ ମାନଙ୍କ ପକ୍ଷରୁ ଗ୍ରାମରେ ଥିବା ଅନାବାଦି ଗୋଚର ଆଦି ସରକାରୀ ଜମି ଚିହ୍ନଟ ସହ ଏକ ସର୍ବ ସାଧାରଣ ଖେଳ ପଡିଆ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ଠାରେ ଦାବି କରାଯାଇଛି । ଏନେଇ କଳମଡା ଶାସନର ମା' ତାରିଣୀ କ୍ରିକେଟ କ୍ଲବର ସଦସ୍ୟ ମାନେ ଏକ ଲିଖିତ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣାଙ୍କୁ ପ୍ରଦାନ କରି ତୁରନ୍ତ ଖେଳ ପଡିଆ ନିର୍ମାଣ ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଛନ୍ତି । ପ୍ରକାଶ ଥାଉକି, ଏହି ଗ୍ରାମରେ କୌଣସି ସର୍ବ ସାଧାରଣ ଖେଳ ପଡିଆ ନଥିବାରୁ ଗ୍ରାମର ଯୁବକ ଯୁବତୀ ମାନେ ଶାରିରୀକ ଶିକ୍ଷା ଓ କ୍ରୀଡା କୌଶଳ ଲାଭ କରି ପାରୁ ନାହାଁନ୍ତି । ଅପରପକ୍ଷରେ ଗ୍ରାମର ଶହ ଶହ ଏକର ଗୋଚର, ଅନାବାଦି ଜମି ଗୁଡିକୁ ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ବ୍ୟକ୍ତିଗତ ବ୍ୟବହାରରେ ଲଗାଉଥିବାରୁ ଗ୍ରାମର ଗୋ-ସମ୍ପଦ ଚାରଣ ଭୂମି ଅଭାବରୁ କ୍ଷତିଗ୍ରସ୍ତ ହେଉଛନ୍ତି । ସରକାରୀ ଅମିନ ଦ୍ୱାରା ମାପଚୁପ କରାଯାଇ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରି ଖେଳ ପଡିଆ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ସସ୍ମିତା ମଲିକ, ରଶ୍ମିତା ମଲିକ, ପ୍ରମୋଦ ମଲିକ, ଆରତୀ ଦାସ, ଗୋବିନ୍ଦ ବାରିକ, ଜୟନ୍ତ ବାରିକ, ସୁରେନ୍ଦ୍ର କୁମାର ଦାସ ଓ ହୃଦାନନ୍ଦ ଦାସ ପ୍ରମୁଖ ଯୁବ କ୍ରୀଡାବିତ୍ ମାନେ ଖେଳ ପଡିଆ ପାଇଁ ଦାବି କରିଛନ୍ତି ।

# ଆରଡବ୍ଲ୍ୟୁଏସ୍ଏସ୍ ଡିଭିଜନ୍ କେଳେଙ୍କାରୀ : ନଳକୂଅ ନଥାଇ ଜଳ ନମୁନା ସଂଗ୍ରହ



ଯାଜପୁର,୦୭/୦୪ (ନି.ପ୍ର): ଯାଜପୁର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଡିଭିଜନ (ଆରଡବ୍ଲୁଏସ୍ଏସ୍)ରେ ପାନୀୟ ଜଳ ଯୋଗାଣ ଓ ପରିଚାଳନାରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଛି। ଅନେକ ସ୍ଥାନରେ କେବଳ କାଗଜପତ୍ରରେ ଲୋକଙ୍କୁ ପିଇବା ପାଣି ଯୋଗାଣ ହେଉଛି। ସେହିପରି ନଳକୂପ ନଥାଇ ମଧ କାଗଜପତ୍ରରେ ଜଳ ନମୁନା ସଂଗ୍ରହ ହେଉଥିବା ତଥ୍ୟ ପ୍ରମାଣ ମିଳିଛି। ବର୍ଷ ବର୍ଷ ଧରି ଅଚଳ ଥିବା ନଳକୂପରୁ ମଧ କର୍ମଚାରୀ କିପରି ଜଳ ସଂଗ୍ରହ କରି ପରୀକ୍ଷା କଲେ ସେ ନେଇ ପ୍ରଶ୍ନ ଉଠୁଛି। ଯାଜପୁର ଜିଲ୍ଲାରେ ଆରଡବ୍ଲୁଏସ୍ଏସ୍ ଡିଭିଜନ ଅଧୀନରେ ପାନୀୟ ଜଳ ମାନ ପରୀକ୍ଷା ପାଇଁ ତିନିଟି କେନ୍ଦ୍ର ରହିଛି। ସୁକିନ୍ଦା ଓ ଯାଜପୁର ଉପଖଣ୍ଡରେ ୨ଟି ପରୀକ୍ଷା କେନ୍ଦ୍ର ରହିଥିବା ବେଳେ ଗୋଟିଏ ଚଣ୍ଡିଖୋଲ ଡିଭାଜନ କାର୍ଯ୍ୟାଳୟରେ ରହିଛି। ସରକାରୀ ତଥ୍ୟ ମୁତାବକ ଡିଭିଜନ କାର୍ଯ୍ୟାଳୟରେ ଥିବା ପରୀକ୍ଷା କେନ୍ଦ୍ରରେ ଏପ୍ରିଲ ୨୦୨୧ ଠାରୁ ୨୦୨୨ ଜାନୁଆରି ମଧ୍ୟରେ କେବଳ ବଡ଼ଚଣା ବ୍ଲକ୍‌ର ବିଭିନ୍ନ ପାନୀୟ ଜଳ ଉତ୍ସରୁ ୬୦୭ଟି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ହୋଇଛି। ବଡ଼ଚଣା ବ୍ଲକର ବାଲିପଡ଼ିଆ ପଞ୍ଚାୟତ ଦେକୁଡ଼ି ଗ୍ରାମର ହରିଜନ ସାହିରେ ଥିବା ନଳକୂଅଟି ଦୀର୍ଘ ୨ ବର୍ଷ ହେବ ଅଚଳ ହୋଇପଡ଼ିଛି। ଏହି ପଞ୍ଚାୟତର ପୂର୍ବ ବାଲିପଡ଼ିଆ ସେଠୀସାହିରେ କୌଣସି ନଳକୂଅ ନାହିଁ। ବାଲିପଡ଼ିଆ ପଞ୍ଚାୟତରେ ଚନ୍ଦନପୁର ନାମରେ କେ ?ଣସି ଗାଁ ନାହିଁ। ସେହିପରି ଦେକୁଡ଼ି ଗୋପାଳ ସାହିରେ ଥିବା ନଳକୂଅଟି ଦୀର୍ଘଦିନ ହେବ ଅଚଳ ହୋଇପଡ଼ିଛି। ଅଥଚ ଏହି ସବୁ ସ୍ଥାନର ନଳକୂପଗୁଡ଼ିକରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କେନ୍ଦ୍ରକୁ ପଠାଯାଇଛି। ଜଳର ନମୁନା ମଧ ପରୀକ୍ଷା କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ବିନା ନଳକୂପରେ କିପରି ଜଳ ନମୁନା ସଂଗ୍ରହ କରାଗଲା ? ଏହି ଜଳ ନମୁନା କିଏ, କେମିତି ଏବଂ କେଉଁଠି ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇଲେ ବୋଲି ପ୍ରଶ୍ନ ଉଠୁଛି। ସେଥିରୁ କିଛି ନମୁନା ରାଜ୍ୟ ପରୀକ୍ଷାଗାରକୁ ପଠାଯାଇ ପରୀକ୍ଷା କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ଜିଲ୍ଲାରେ କାଗଜପତ୍ରରେ ଜଳ ଯୋଗାଣ ଓ ମିଥ୍ୟା ଜଳ ନମୁନା ପରୀକ୍ଷା ରିପୋର୍ଟ ଘଟଣାରୁ ଅଧିକାରୀଙ୍କ ତାହା ମିଛ ଧରାପଡ଼ିଯାଇଛି।

# ଘରକରଣା ଡ୍ରୟର ମ୍ୟାନେଜମେଣ୍ଟ

ଡ୍ରୟରରେ ଅନେକ ଜିନିଷ ଏକାଠି ରଖି ହୁଏ । ହେଲେ ସଜାଡ଼ି ନରଖିଲେ ଅସୁବିଧା । ଡ୍ରୟର ସଜାଇବାର ଉପାୟ ଜାଣିଲେ ଜିନିଷ ସଜାଡ଼ି ରଖିବା ସହ ଦରକାର ବେଳେ ସହଜରେ ପାଇପାରିବେ । ରୁମାଲ ଇସ୍ତ୍ରୀ କରି ରଙ୍ଗ ଅନୁଯାୟୀ ସଜାନ୍ତୁ । ଖୋଜିବା ସହଜ ହେବ । ଘଣ୍ଟା ନିର୍ଦ୍ଦିଷ୍ଟ ବାକ୍ସରେ ରଖନ୍ତୁ । ଏକାଧିକ ହାତ ଘଣ୍ଟା ଥିଲେ ଅଲଗା ବାକ୍ସରେ ରଖନ୍ତୁ ।



### ଷ୍ଟଡି ଡ୍ରୟର:

ବିଷୟ ଅନୁଯାୟୀ ନୋଟ୍ ବୁକ୍ ଅଲଗା ଅଲଗା ଡ୍ରୟରରେ ରଖନ୍ତୁ ।
ବହି ଗୁଡ଼ିକୁ ଉପର ଖାକରେ ଆଲ୍ଫାବେଟିକଲି ସଜକାଡ଼ି ରଖନ୍ତୁ । ରେଫରେନ୍ସ ବହି ତଳ ଥାକରେ ରଖନ୍ତୁ ।

### କିଚେନ ଡ୍ରୟାର:

ଛୁରୀ, କଣ୍ଟା ରଖିବାକୁ ଡ୍ରୟରରେ ଟୁ-ଟାୟାର କଟଲେରି ଟ୍ରେ ସେଟ୍ କରନ୍ତୁ । କଟଲେରି ଟ୍ରେ ନାନା ଆକାରରେ ମିଳେ । ଡ୍ରୟରର ମାପ ଅନୁଯାୟୀ ବାଛି ନିଅନ୍ତୁ ।
ମସଲା ଡବା ରଖିବାକୁ ଡ୍ରୟର ଭିତରେ ଚାରିଟି କାଠ ର୍ୟାକ ଲଗାଇଲେ ଡବା ଓଲିଟିବ ନାହିଁ । ସ୍ପାଇସ ର୍ୟାକ ମଧ୍ୟ ଲଗାଇପାରନ୍ତି ।
ମସଲା, ସୁପ୍, ନୁଡଲ୍ସ, ମଇଦା ଭଳି ଜିନିଷ ଆଲଫା ବେଟିକାଲି ସଜାଇ ରଖନ୍ତୁ ।
ଦୈନନ୍ଦିନ ବ୍ୟବହୃତ ବାସନ, ପ୍ଲେଟ ସାମନା ଡ୍ରୟରରେ ରଖନ୍ତୁ । ସ୍କାଶ୍, ଫ୍ରୁଟଜୁସ୍, ସୋଡ଼ା ବୋତଲ ଆଦି ତଳ ଡ୍ରୟରରେ ରଖନ୍ତୁ । ରୋଷେଇ ଘର ଡ୍ରୟାରର ସାମନା ପଟେ କାଠ ବଦଳରେ କାଚ ଲଗାନ୍ତୁ । ଜିନିଷ ସହଜରେ ପାଇବେ ।
ଲୁହା ଖଡ଼ିକା, ନନଷ୍ଟିକରେ ବ୍ୟବହୃତ କାଠର ବିଭିନ୍ନ ସାମଗ୍ରୀ ଅଲଗା ରଖନ୍ତୁ ।

### ଡ୍ରେସିଂ ଟେବଲ ଡ୍ରୟର:

ଡ୍ରେସିଂ ଟେବଲ ଡ୍ରୟର ସଂଖ୍ୟା ଅନୁଯାୟୀ ଜନିଷ ଭାଗ କରିନିଅନ୍ତୁ ।
ପାନିଆ, ହେୟାର କ୍ଲିପ୍, ହେୟାର ପିନ, ରିବନ, ରବର ବ୍ୟାଣ୍ଡ ଭଳି କେଶସଜ୍ଜା ଉପରକଣକୁ ଅଲଗା ଅଲଗା ଡ୍ରୟର ଭିତରେ ରଖନ୍ତୁ । ପେନ, ଫୋନ ଡାଏରି, ରାଇଟିଂ ପ୍ୟାଡ୍, ଷ୍ଟେପଲର, ଟର୍ଚ୍ଚ ଆଦି ହାତ ପାହାନ୍ତାରେ ତଥା ଉପର ଡ୍ରୟରରେ ରଖନ୍ତୁ । ବୋର୍ଡ ପିନରେ ଡ୍ରୟର୍ ଚାରିପଟେ ଲେସ ଲଗାନ୍ତୁ । ଏଥିରେ ଫେଲ୍ଟ ପେପର ଲଗାଇ ଛୁଞ୍ଚି, ସେଫଟି ପିନ ଭଳି ଜିନିଷ ଗୁନ୍ଥି ପାରନ୍ତି । ସୂତା ରିଲ୍ ବାକ୍ସରେ ରଖି କଇଁଚି ଆକାରର ଫୋଲ୍ଡର ତିଆରି କରି କଇଁଚି ରଖନ୍ତୁ ।
ଡ୍ରୟରକୁ ଚାରି ଭାଗରେ ବିଭକ୍ତ କରି କାନଫୁଲ ଝୁଲାନ୍ତୁ । ହାରଗୁଡ଼ିକୁ ଅଲଗା ବାକ୍ସରେ ରଖନ୍ତୁ । ମିଶିବ ନାହିଁ ଥାକରେ ନେଲ ପଲି, ଆଇ ଲାଇନର ଓ ଲିପଷ୍ଟିକ୍ ରଖନ୍ତୁ । ଡ୍ରୟର ଡିଭାଇଡରରେ ମେକ୍ ଅପ୍ କିଟ୍ ରଖନ୍ତୁ।
ସୁନ୍ଦର ଜୁଏଲାରୀ ବାକ୍ସ ବ୍ୟବହାର କରନ୍ତୁ। ତାଚ ପାତ୍ରରେ ବି ଗହଣା ରଖିପାରିବେ ।



### କ୍ୟାଶ୍ ଡ୍ରୟର:

ଡ୍ରୟାରରେ ଚାରଟି ଥାକ ତିଆରି କରନ୍ତୁ ।
ଚାରିଟି କଏନ କଣ୍ଟେନର ରଖନ୍ତୁ । ୫୦ପଇସା, ୧ଟଙ୍କା ୨ଟଙ୍କା , ୫ଟଙ୍କା ଅଲଗା ରଖନ୍ତୁ ।
ଡ୍ରୟରରେ ୧୦,୨୦, ୫୦, ୧୦୦, ୫୦୦ ଟଙ୍କା ନୋଟ ଗୁଡ଼ିକୁ ଅଲଗା ଅଲଗା ଥାକରେ ରଖନ୍ତୁ ।
ଚେକ୍ ବହି, ସାଲାରିସ୍ଲିପ୍, ଟେଲିଫୋନ ବିଲ ଆଦି ଅଲଗା ଫୋଲ୍ଡରରେ ରଖନ୍ତୁ ।
କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ଆଦି ମନି ପର୍ସରେ ରଖନ୍ତୁ ।

### ଆକ୍ସେସରିଜ ଡ୍ରୟର :

ଯୋଡ଼ି ଅନୁଯାୟୀ ମୋଜା ରଖନ୍ତୁ । ପ୍ରତିଦିନ ପିନ୍ଧୁଥିବା ସୂତା ମୋଜାରେ କ୍ଲିପ୍ ଲଗାଇ ଶେଲ୍ଫରେ ରଖନ୍ତୁ ।
ଶୀତଦିନର ଉଲ ଓ ସିନ୍ଥେଟିକ୍ ମୋଜାରେ ଗନ୍ଧ କର୍ପୂର ଦେଇ ରଖନ୍ତୁ ।
ପୁରୁଣା ମୋଜା ଡ୍ରୟରରେ ନପରଖି ଡଷ୍ଟର ଭାବେ ବ୍ୟବହାର କରିପାରନ୍ତି ।
ଅନ୍ତଃ ବସ୍ତ୍ର ନିର୍ଦ୍ଦିଷ୍ଟ ପ୍ୟାକରେ ରଖନ୍ତୁ । ରଙ୍ଗ ବା ବ୍ୟବହାର ଅନୁଯାୟୀ ମଧ୍ୟ ରଖିପାରିବେ ।

# ରାତିରେ ଶୋଇବା ପୂର୍ବରୁ ବାସନ ମାଜନ୍ତି ବିଲ୍ ଗେଟ୍ସ ଓ ଜେଫ୍ ବେଜୋସ !

ବିଶ୍ୱର ବଡ କମ୍ପାନିଗୁଡିକର ସହ-ପ୍ରତିଷ୍ଠାତା ଏବଂ ସିଇଓମାନଙ୍କ ଜୀବନଯାପନ ପ୍ରଣାଳି କିପରି ସେ ସଂପର୍କରେ ଜାଣିବା ଲାଗି ଅନେକଙ୍କ ମନରେ କୌତୁହଳ ରହିଥାଏ। ଏତେ ବଡ଼ ବଡ଼ କମ୍ପାନି ସମ୍ଭାଳିବା ସହ ଏତେ ଅଧିକ ସମ୍ପତ୍ତିର ମାଲିକ ହେବା ପରେ ସେମାନେ ପ୍ରତିଦିନର ପ୍ରତିଯୋଗିତାକୁ କିଭଳି ଶାନ୍ତ ମନରେ ସାମ୍ନା କରନ୍ତି, ଏ ବିଷୟରେ ଆପଣଙ୍କର ଜାଣିବାର ଇଚ୍ଛା ନିଶ୍ଚୟ ଥିବ। ତେବେ ପୃଥିବୀର ବୃହତ କମ୍ପାନି ଚଳାଉଥିବା ବ୍ୟକ୍ତିମାନେ ମସ୍ତିଷ୍କକୁ ଶାନ୍ତ ରଖିବା ସହ ଆରାମ ଦେବା ପାଇଁ ଅତି ସାଧାରଣ କାମ କରୁଥିବା ଜଣାପଡ଼ିଛି। ଆମାଜନର ପୂର୍ବ ସିଇଓ ଜେଫ୍ ବେଜୋସ ଓ ମାଇକ୍ରୋସଫ୍ଟର ପୂର୍ବତନ ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ନିଜ ମସ୍ତିଷ୍କକୁ ଶାନ୍ତ ଓ ଚାପମୁକ୍ତ ରଖିବା ପାଇଁ ରାତିରେ ବାସନ ମାଜନ୍ତି ବୋଲି କହିଛନ୍ତି। ୨୦୧୪ରେ ଆମାଜନର ପୂର୍ବ ସିଇଓ ଜେଫ୍ ବେଜୋସ ଏକ ସାକ୍ଷାତକାରରେ କହିଥିଲେ ଯେ, ମୁଁ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ବାସନ ମାଜେ। ଏହା ଶୁଣିବାକୁ ଟିକେ ଆଶ୍ଚର୍ଯ୍ୟ ଲାଗୁଥିବ। କିନ୍ତୁ ଏହା ସତ। ସେହିଭଳି ବିଲ୍ ଗେଟ୍ସ କହିଥିଲେ ଯେ, ମୁଁ ଶୋଇବା ପୂର୍ବରୁ ବାସନ ମାଜିବାକୁ ଭଲପାଏ। ମୋତେ ସାହାଯ୍ୟ କରିବା ପାଇଁ ଲୋକ ଥିଲେ ବି ମୁଁ ମୋର ବାସନ ମାଜିବା ଶୈଳୀକୁ ଅଧିକ ଭଲପାଏ। ବାସନ ମାଜି ସାରିବା ପରେ ମୁଁ ବହି ପଢ଼େ। ତେବେ ଲୋକେ ନିଜ କାମର ଚାପକୁ କମ କରିବା ପାଇଁ ଭିନ୍ନ ଭିନ୍ନ କାମ କରିଥାନ୍ତି। ଭଲ ନିଦ ପାଇଁ ବହି ପଢ଼ିବା ଓ ଯୋଗ କରିବା ଭଳି କାମ କରିଥାନ୍ତି ଲୋକେ। ଏଭଳି ସ୍ଥିତିରେ ଭଲ ନିଦ ପାଇଁ ଓ କାମର ଚାପକୁ ହ୍ରାସ କରିବା ପାଇଁ ବିଲ ଗେଟ୍ସ ଓ ବେଜୋସ କରୁଥିବା କାମ ଅନନ୍ୟ ନିଶ୍ଚୟ।



# ଓଜନ କମ କରିବାର ଉପାୟ

ପ୍ରତି ୧୦ଜଣରେ ୫ଜଣ ଓଜନ ବଢ଼ିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କେତେଜଣଙ୍କ ଅଭିଯୋଗ ଯେ ସେମାନେ ଆବଶ୍ୟକତାଠାରୁ କମ ଭୋଜନ କରିବା ସତ୍ତ୍ୱେ ଓ ପ୍ରତ୍ୟହ ବ୍ୟାୟାମ କରିବା ପରେ ମଧ ଓଜନ କମ ହେଉନାହିଁ । ଏ ବାବଦରେ ବିଶେଷଜ୍ଞଙ୍କ ମତ ଯେ କେତୋଟି ନିୟମ ମାନି ଚଳିଲେ ଓଜନ ଆଦୌ ବଢ଼ିନଥାଏ । ବ୍ୟସ୍ତତାଭରା ଜୀବନ ଶୈଳୀରୁ ଅଳ୍ପ ସମୟ ବାହାର କରି ଦୈନିକ ସକାଳେ ଜଳଖିଆ କରିବା ପୂର୍ବରୁ ଡାଲଚିନି ଚା ପିଇବାର ଅଭ୍ୟାସ କରନ୍ତୁ । ଆଣ୍ଟି ଅକ୍ସିଡାଣ୍ଟ ଭରପୂର ଡାଲଚିନି ଶରୀରର ରୋଗପ୍ରତିରୋଧକ ଶକ୍ତି ପଢ଼ାଇବା ସହ ଓଜନକୁ ମଧ ନିୟନ୍ତ୍ରଣରେ ରଖେ । ରାତିରେ ଶୋଇବା ପୂର୍ବରୁ ୧କପ୍ ପାଣିରେ ଫାଳେ ଡାଲଚିନି ଖଣ୍ଡ ପକାଇ ଦିଅନ୍ତୁ । ସକାଳୁ ସେହି ପାଣିକୁ ଅଧ କପ୍ ହେଲା ପର୍ଯ୍ୟନ୍ତ ଫୁଟାଇ ପିଅନ୍ତୁ । ୧ମାସ ଏହି ଡାଲଚିନି ଚା' ପିଇଲେ ଫରକ ଜାଣିପାରିବେ । ଆମ ଭାରତୀୟ ବ୍ୟଞ୍ଜନରେ ଛୁଙ୍କର ପ୍ରାଧାନ୍ୟ ରହିଛି । କେତେ ପ୍ରକାର ବ୍ୟଞ୍ଜନରେ ମେଥି ଛୁଙ୍କ ବିଶେଷ ଭାବେ କରାଯାଇଥାଏ । ସ୍ୱାସ୍ଥ୍ୟ ପାଇଁ ହିତକାରୀ ମେଥି ନିୟମିତ ଭାବେ ବିଭିନ୍ନ ବ୍ୟଞ୍ଜନରେ ଛୁଙ୍କ କରି ଖାଇବା ସହ ମେଥି ପାଣି ପିଇଲେ ଓଜନ କମ ହେଉଥିବାର ପରୀକ୍ଷାରୁ ପ୍ରକାଶିତ । ରାତିରୁ ମେଥିକୁ ୧ ଗିଲାସ ପାଣିରେ ବତୁରାଇ ରଖନ୍ତୁ ସକାଳୁ ସେହି ପାଣିକୁ ପିଇବା ସହ ମେଥି ମଧ ଚୋବାଇ ଖାଆନ୍ତୁ । ଏହା ତ୍ୱଚା କେଶ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ଦୈନନ୍ଦିନ ଏଇ ଅଭ୍ୟାସ କରେ ଓଜନ କମ ହେବା ନିଶ୍ଚିତ ବୋଲି ବିଶେଷଜ୍ଞଙ୍କ ମତ ।





# କୀଟ ଆକୃତିର ରୋବୋ-ଡ୍ରୋନ୍

ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ଦଳେ କାରିଗରୀ ବିଶେଷଜ୍ଞଙ୍କ ଦ୍ୱାରା କୀଟ ଆକୃତିର ରୋବୋଟିକ୍ ଡ୍ରୋନ ବିକଶିତ ହୋଇଛି । ଏହା ସ୍ୱୟଂଚାଳିତ ଏବଂ ବିନା ତାରରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଉଡ଼ିପାରିବ । ଏଥିରେ ଅତି ସୂକ୍ଷ୍ମ ଯନ୍ତ୍ରପାତି ଖଞ୍ଜାଯାଇଛି । ଆଲୋକ ରଶ୍ମି ସାହାଯ୍ୟରେ ଏହା ପରିଚାଳିତ ଓ ନିୟନ୍ତ୍ରିତ ହେବ । ଏହା ବିଶ୍ୱର ପ୍ରଥମ ଉଡ଼ନ୍ତା କୀଟ ଆକୃତିର ଡ୍ରୋନ, ଯାହା ବିନା ତାରରେ ଉଡ଼ିବାକୁ ସକ୍ଷମ । ଡ୍ରୋନର ଆଘ୍ରାଣ ଶକ୍ତି ଖୁବ୍ ଶକ୍ତିଶାଳୀ । ମୁଖ୍ୟତଃ ବଡ଼ ବଡ଼ କଳ କାରଖାନା ଗୁଡ଼ିକରେ ଏଗୁଡ଼ିକୁ ନିୟୋଜିତ କରାଯିବ ଏବଂ ବିଷାକ୍ତ ବାଷ୍ପ ନିର୍ଗମନର ସ୍ଥାନକୁ ସହଜରେ ଚିହ୍ନିଟ କରିହେବ । ଅଷ୍ଟ୍ରେଲିଆର ବ୍ରିସବେନଠାରେ ଏହି ରୋବୋ-ଡ୍ରୋନର ପରୀକ୍ଷାମୂଳକ ବ୍ୟବହାର ପ୍ରଦର୍ଶିତ ହୋଇଛି ।

# ତ୍ୱଚାର ଚମକ ଘରୋଇ ସ୍କ୍ରବ୍‌ରେ

*ବଜାରରେ ବିଭିନ୍ନ ନାମୀ କମ୍ପାନୀର ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ ମିଳୁଛି । ତେବେ ଏସବୁ ଯଦି ଘରେ ଖୁବ ସହଜରେ ପ୍ରସ୍ତୁତ କରିହେବ, ତେବେ ବଜାରରୁ ଆଣିବାର ଆବଶ୍ୟକତା ବା ରହିଛି କେଉଁଠୁ ?*

ଅମୃତଭଣ୍ଡା ଓ ଅଣ୍ଡାର ଧଳା ଅଂଶକୁ ଭଲଭାବେ ଫେଣ୍ଟି ସେଥିରେ ୧ଚାମଚ ଦହି ଓ ମହୁ ମିଶାନ୍ତୁ । ସେହି ପ୍ୟାକକୁ ପୂରା ଶରୀରରେ ଲଗାଇ ୧୫ମିନିଟ୍ ପରେ ତ୍ୱଚାକୁ ଧୋଇନେବେ ।
କଫି ଗୁଣ୍ଡରେ ୨ଚାମଚ କମଳା ସର ମିଶାଇ ତାହାକୁ ମୁହଁ, ହାତ ଓ ପାଦରେ ଲଗାଇ ଶୁଖିବା ପରେ ତ୍ୱଚା ଧୋଇଦେବେ । ଏହା ତ୍ୱଚା ପାଇଁ ଏକ ଉତ୍ତମ ସ୍କ୍ରବ ।
ଅନ୍ୟ ଏକ ଘରୋଇ ସ୍କ୍ରବ ହେଲା ସେଓ ରସରେ ଚିନି ମିଶାଇ ତାହାକୁ ତ୍ୱଚାରେ ମାଲିସ କରି ପରେ ସ୍ନାନ କରିବା ଘରେ ଏସବୁ ସାମଗ୍ରୀ ସହଜରେ ମିଳିବା ସହ ତାହା ତ୍ୱଚା ଉପରେ କୌଣସି କୁପ୍ରଭାବ ମଧ ପକାଇନଥାଏ ।



# ଭଲନିଦ ହ୍ରାସ କରିଥାଏ ଓଜନ



ଆଜିକାଲି ଅଧିକାଂଶ ମହିଳା ନିଜକୁ ଫିଟ୍ ରଖିବା ଉପରେ ଦେଉଛନ୍ତି ଜୋର । ବିଶେଷ କରି ମୋଟାପାର ଶିକାର ହୋଇଥିବା ମହିଳାମାନେ ନିୟମିତ ଜିମ ସହ ଡାଏଟ୍ କଣ୍ଟ୍ରୋଲ ମାଧ୍ୟମରେ ଓଜନ କମାଇବା ପାଇଁ ଜୋର ଦେଇଥାନ୍ତି । ହେଲେ ବିଶେଷଜ୍ଞଙ୍କ ମତ ହେଉଛି ଓଜନ କମାଇବାର ସବୁଠୁ ଭଲ ଉପାୟ ଘରେ ମହଜୁଦ ରହିଛି । ଆପଣ ଜିମ ଯାଆନ୍ତୁ, ବ୍ୟାୟାମ କରନ୍ତୁ, ଏଥିରେ କୌଣସି ଅସୁବିଧା ନାହିଁ । ତେବେ ଯଦି ଆପଣ ଘରେ ସଠିକ ଭାବେ ନିର୍ଦ୍ଦିଷ୍ଟ ସମୟ ଶୋଇପାରୁଛନ୍ତି ତେବେ ଏହା ଓଜନ ହ୍ରାସରେ ବଡ଼ ସହଯୋଗ କରିବ । ବିଶେଷଜ୍ଞମାନଙ୍କ ମତରେ କମ ସମୟ ଶୋଇବା ମେଦବହୁଳ ଏବଂ ଓଜନ ବୃଦ୍ଧି କରିଥାଏ । କମ ସମୟ ଶେଶଇବା ଦ୍ୱାରା ୮୯ ପ୍ରତିଶତ ପିଲାଙ୍କ କ୍ଷେତ୍ରରେ ଏବଂ ୫୫ ପ୍ରତିଶତ ଯୁବକ ଯୁବତୀଙ୍କ କ୍ଷେତ୍ରରେ ଓଜନ ବଢ଼ିବାର ସମ୍ଭାବନା ଥାଏ । ସଠିକ ସମୟ ନଶୋଇବା ଦ୍ୱାରା ଭୋକ ଲାଗିବା ମଧ ପ୍ରଭାବିତ ହୋଇଥାଏ । ୧ହଜାରରୁ ଅଧିକ ଲୋକଙ୍କୁ ନେଇ କରାଯାଇଥିବା ସର୍ଭେରୁ ଏହା ଜଣାପଡ଼ିଥିଲା ଯେ ଯେଉଁମାନେ ଦୈନିକ ସଠିକ ସମୟ ଶୋଇଥାନ୍ତି, ସେମାନଙ୍କ ମଧରେ ଓଜନ ବୃଦ୍ଧିର ସମ୍ଭାବନା କମ ରହିଥାଏ । ଭଲ ନିଦ୍ରା ଶରୀରର ଓଜନକୁ ନିୟନ୍ତ୍ରଣ କରିବା ସହ ଭୋକମାତ୍ରାକୁ ମଧ ସନ୍ତୁଳିତ ରଖିଥାଏ । ବିଶେଷଜ୍ଞ କବିତା ଦେବଗନଙ୍କ ସୂଚନା ଅନୁସାରେ ସଠିକ ନିଦ୍ରା ଶରୀରକୁ ଫିଟ୍ ରଖିଥାଏ । ତାଙ୍କ ମତରେ ରାତିରେ ଶୋଇବାର ଦୁଇଘଣ୍ଟା ପୂର୍ବରୁ ଅଳ୍ପମାତ୍ରାର ଖାଦ୍ୟ ଗ୍ରହଣ କରନ୍ତୁ । ଯଦି ଆପଣ ରାତି ୧୦ଟାରେ ଶୋଉଛନ୍ତି ତେବେ ୮ଟାରେ ନିଜର ରାତ୍ରଭୋଜନ ଶେଷ କରନ୍ତୁ । ସେହି ପରି ଦୈନିକ ରାତ୍ରଭୋଜନ ପରେ ଅତି କମରେ ୨୦ମିନିଟ ଚାଲନ୍ତୁ । ଯଦି ଆପଣ ବାହାରକୁ ଯିବାକୁ ରାତିରେ ଅସମର୍ଥ ତେବେ ଘରେ ମଧ ଚାଲିପାରିବେ । ସବୁବେଳେ ତୈଳାକ୍ତ ଖାଦ୍ୟ ଏବଂ ଜଙ୍କଫୁଡଠାରୁ ନିଜକୁ ଦୂରେଇ ରଖନ୍ତୁ। ଯଦି ଆପଣଙ୍କୁ ସଠିକ ନିଦ ହେଉନାହିଁ ତେବେ କଦଳୀ ଖାଆନ୍ତୁ । ଯଦି ଆପଣଙ୍କୁ ସଠିକ ନିଦ ହେଉନାହିଁ ତେବେ କଦଳୀ ଖାଆନ୍ତୁ ନଚେତ ନିଦ ପାଇଁ ଔଷଧ ଡାକ୍ତରଙ୍କ ପରାମର୍ଶରେ ବ୍ୟବହାର କରନ୍ତୁ । ବୟସ୍କଙ୍କ ପାଇଁ ଅତିକମରେ ଦୈନିକ ୬ଘଣ୍ଟା ଏବଂ ପିଲାଙ୍କ ପାଇଁ ୮ଘଣ୍ଟାରୁ ଅଧିକ ସମୟ ଶୋଇବା ଜରୁରୀ ।

# ଗରମରୁ ରକ୍ଷା ପାଇବା ପାଇଁ ଆପଣାନ୍ତୁ ଏହି ଉପାୟ

**ବର୍ତ୍ତମାନ ଗରମ ଆରମ୍ଭ ହୋଇଗଲାଣି । ଏହି ଋତୁରେ ଖାଦ୍ୟପେୟ ବ୍ୟାୟାମ, ଓ ପୋଷାକ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । କାରଣ ଏ ସବୁର ପ୍ରଭାବ ଶରୀର ଉପରେ ପଡ଼େ । ଖରାଦିନେ କିପରି ସବୁବେଳେ ଫ୍ରେସ ରହିବେ ସେଥିପାଇଁ କିଛି ଘରୋଇ ଉପାୟ:-**

କାକୁଡ଼ି ଓ ଆଳୁର ରସ ବାହାର କରି ସେଥିରେ ୪-୫ ବୁନ୍ଦା ଲେମ୍ବୁ ରସ ମିଶାଇ ଏହି ମିଶ୍ରଣକୁ ଫ୍ରିଜରେ ଆଇସ ଟ୍ରେରେ ରଖି ବରଫ କରନ୍ତୁ । ଖରାରେ ବାହାରୁ ଆସିବା ପରେ ମୁହଁକୁ ପାଣିରେ ଧୋଇ ସେହି ବରଫ କ୍ୟୁବ ମୁହଁରେ ଧିରେ ଧିରେ ମସାଜ କରନ୍ତୁ । ଏହି ପରି ୧୦-୧୫ ମିନିଟ କରିବା ପରେ ମୁହଁକୁ ଧୋଇ ଦିଅନ୍ତୁ । ଏହା ଦ୍ୱାରା ଚେହେରାରେ ଚମକ ଆସିବା ସହିତ ସନଟ୍ୟାନ ଦୂର ହୋଇଥାଏ ।
ଖରା ଦିନେ ସାଧାରଣ ପାଣି ବଦଳରେ ଆପଣ ଡିଟକ୍ସ ପାଣିର ବ୍ୟବହାର କଲେ ଅଧିକ ଲାଭ ମିଳିଥାଏ । ଗୋଟିଏ କାଚ ବୋତଲ ବା ଜାରରେ ପାଣି ନେଇ ସେଥିରୁ ୨/୩ ପିସ ଲେମ୍ବୁର ପତଳା ଖଣ୍ଡ, ପୁଦିନାପତ୍ର ଓ କାକୁଡ଼ିର ଛୋଟ ପତଳା ଖଣ୍ଡ ମିଶାଇ ୨/୩ ଘଣ୍ଟା ରଖନ୍ତୁ ଓ କିଛି କଇଛି ଦମୟ ବ୍ୟବଧାନରେ ପିଅନ୍ତୁ । ଏହାକୁ ପିଇବା ଦ୍ୱାରା ପେଟ ଥଣ୍ଡା ରହିବା ସହିତ ଶରୀରର ବିଷାକ୍ତ ପଦାର୍ଥ ବାହାରି ଯାଇଥାଏ ।



ଏହି ଦିନରେ ସଠିକ୍ କପଡ଼ା ଚୟନ କରିବା ମଧ ନିତାନ୍ତ ଦରକାରୀ ହୋଇଥାଏ । ଖରାଦିନେ ଯଥା ସମ୍ଭବ ହାଲକା ରଙ୍ଗର କଟନ କପଡ଼ା ପିନ୍ଧନ୍ତୁ । ଏହା ଶରୀରକୁ ଆରାମ ଦେବା ସହ ଆମକୁ ଫ୍ରେସ ରଖିଥାଏ । ଏହି ଋତୁରେ ବଡ଼ ଫ୍ଲୋରାଲ ପ୍ରିଣ୍ଟ କପଡ଼ା ଶରୀରକୁ ଶୀତଳତା ଦେଇଥାଏ । ଢ଼ିଲା କୁର୍ତ୍ତା ସାଙ୍ଗକୁ ଡିଭାଇଡର ସଟର୍ସ, ଢ଼ିଲା ଟି-ସାର୍ଟ, ଫ୍ଲୋରାଲ କିମ୍ବା ଟ୍ରୋଇପ ପିଣ୍ଟ ଜମ୍ପସୁଟ ଏହି ଋତୁରେ ଆପଣଙ୍କୁ ଏକ କୁଲ ଲୁକ ଦେବ । ଖରାଦିନେ ଯଥା ସମ୍ଭବ ସୁତା କପଡ଼ାର ଡ୍ରେସ ପିନ୍ଧନ୍ତୁ, କାରଣ ଏହି କପଡ଼ା ଝାଳକୁ ବହୁତ ଜଲଦି ଶୁଖିବାରେ ସାହାଯ୍ୟ କରେ ଓ ଶରୀରକୁ ଥଣ୍ଡା ରଖେ ।
ଖରାଦିନେ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା ନିହାତି ଦରକାର । ଏହି ଦିନରେ ସକାଳୁ ସୁଇମିଂ କରିବା ଦ୍ୱାରା ଦିନ ସାରା ସତଜତା ଅନୁଭବ ଦିଏ । ସୂର୍ଯ୍ୟ ଉଇଁବାର ୩୦ ମିନିଟ୍ ପୂର୍ବରୁ ପାତଃଭ୍ରମଣ କରନ୍ତୁ । ଏହା ମନକୁ ଖୁସ ରଖିବା ସହ, ସାରା ଦିନ ଫ୍ରେସ ରଖିଥାଏ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୮ ଅପ୍ରେଲ ୨୦୨୨, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅରାଜକତା...

ଆମ ଦେଶର ନିକଟ ପ୍ରତିବେଶୀ ଶ୍ରୀଲଙ୍କା ଓ ପାକିସ୍ତାନରେ ଦିନକୁ ଦିନ ହିଂସା ଓ ଅରାଜକତା ବ୍ୟାପିବାରେ ଲାଗିଛି । ଦୁଇ ଦେଶରେ ଅଭାବନୀୟ ସ୍ଥିତି ସୃଷ୍ଟି ହେବାର କାରଣ ମଧ୍ୟ ଅନେକ । ଚୀନ୍‌ଠାରୁ ନେଇଥିବା ଋଣ ବୋଝରେ ଲଙ୍କା ଭାରାକ୍ରାନ୍ତ ହୋଇଛି । ଆର୍ଥିକ ବୋଝରେ ଉବୁଟୁବୁ ହୋଇ ସେଠାରେ ସବୁ ସାମଗ୍ରୀର ଅହେତୁକ ଦରବୃଦ୍ଧି ହେତୁ ଜୀବନଯାତ୍ରା ବିଷମ ହୋଇପଡ଼ିଛି । ପେଟ୍ରୋଲ୍, ଗ୍ୟାସ୍, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ସବୁ ସାମଗ୍ରୀର ମାତ୍ରାଧିକ ମୂଲ୍ୟ ବୃଦ୍ଧି ସମସ୍ତଙ୍କ ଅଣ୍ଟା ଭାଙ୍ଗି ପକାଇଛି । ଶ୍ରୀଲଙ୍କାରେ ଅରାଜକ ଅବସ୍ଥା ଲାଗି ରହିଛି । ରାଜପାକ୍ଷେ ପରିବାରର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅନେକ ବ୍ୟକ୍ତି ଉଚ୍ଚ ପଦାଧିକାରୀ ଥିବା ସତ୍ତ୍ୱେ ଜଟିଳ ଆର୍ଥିକ ସଙ୍କଟର ସମାଧାନ ଦିଗରେ କିଛି କରିପାରୁନାହାନ୍ତି । ଦେଶରେ ତୁମୁଳ ବିକ୍ଷୋଭ ଜାରି ରହିଛି । ସମସ୍ତ ମନ୍ତ୍ରୀ ଇସ୍ତଫା ଦେବାପରେ ସୃଷ୍ଟି ହୋଇଛି ଗୁରୁତର ସାମ୍ବିଧାନିକ ସଙ୍କଟ । ଭାରତ ପକ୍ଷରୁ ଶ୍ରୀଲଙ୍କାକୁ କେତେ ପରିମାଣର ପେଟ୍ରୋଲ ଯୋଗାଇ ଦିଆଯାଉଛି ତାହା ଅଭାବକୁ ଦେଖିଲେ ସମୁଦ୍ରକୁ ଶଙ୍ଖେ ଭଳି । କିନ୍ତୁ ତାହା ଭାରତର ପ୍ରତିବେଶୀ ରାଷ୍ଟ୍ରଙ୍କୁ ସହାୟତା ଯୋଗାଣର ଅଂଶବିଶେଷ । ପାକିସ୍ତାନ ଅସ୍ୱାଭାବିକ ସାମ୍ବିଧାନିକ ସଙ୍କଟ ଭିତର ଦେଇ ଗତି କରୁଛି । ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ବିଭିନ୍ନ ଚାଲ୍ ଖେଳିବାରେ ଲାଗିଛନ୍ତି । ତାଙ୍କ ସରକାର ସଂଖ୍ୟାଲଘୁରେ ପରିଣତ ହୋଇସାରିବା ପରେ ସୁଦ୍ଧା ଗାଦି ଛାଡ଼ିବାକୁ ପ୍ରସ୍ତୁତ ନୁହଁନ୍ତି । ବାହାର ଦେଶର ଷଡ଼ଯନ୍ତ୍ରରେ ପରିଚାଳିତ ହୋଇ ବିରୋଧୀଙ୍କ ସହ ହାତ ମିଳାଇଛନ୍ତି ଏବଂ ତାଙ୍କ ସରକାରକୁ ଅସ୍ଥିର କରିବାକୁ ଚାହୁଁଛନ୍ତି ବୋଲି କହିଛନ୍ତି ଇମ୍ରାନ୍ । ଏହି କ୍ରମରେ ତିନିମାସ ଭିତରେ ଦେଶରେ ନିର୍ବାଚନ କରିବାକୁ ନେଇ ମାମଲା ପହଞ୍ଚି ସାରିଛି ସର୍ବୋଚ୍ଚ ନ୍ୟାୟାଳୟରେ । ଶ୍ରୀଲଙ୍କାରେ ମଧ୍ୟ ଚୀନ୍ ବିପୁଳ ପରିମାଣର ଧନ ଖଟାଇଛନ୍ତି । ଚକ୍ରବୃଦ୍ଧି ସୁଧରେ ଚୀନ୍ ଚାହୁଁଛି କିଭଳି ଋଣ ଦେଇଥିବା ଧନରାଶି ଆଦାୟ କରିବ । ଘରୁ ଡାକି ଶ୍ରୀଲଙ୍କା ଭଳି ପାକିସ୍ତାନକୁ ବିପୁଳ ପରିମାଣର ଋଣ ଭାରରେ ବୁଡ଼ାଇ ରଖିଛି । ନ୍ୟାସନାଲ୍ ଆସେମ୍ଭ୍ଲି ଭଙ୍ଗକରି କିଭଳି ଆସନ୍ନ ସଙ୍କଟର ମୁକାବିଲା କରିବ, ତାହା କେବଳ ଇମ୍ରାନ୍ ନୁହଁନ୍ତି, ତାହା ନୂତନ ସରକାର ପାଇଁ ଆଣିବ ଗୁରୁତର ଆହ୍ୱାନ୍ । କିନ୍ତୁ ଋଣ ଯନ୍ତାରେ ପଡ଼ିସାରିଥିବା ପାକ୍ ଅର୍ଥନୀତି କିଭଳି ଉପସ୍ଥିତ ସଙ୍କଟରୁ ଉଦ୍ଧାର ପାଇବ, ସେହି ଚିନ୍ତାରେ ଏବେ ନୁହେଁ ଭବିଷ୍ୟତ ସରକାର ପାଇଁ ବିଷମତା ଆଣିଦେବ । ସମସ୍ତେ ଜାଣନ୍ତି ଚୀନ୍ ହେଉଛି ବଡ଼ ସାହୁକାର । ନେପାଳ, ବାଂଲାଦେଶ ସମେତ ବିଭିନ୍ନ ଦେଶରେ ଚୀନ୍ ତାହାର ଋଣ ଜାଲ ବିଛାଇ ଚାଲିଛି । ଚଢ଼ାଦରରେ ସୁଧ ଆଦାୟ ହେଲା ଚୀନ୍‌ର ମତଲବ୍ । ୟୁକ୍ରେନ୍ ବିରୋଧରେ ଋଷର ଯୁଦ୍ଧକୁ ହେଲାଣି ୪୩ଦିନ । ଋଷ ରାଷ୍ଟ୍ରପତି ପୁଟିନ୍ ତମାମ ୟୁକ୍ରେନ୍‌କୁ ଧ୍ୱଂସ କରିଦେଲାଣି । ସେତିକି ନୁହେଁ, ଋଷୀୟ ସୈନ୍ୟବାହିନୀକୁ ୟୁକ୍ରେନ୍ ସେନା ପାଣି ପିଆଇ ସାରିଲେଣି । ଶହଶହ ସୈନ୍ୟ ପ୍ରାଣ ହରାଇବା ସହିତ ବିପୁଳ ସମରାସ୍ତ୍ର ଧ୍ୱଂସ କରିଦେଲାଣି ୟୁକ୍ରେନ୍ ସେନା । 'ନାଟୋ' ମେମ୍ବରେ ନରହିବା ଜିଦ୍ ପାଇଁ ଋଷ ରାଷ୍ଟ୍ରପତି ଯେଉଁ କାଣ୍ଡ ଭିଆଇ ବସିଛନ୍ତି, ତାଙ୍କୁ ଇତିହାସ କଦାପି କ୍ଷମାକରିବ ନାହିଁ । ଆମେରିକା ଓ ଅନ୍ୟ 'ନାଟୋ' ଭୁକ୍ତ ଦେଶ ଏବଂ ୟୁରୋପୀୟ ସଂଘ ଦେଶ ବାହାରୁ ୟୁକ୍ରେନକୁ ସାହାଯ୍ୟ କରୁଛନ୍ତି ସିନା ପ୍ରତ୍ୟକ୍ଷ ସାମରିକ ସାହାଯ୍ୟ ଦେଇନାହାନ୍ତି । ଏକା ଶିଙ୍ଗରେ ମାଟି ତାଡ଼ିବା ନ୍ୟାୟରେ ଋଷୀୟ ସୈନ୍ୟଙ୍କର ମୁକାବିଲା କରୁଛନ୍ତି । ବୁଚି ଇଲାକାରେ ପୁଟିନ୍ ତାଙ୍କ ଅନୁଗତ ଚେଚେନ୍ୟା ଘାତକ ବାହିନୀକୁ ଲଗାଇ ନରସଂହାର କରିଛନ୍ତି । ବର୍ବର ଚେଚନ୍ୟା ଘାତକ ବାହିନୀ ପୁଟିନଙ୍କ ଅନୁଗତ, ସେମାନଙ୍କ ବର୍ବରତାର ତୁଳନା ନାହିଁ । ଏହି ସ୍ଥିତି କେତେ କାଳ ଲାଗି ରହିବ, ତାହା କାହାରିକୁ ଜଣାନାହିଁ । କଙ୍କାଳ ପାଲଟି ସାରିଥିବା ୟୁକ୍ରେନ୍, କାଙ୍ଗାଳ ହୋଇସାରିଥିବା ସ୍ୱର୍ଣ୍ଣମୟୀ ଲଙ୍କା ଆଉ ଅରାଜକତାର ଘୂର୍ଣ୍ଣିବଳୟରେ ଥିବା ପାକିସ୍ତାନ ଅବସ୍ଥା ଦେଖି ଭାରତ ସ୍ୱଭାବତଃ ଛାନିଆ ହେଉଛି । କୂଟନୈତିକ ପଶାପାଲିରେ ଆମ ଦେଶ କିଭଳି ରଣନୀତି ଆପଣାଇବ, ତାହା ଭବିଷ୍ୟତ କହିବ । ଆମର ଅର୍ଥନୀତି ଉପରେ ଉଡୁଛି ଗୁରୁତର ପ୍ରଭାବ । ପେଟ୍ରୋଲ-ଡିଜେଲ ଦର ଦଶ ଦିନରେ ବଢ଼ିଲାଣି ଆଠଥର । ପାଞ୍ଚଟି ରାଜ୍ୟରେ ଭୋଟ୍ ସରିବାର ଠିକ୍ ପରେ ପରେ ଇନ୍ଧନ ଦର ବୃଦ୍ଧି ପାଇବା ଆରମ୍ଭ କଲା । ଗ୍ୟାସ୍ ପନିପରିବା ମୂଲ୍ୟ ସେହି ତୁଳନାରେ ବଢ଼ିଚାଲିଛି । ଅନ୍ୟ ଦେଶକୁ ସାହାଯ୍ୟ କରିବା କଥା ଦୂରେଥାଉ, ନିଜ ଅର୍ଥନୀତି ସମ୍ଭାଳିବା କାଠିକର ପାଠ ହେଲାଣି । ମହଙ୍ଗା ମାଡ଼ର ପ୍ରଭାବ ଏମିତିରେ କରୋନାଜନିତ ଥିଲା, ଏବଂ ତଦ୍‌ଜନିତ ପ୍ରଭାବ ସ୍ଥିତିକୁ ପୂରା ବିଗାଡ଼ି ଦେଇଛି । ଏଥିରୁ କିଭଳି ଉଦ୍ଧାର ପାଇବା, ସେହି ଚିନ୍ତାରେ ଛଟପଟ ହେଉଛନ୍ତି ସାଧାରଣ ଜନତା ।

# ବିମ୍‌ଷ୍ଟେକ୍‌ର ବାସ୍ତବତା



ସୌମେନ୍ଦ୍ର ଜେନା

ନିକଟରେ ମାର୍ଚ୍ଚ ମାସ ୩୦ତାରିଖ ଦିନ ସପ୍ତରାଷ୍ଟ୍ରୀୟ ଗୋଷ୍ଠୀ ବିମ୍‌ଷ୍ଟେକର ୫ମ ଶିଖର ବୈଠକ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଯୋଗଦାନ କରିଥିଲେ । ରାଷ୍ଟ୍ରମୁଖ୍ୟମାନଙ୍କର ଆଲୋଚନା ଆଭାସୀ ବ୍ୟବସ୍ଥାରେ ହୋଇଥିଲା । ଏହି ଗୋଷ୍ଠୀରେ ଭୁଟାନ, ଭାରତ, ବଙ୍ଗଳାଦେଶ, ନେପାଳ,ମ୍ୟାନମାର, ଥାଇଲାଣ୍ଡ ଏବଂ ଶ୍ରୀଲଙ୍କା ସଦସ୍ୟ ରାଷ୍ଟ୍ର ରହିଛନ୍ତି । ଏହାର ପୂର୍ବ ଆଲୋଚନା ୨୦୧୮ରେ ନେପାଳର ରାଜଧାନୀ କାଠମାଣ୍ଡୁଠାରେ ଅନୁଷ୍ଠିତ ହୋଇଥିଲା । ଜୁନ୍ ୧୯୯୭ରେ ବଙ୍ଗଳାଦେଶ, ଭାରତ, ଶ୍ରୀଲଙ୍କା ଓ ଥାଇଲାଣ୍ଡକୁ ନେଇ ଏହି ଗୋଷ୍ଠୀ ବିଷ୍ଟେକ ନାମରେ ଗଠିତ ହୋଇଥିଲା । ପରବର୍ତ୍ତୀ ସମୟରେ ଭୁଟାନ, ମ୍ୟାନମାର, ନେପାଳ ଏଥିରେ ଯୋଗ ଦେଇଥିଲେ । ବଙ୍ଗୋପସାଗର ବହୁକ୍ଷେତ୍ରୀୟ ବୈଷୟିକ ଏବଂ ଆର୍ଥିକ ସହଯୋଗ ସଂଗଠନ (ବିମ୍‌ଷ୍ଟେକ)ର କାର୍ଯ୍ୟ ୨୦୦୪ରୁ ଗତିଶୀଳ ହୋଇଥିଲେ ହେଁ ୨୦୧୪ରେ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରଠାରୁ ଏହାକୁ ଅଧିକ ଗତିଶୀଳ କରିବାକୁ ଉଦ୍ୟମ କରିଥିଲେ । କାରଣ ଭାରତ ଦକ୍ଷିଣ ଏସୀୟ କ୍ଷେତ୍ରୀୟ ସହଯୋଗ ସଂଗଠନ (ସାର୍କ)ରେ ବାରମ୍ବାର ପାକିସ୍ଥାନ ଦ୍ୱାରା ଅଯଥା ଗତିରୋଧର ସମ୍ମୁଖୀନ ହେବାପରେ ପାକ୍ ମୁକ୍ତ ସଂଗଠନକୁ ସକ୍ରୀୟ କରିବା ପାଇଁ ଗ୍ରହିଁଲା । ୮ ଡିସେମ୍ବର ୧୯୮୫ରେ ଢାକାଠାରେ ଆରମ୍ଭ ହୋଇଥିବା ସାର୍କ ସଂଗଠନରେ ଅନେକ ସମୟରେ ପାକ୍‌ର ପ୍ରଭୁତ୍ୱ ଜାହିର ଉଦ୍ୟମକୁ ଅନ୍ୟ ସଦସ୍ୟ ରାଷ୍ଟ୍ରଗଣ ଗ୍ରହଣ କରିପାରୁନଥିଲେ । ସେମିତି ୧୯୯୩ରେ ସାର୍କ ସଂଗଠନ ଦ୍ୱାରା ପ୍ରସ୍ତାବିତ ବାଣିଜ୍ୟିକ ବୁଝାମଣା ୨୦୦୬ରେ ଦକ୍ଷିଣ ଏସୀୟ ମୁକ୍ତ ବାଣିଜ୍ୟ ଅଞ୍ଚଳ (ସାଫ୍‌ଟା) ବୁଝାମଣା କାର୍ଯ୍ୟକାରୀ ହେବାପରେ ତାହା ଭାରତର ବାଣିଜ୍ୟିକ ସ୍ୱାର୍ଥର ବିରୋଧରେ ଯାଇଥିଲା । କାରଣ ଚୀନ, ମାଲେସିଆ ଏବଂ ଭିଏତନାମ ପରି ରାଷ୍ଟ୍ର ଏହାର ସୁଯୋଗରେ ସେମାନଙ୍କ ଦେଶରେ ପ୍ରସ୍ତୁତ ମାଲ୍ ସବୁକୁ ସାଫ୍‌ଟା ଅନ୍ତର୍ଗତ ରାଷ୍ଟ୍ରଙ୍କ ସହାୟତା କ୍ରମେ ଭାରତକୁ ଗ୍ଲାଣ କରିବାକୁ ଲାଗିଲେ । ସଦସ୍ୟ ରାଷ୍ଟ୍ରଗୁଡିକ ଭାରତକୁ ଅନେକ ରପ୍ତାନୀ କରି ମଝିରେ ମୂଳ ଦେଶ ଠାରୁ କମିଶନ ଲାଭ କଲେ । ଏହି ବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ଭାରତ ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ର ସମୂହ ସଂଗଠନ (ଆସିଆନ୍)ର ୧ ଜାନୁଆରୀ ୨୦୨୨ରୁ କାର୍ଯ୍ୟକାରୀ ହୋଇଥିବା କ୍ଷେତ୍ରୀୟ ସମନ୍ୱିତ ଆର୍ଥିକ ସହଯୋଗ (ଆର୍‌ସିଇପି)ରୁ ନିଜକୁ ଓହରାଇ ଆଣିଥିଲା । ତେଣୁ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡିକ ସହ ବାଣିଜ୍ୟିକ, ସାମରିକ, ଯୋଗାଯୋଗ, ପ୍ରଯୁକ୍ତିବିଦ୍ୟା ଆଧାରିତ ବିକାଶଧାରାକୁ ତ୍ୱରାନ୍ୱିତ କରିବାକୁ ଭାରତ ପକ୍ଷରୁ ବିମ୍‌ଷ୍ଟେକ ଏବଂ ଆଇଓଏଆର୍ (ଇଣ୍ଡିଆନ୍ ଓସେନ୍ ଆସୋସିଏସନ୍ ଅଫ ରିମ୍) ଉପରେ ଅଧିକ ଜୋର ଦିଆଗଲା । ସେ ଦୃଷ୍ଟିରୁ ୨୦୧୪ରେ ବଙ୍ଗଳାଦେଶର ଢାକାରେ ସ୍ଥାୟୀ ସଚିବାଳୟ ସ୍ଥାପିତ ହେଲା । କିନ୍ତୁ ସଂଗଠନର ବାସ୍ତବ ଲକ୍ଷ୍ୟ ଏବଂ କାର୍ଯ୍ୟଧାରା ପ୍ରସ୍ତୁତି ପାଇଁ ଇତି ମଧ୍ୟରେ ୨୫ବର୍ଷ ଲାଗିଗଲା । ଚଳିତବର୍ଷରୁ ବିମ୍‌ଷ୍ଟେକକୁ ଅଧିକ ଗତିଶୀଳ କରିବା ଉଦ୍ଦେଶ୍ୟରେ ବହୁମୁଖୀ ଦାୟିତ୍ୱ ସଦସ୍ୟରାଷ୍ଟ୍ରଙ୍କ ମଧ୍ୟରେ ବଣ୍ଟନ ହୋଇଛି । ଏହି କାର୍ଯ୍ୟ ପାଇଁ ଏକଦା ଆସିଆନ୍ ରାଷ୍ଟ୍ରଙ୍କୁ ୪୬ବର୍ଷ ଲାଗିଥିଲା ।

ବିମ୍‌ଷ୍ଟେକ୍ ରାଷ୍ଟ୍ର ସମୂହରେ ପୃଥିବୀର ୨୨ ପ୍ରତିଶତ ଜନସାଧାରଣ ବସବାସ କରୁଥିଲା ବେଳେ ୪ ପ୍ରତିଶତ ଜିଡିପି ରହିଛି । କିନ୍ତୁ ଆକାର ଏବଂ ଲୋକସଂଖ୍ୟାରେ ସଦସ୍ୟରାଷ୍ଟ୍ରଙ୍କ ମଧ୍ୟରେ ବହୁ ଫରକ ରହିଛି । ସେମିତି ଜୀବନ ବିକାଶ, ଯୋଗାଯୋଗ ସୁବିଧା ଆଦି କ୍ଷେତ୍ରରେ ଅନେକ ତଫାତ୍ ରହିଛି । ସଦସ୍ୟ ରାଷ୍ଟ୍ରସମୂହରେ ଥିବା ତାରତମ୍ୟକୁ ଦୂରକରି ବିକାଶ ଓ ସହଯୋଗକୁ ଗତିଶୀଳ କରିବାକୁ କଲମ୍ବୋଠାରେ ବୈଦେଶିକ ମନ୍ତ୍ରିସ୍ତରୀୟ ବୈଠକରେ ସହମତି ପ୍ରକାଶ ପାଇଥିଲା । ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏହି ବୈଠକରେ ନିଜେ ଉପସ୍ଥିତ ରହିଥିଲେ । ରାଷ୍ଟ୍ରମୁଖ୍ୟଙ୍କ ଆଭାସୀ ଆଲୋଚନାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବଙ୍ଗଳାଦେଶର ପ୍ରଧାନମନ୍ତ୍ରୀ ଶେଖ ହାସିନା, ନେପାଳର ପ୍ରଧାନମନ୍ତ୍ରୀ ଶେର ବାହାଦୂର ଦେଓବା, ଶ୍ରୀଲଙ୍କାର ରାଷ୍ଟ୍ରପତି ଗୋତବାୟା ରାଜପାକ୍ଷ, ଭୁଟାନର ଲୋଟେ ସେରିଙ୍ଗ, ଥାଇଲାଣ୍ଡର ପ୍ରଧାନମନ୍ତ୍ରୀ ଜେନେରାଲ ପ୍ରୟୁତ ଚ୍ଚନ-ଓଚ୍ଚ, ମ୍ୟାନମାର ଜୁଣ୍ଟା ଅଧିକାରୀ ଯୋଗ ଦେଇଥିଲେ । ଏହି ଅବସରରେ ୧୮ଶ ବିମଷ୍ଟେକ ମନ୍ତ୍ରିସ୍ତରୀୟ ବୈଠକ ଏବଂ ୨୨ଶ ବିମ୍‌ଷ୍ଟେକ ବରିଷ୍ଠ ଅଧିକାରୀଗଣଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରତି ଦୁଇବର୍ଷରେ ବିମ୍‌ଷ୍ଟେକ୍ ଆଲୋଚନା ହେବାପାଇଁ ସ୍ଥିର ହୋଇଛି । ଢାକାସ୍ଥିତ ସଚିବାଳୟର କାର୍ଯ୍ୟକୁ ଅଧିକ ସକ୍ରୀୟ କରିବା ଉଦ୍ଦେଶ୍ୟରେ ଭାରତ ୧ ମିଲିଅନ ଡଲାର ଦେବାକୁ ଶ୍ରୀ ମୋଦି ଘୋଷଣା କରିଥିଲେ । ଏହାଛଡା ନୋଏଡାଠାରେ ବିମ୍‌ଷ୍ଟେକ୍ ଜଳବାୟୁ ଏବଂ ପାଣିପାଗ କେନ୍ଦ୍ର ଖୋଲିବା ପାଇଁ ଭାରତ ୩ ମିଲିଅନ ଡଲାର ଦେବ ବୋଲି ଶ୍ରୀ ମୋଦି କହିଥିଲେ । ଏହି କେନ୍ଦ୍ର ସ୍ଥାପନ ହେଲେ ସଦସ୍ୟ ରାଷ୍ଟ୍ରଗୁଡିକ ପ୍ରତି ରହିଥିବା ପ୍ରାକୃତିକ ଦୁର୍ବିପାକଜନିତ କ୍ଷୟକ୍ଷତିକୁ ହ୍ରାସ କରାଯିବା ସହ ଦୁର୍ବିପାକର ପ୍ରାକ୍ ଆକଳନ ମଧ୍ୟ ସମ୍ଭବ ହେବ । ଆଗାମୀ ଦିନରେ ବିମ୍‌ଷ୍ଟେକର ଲକ୍ଷ୍ୟ ଓ ଯୋଜନା ସଂପର୍କୀତ ଦଲିଲ ବରିଷ୍ଠ ଲୋକଙ୍କ ଦ୍ୱାରା ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ଇତି ମଧ୍ୟରେ ବିମ୍‌ଷ୍ଟେକ୍ ସଚିବାଳୟ (ଢାକା) ଠାରେ ସାଧାରଣ ସଚିବ ଏବଂ ସଦସ୍ୟ ଦେଶମାନଙ୍କର କର୍ମଚ୍ଚରୀମାନଙ୍କୁ ନିଯୁକ୍ତି ଦିଆଯାଇଛି । ୨୦୦୪ରୁ ମୁକ୍ତ ବାଣିଜ୍ୟ ଅଞ୍ଚଳ ଆଲୋଚନା ବୁଝାମଣା ପାଇଁ ପ୍ରୟାସ ଜାରିଥିଲା ବେଳେ ଆଗାମୀ ଦିନରେ ଏହାକୁ ଶେଷ କରିବାକୁ ମତ ପ୍ରକାଶ ପାଇଥିଲା । କାରଣ ଜାତୀୟ ବିକାଶ ଏବଂ ବିଶ୍ୱ ବିତରଣ ବ୍ୟବସ୍ଥା ନିର୍ମାଣ ଲାଗି ଏହା ଅତ୍ୟନ୍ତ ଜରୁରୀ । କୋରୋନା ସମେତ ଇଉରୋପର ଯୁଦ୍ଧ ସଙ୍କଟ ପୃଥିବୀରେ ବିକାଶର ଗତିକୁ ଦୁର୍ବଳ କରିଥିବା ସମୟରେ ବଜାର ସଙ୍କୁଚିତ ହୋଇଛି, ମୁଦ୍ରାସ୍ଫିତି ବୃଦ୍ଧି ପାଇଛି । ରୋଜଗାର ହ୍ରାସ ଯୋଗୁ ଦାରିଦ୍ର୍ୟହାର ମଧ୍ୟ ବଢିଛି । ଏହିସବୁ ସମସ୍ୟାର ସମାଧାନ ନିମନ୍ତେ ଶକ୍ତି, ପରିବହନ, ଡିଜିଟାଲ ଯୋଗାଯୋଗ ଏବଂ ଲୋକଙ୍କ ମଧ୍ୟରେ ସଂପର୍କ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦରକାର । ତେଣୁ ପୂର୍ବରୁ ୧୪ଟି କ୍ଷେତ୍ରକୁ ଗୁରୁତ୍ୱ ଦେବାକୁ ସ୍ଥିର ହୋଇଥିଲା । ଏବେ ସେହି ବିଷୟକୁ ୭ରେ ସୀମିତ କରିବାକୁ ସ୍ଥିର ହେଲା । ଯୋଗାଯୋଗ କ୍ଷେତ୍ରରେ ଆସିଆନର ମାଷ୍ଟରପ୍ଲାନ ୨୦୨୫ ସଦୃଶ ବିମ୍‌ଷ୍ଟେକର ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯିବାକୁ ମତ ପ୍ରକାଶ ପାଇଥିଲା । ସେହିପରି କ୍ଷେତ୍ରୀୟ ଏକକ ଶୁଳ୍କ ବ୍ୟବସ୍ଥା, କାଗଜବିହୀନ ବାଣିଜ୍ୟ ହେଲେ ସୀମାପାର ବ୍ୟବସାୟ ବୃଦ୍ଧିପାଇବ । ଏହି ଅବସରରେ ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ତାହାହେଲା ଅପରାଧ ମାମଲାରେ ପାରସ୍ପରିକ ଆଇନଗତ ସହାୟତା, ପ୍ରଶାସନିକ ଓ ଶୈକ୍ଷିକ ପ୍ରଶିକ୍ଷଣ ଅନୁଷ୍ଠାନଗୁଡିକ ମଧ୍ୟରେ ସଦସ୍ୟ ରାଷ୍ଟ୍ରଗୁଡିକଙ୍କ ସହଯୋଗ, ବିମ୍‌ଷ୍ଟେକ ଟେକ୍ନୋଲୋଜି ହସ୍ତାନ୍ତରଣ ବ୍ୟବସ୍ଥା ନିର୍ମାଣ । ବିମ୍‌ଷ୍ଟେକ ସଚିବାଳୟ କାର୍ଯ୍ୟ ଯୋଜନାର କ୍ରିୟାନ୍ୱୟନ ଏବଂ ଗୁରୁତ୍ୱ ସଂପର୍କରେ ନିଷ୍ପତ୍ତି ନେବାକୁ ମତ ପ୍ରକାଶ ପାଇଥିଲା ।

ଯେଉଁ ସାତଗୋଟି ପ୍ରମୁଖ ବିଷୟକୁ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ବଣ୍ଟାଯିବାକୁ ସ୍ଥିର ହୋଇଛି ତାହା ହେଲା ବାଣିଜ୍ୟିକ ପୁଞ୍ଜିନିବେଶ ଓ ବିକାଶ (ବଙ୍ଗଳାଦେଶ), ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ (ଭୁଟାନ), ସୁରକ୍ଷା ଓ ଶକ୍ତି (ଭାରତ), କୃଷି ଓ ଖାଦ୍ୟସୁରକ୍ଷା (ମ୍ୟାନମାର), ଲୋକଙ୍କ ମଧ୍ୟରେ ସଂପର୍କ (ନେପାଳ), ବିଜ୍ଞାନ, ଟେକ୍ନୋଲୋଜି ଏବଂ ନବୋଦ୍ୟମ (ଶ୍ରୀଲଙ୍କା), ଯୋଗାଯୋଗ (ଥାଇଲାଣ୍ଡ) । ପରିବହନ ନିମିତ୍ତ ମାଷ୍ଟର ପ୍ଲାନ କାର୍ଯ୍ୟକାରୀ କରାଯିବାର ସମୟ ୨୦୧୮ରୁ ୨୦୨୮ ରହିଥିଲା ବେଳେ କୋରୋନା ପାଇଁ ଏଥିରେ ବିଳମ୍ବ ହୋଇଛି । ତେବେ ୨୬୪ଟି ପ୍ରକଳ୍ପରେ ୧୨୬ ବିଲିଅନ ଡଲାର ଖର୍ଚ୍ଚ ହେବ ଏବଂ ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କର ସହାୟତା ଏଥିରେ ରହିଥିବା କୁହାଯାଇଛି । ସଂପ୍ରତି ଭିନ୍ନ ଭିନ୍ନ ଦେଶରେ ୫୫ ବିଲିଅନ ଡଲାରର ପ୍ରକଳ୍ପ ନିର୍ମାଣ ଜାରି ରହିଛି । ବର୍ତ୍ତମାନର ନୂଆ ମାଷ୍ଟର ପ୍ଲାନ ଅନୁସାରେ ୧୪୭ଟି ପ୍ରକଳ୍ପରେ ପ୍ରାୟ ୪୭ ବିଲିଅନ ଡଲାର ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି । ଏଥିରେ ବହୁମୁଖୀ ପରିବହନ ବ୍ୟବସ୍ଥାର ନିର୍ମାଣ କରାଯିବ ।

ସଂପ୍ରତି ଥାଇଲାଣ୍ଡ ୨୦୨୪ ଯାଏଁ ବିମ୍‌ଷ୍ଟେକର ମୁଖ୍ୟ ଦାୟିତ୍ୱରେ ରହିଛି । ୨୦୨୩ରେ ଭାରତରେ ଜି-୨୦ ବୈଠକ ଅନୁଷ୍ଠିତ ହେବ । ସେହି ଅବସରକୁ ବିମ୍‌ଷ୍ଟେକ ଉପଯୋଗ କରିବାକଥା କୁହାଯାଉଛି । ଏହି ସଂଗଠନ ଏବେ ସ୍ୱତନ୍ତ୍ର ପରିଚୟ, ସ୍ୱତନ୍ତ୍ର ସଂକେତ ଏବଂ ପତାକା ସହ ବ୍ୟବସ୍ଥିତ ସ୍ଥିରୀକୃତ ମୂଲ୍ୟବୋଧକୁ ନେଇ କାର୍ଯ୍ୟକରୁଛି । ଆଲୋଚନା ମାଧ୍ୟମରେ କ୍ଷେତ୍ରୀୟ ସମସ୍ୟାର ସମାଧାନ ଓ ବିକାଶ ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ନେଇ କାର୍ଯ୍ୟ କରାଯିବା ଉପରେ ଜୋର ଦେବାକୁ ମତପ୍ରକାଶ ପାଇଛି । ବିମ୍‌ଷ୍ଟେକ୍ ଆଲୋଚନାରେ ଅଂଶଗ୍ରହଣ କରି ଭାରତର ପ୍ରଧାନମନ୍ତ୍ରୀ ମୋଦି ଡିଜିଟାଲ ଅର୍ଥନୀତି ପାଇଁ ଆବଶ୍ୟକ ଭିତ୍ତିଭୂମିର ନିର୍ମାଣରେ ଅଧିକରୁ ଅଧିକ ପୁଞ୍ଜିନିବେଶ କରାଯିବା ପାଇଁ କହିଥିଲେ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ବିଜ୍ଞାପନର ନାରୀ ବନାମ ଅଙ୍ଗ ପ୍ରଦର୍ଶନ



ଡକ୍ଟର ଲକ୍ଷ୍ମଣ ସାହୁ

ମାର୍କେଟିଜିମ୍ ଆଜି ସବୁକିଛିର ପ୍ରଦର୍ଶନୀ ଆରମ୍ଭ କରିଛି । ବିଜ୍ଞାପନର ଧାରା ଶିଳ୍ପାୟନ ଆରମ୍ଭରୁ ଜଗତୀକରଣର ବିକାଶ ପର୍ଯ୍ୟନ୍ତ କେବଳ ପରିବ୍ୟାପ୍ତ ନୁହେଁ, ବରଂ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ସୃଷ୍ଟି କରିଛି । ଆଜି ସେପରି କୌଣସି ଜିନିଷ ନାହିଁ, ଯାହା ବିଜ୍ଞାପନ କରାଯାଏ ନାହିଁ । କିନ୍ତୁ କେତେ ଆଶ୍ଚର୍ଯ୍ୟଜନକ ଯେ ଏହି ବିଜ୍ଞାପନଗୁଡ଼ିକରେ ମହିଳାମାନେ ସମ୍ବେଦନଶୀଳ, ଅର୍ଦ୍ଧ-ନଗ୍ନ ରୂପରେ ପ୍ରଦର୍ଶିତ ହୁଅନ୍ତି । ଏଭଳି ପରିସ୍ଥିତିରେ ପ୍ରଶ୍ନ ଉଠେ ଯେ ଏହି ବିଜ୍ଞାପନଗୁଡ଼ିକ କେବଳ ମହିଳା ଶରୀର ଉପରେ କାହିଁକି ଏତେ ଧ୍ୟାନ ଦିଆଯାଏ ? ଉତ୍ପାଦର ବିକ୍ରୟ ବୃଦ୍ଧି ପାଇଁ ମହିଳାମାନଙ୍କ ଶରୀରର ପ୍ରଦର୍ଶନ ବ୍ୟବହୃତ ହେବାର ମୁଖ୍ୟ କାରଣ କ'ଣ ହୋଇପାରେ ?

ଏକ ଅନୁସନ୍ଧାନ ଅନୁଯାୟୀ ବିଜ୍ଞାପନ ଜଗତ ଆଜି କୋଟି କୋଟି ଟଙ୍କାରେ ପରିଣତ ହୋଇଛି । ଏଠାରେ ଏକ ପ୍ରକାର 'ଯୋ?ନ ନିଷ୍କ୍ରିୟତା' ଅଛି । ବିଜ୍ଞାପନରେ ମହିଳାମାନଙ୍କର ବ୍ୟକ୍ତିଗତ ପସନ୍ଦ କେବଳ ପ୍ରସାଧନ ସାମଗ୍ରୀ, ଘର ସଫା କରିବା ସାମଗ୍ରୀ ଏବଂ ରନ୍ଧନ ସାମଗ୍ରୀ କିଣିବାରେ ସୀମିତ ବୋଲି ଦର୍ଶାଯାଇଛି । ଏକ କାର, ଇଲେକ୍ଟ୍ରୋନିକ୍ ଯନ୍ତ୍ରପାତି, କମ୍ପ୍ୟୁଟର, ଘର ଇତ୍ୟାଦି କିଣିବା କ୍ଷେତ୍ରରେ, ମହିଳାମାନଙ୍କୁ ଛିଡ଼ା ହେବାକୁ ପ୍ରସ୍ତୁତ କରାଯାଏ । ବିଜ୍ଞାପନରେ ମୁଖ୍ୟତଃ ଘର ସାଜସଜ୍ଜାରେ ମହିଳା ଏବଂ ବ୍ୟବସାୟ କାର୍ଯ୍ୟରେ ପୁରୁଷମାନେ ଚିତ୍ରିତ ହୁଅନ୍ତି । ଯଦି କୌଣସି ମହିଳା ଏକ ଉତ୍ପାଦର ପଦୋନ୍ନତି ପାଇଁ ସାମ୍ନାକୁ ଅଣାଯାଏ, ତା'ହେଲେ ତାଙ୍କ ଶରୀର କେବଳ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ । ଅଶ୍ଳୀଳ ପ୍ରଦର୍ଶନ ବିରୁଦ୍ଧରେ ଏକ ନିୟମ ଅଛି, ତଥାପି ଏହାକୁ ଖଣ୍ଡନ କରାଯାଇଛି । ଅଧିକାଂଶ ପ୍ରସିଦ୍ଧ ଚେହେରା ବିଜ୍ଞାପନରେ ଅଣାଯାଇଥାଏ, କାରଣ ସେମାନଙ୍କ ଶରୀର ସମ୍ବେଦନଶୀଳ । କୁହାଯାଇପାରେ ବିଜ୍ଞାପନରେ ଏହି ଅଶ୍ଳୀଳତାର ଯୁଗ ଚରମ ଏବେ ସୀମାରେ ପହଞ୍ଚିଛି ।

ଆମ ସମାଜ ହୁଏତ ଅଶ୍ଳୀଳତାକୁ ସ୍ୱୀକୃତି ଦେଇ ନ ପାରେ, କିନ୍ତୁ ଏକଥା ନିଶ୍ଚିତ ଭାବରେ ସତଯେ ଏହାର ନିରବ ସମର୍ଥନ ପ୍ରଦାନ କରିଛି । ଏହାର କାରଣ ହେଉଛି ବର୍ତ୍ତମାନ ଏହି ବିଜ୍ଞାପନଗୁଡ଼ିକ ଦୂରଦର୍ଶନ (ଟେଲିଭିଜନ୍) ମାଧ୍ୟମରେ ଘରେ ଘରେ ପ୍ରସାରଣ ହେବାରେ ଲାଗିଛି । ଆଜି ବଜାରରେ ଅଶ୍ଳୀଳ ସାମଗ୍ରୀ ସହଜରେ ଉପଲବ୍ଧ ହେବ । ଗୋଟିଏ ଚିତ୍ର ଅନୁଯାୟୀ, ବର୍ତ୍ତମାନ ପ୍ରାୟ ଚାରି ଶହ ପର୍ଣ୍ଣ ସାଇଟ୍ ଅଛି, ଯାହାକୁ କୋଟି କୋଟି ଲୋକ ଦେଖନ୍ତି । ଆଧୁନିକତାର ଅନୁସରଣରେ ଚାଇନାର ଏକ ଚପଳ ଖେଳ ଖେଳାଯାଉଛି ! ବାସ୍ତବରେ, ଏହା ପ୍ରାୟତଃ ଦେଖାଯାଇଛି ଯେ ବିଜ୍ଞାପନ କମ୍ପାନୀଗୁଡିକ ସେହି ବିଜ୍ଞାପନରେ ମହିଳାମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଅନ୍ତି, ଯାହା ସେମାନଙ୍କ ଶରୀରର କାର୍ଯ୍ୟଦକ୍ଷତା ସହିତ ଜଡିତ ହୋଇଥାଏ କିମ୍ବା ଯେଉଁଥିରେ ମହିଳାଙ୍କ ପ୍ରତିଛବି ଏକ ଘରୋଇ ମହିଳାଙ୍କ ଚିତ୍ର, ଯିଏ ବାସନ, ପୋଷାକ କିମ୍ବା ଘର ସଫା କରିଥାଏ। ସେମାନଙ୍କର ଅଭିବୃଦ୍ଧି, ବିକାଶ, ସୃଜନଶୀଳତା, ସେମାନଙ୍କର ଅଧ୍ୟୟନ ବିଷୟରେ କେହି କେବେ ବି ବ୍ୟସ୍ତ ହୁଅନ୍ତି ନାହିଁ । ସେମାନେ ବଜାରରେ ପଣ୍ୟ ଦ୍ରବ୍ୟ ସଦୃଶ୍ୟ ବିକ୍ରି ହୁଅନ୍ତି । ସେମାନେଙ୍କ ଶାରିରୀକ ସମ୍ବେଦନଶୀଳ ପ୍ରତ୍ୟେକଟି ଅଙ୍ଗ ପ୍ରତ୍ୟଙ୍ଗ ଗୁଡ଼ିକ ପ୍ରଦର୍ଶିତ କରାଯାଏ, ପ୍ରତିରୋଧ ବା ବିରୋଧ ବିଜ୍ଞାପନ ଦେଖାଯାଏ ନାହିଁ। କୌଣସି ସ୍ଥାନରେ ଏହା ପୁରୁଷ ସର୍ବୋଚ୍ଚ ଚିନ୍ତାଧାରାର ଫଳାଫଳ, ପିତୃପୁରୁଷ ଚିନ୍ତାଧାରା ସେମାନଙ୍କ ମଧ୍ୟରେ ସ୍ପଷ୍ଟ ଭାବରେ ଦେଖାଯାଏ।

ମହିଳାମାନଙ୍କୁ ବିଜ୍ଞାପନରେ ଦେଖାଇବା ଭୁଲ୍ ନୁହେଁ, କିନ୍ତୁ ପ୍ରଶ୍ନ ହେଉଛି ମହିଳାମାନଙ୍କୁ କିପରି ଦେଖାଯାଉଛି । ଯେତେବେଳେ ମହିଳାମାନେ ପୁରୁଷଙ୍କ ପୋଷାକ ଏବଂ ଅଣ୍ଡରପାଣ୍ଟରେ ପ୍ରଦର୍ଶିତ ହୁଅନ୍ତି ଏବଂ ମହିଳାମାନେ ପୁରୁଷଙ୍କ ଅନ୍ତ ବସ୍ତ୍ର ଦେଖି ଆକର୍ଷିତ ହୁଅନ୍ତି । ଏଭଳି ପରିସ୍ଥିତିରେ ପ୍ରଶ୍ନ ହେଉଛି, ପୂର୍ବରୁ ନାରୀକୁ ଦେବୀ ଭାବେ ପୂଜା କରାଯାଉଥିଲା । ତେଣୁ ଆମ ସଂସ୍କୃତିର ଦେବୀଙ୍କ ସହ ତୁଳନା କରାଯାଇଥିବା ନାରୀ ରୂପ ବର୍ତ୍ତମାନ ସମୟରେ ତା'ର ସେହି ଅଧିକାର ଅଛି କି ? ଡିଓଡୋରାଣ୍ଟ ବିଜ୍ଞାପନରେ, ଅର୍ଦ୍ଧ ଉଲଗ୍ନ ମହିଳାମାନଙ୍କୁ ପୁରୁଷମାନଙ୍କ ସହିତ ଏକ ବିଶେଷ ପ୍ରକାରର ସମ୍ବେଦନଶୀଳ ଅବସ୍ଥାରେ ଉପସ୍ଥାପିତ କରାଯାଏ । ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ମହିଳା ଇରୋଟିକ୍ ଏକ୍ସପ୍ରେସନ୍ସ ଏବଂ ପ୍ରଲୋଭନକାରୀ ଶୈଳୀ ମାଧ୍ୟମରେ ପୁରୁଷ ଦର୍ଶକଙ୍କୁ ଆକର୍ଷିତ କରିବା । କିନ୍ତୁ ଟଙ୍କା ରୋଜଗାର କରିବା ପାଇଁ ଜଣେ ମହିଳାଙ୍କ ପ୍ରତିମୂର୍ତ୍ତିକୁ କାହିଁକି ଭୁଲିଯାଉଛେ । ସେହି ହିରୋଇନ୍ମାନଙ୍କ ପ୍ରଶ୍ନ ମଧ୍ୟ ଅଛି, ଯେଉଁମାନେ କେବଳ ବିଜ୍ଞାପନରେ କାମ କରନ୍ତି, କେବଳ ଟଙ୍କା ପାଇଁ । ବିଜ୍ଞାପନ ପ୍ରସଙ୍ଗରେ, ୟୁନିସେଫ୍ ରିପୋର୍ଟରେ ଲିଙ୍ଗଗତ ଭେଦଭାବ ବିଷୟରେ କୁହାଯାଇଛି । ଯଦିଓ ବିଜ୍ଞାପନରେ ମହିଳାଙ୍କ ଉପସ୍ଥିତି ବହୁତ ଅଧିକ, କିନ୍ତୁ ପ୍ରଶ୍ନ ଉତ୍ତରରେ କେବଳ ପ୍ରଚୁର ପରିମାଣରେ ଟଙ୍କା କମାଇବା ଏହିପରି ସେମାନଙ୍କୁ ଦେଖାଯାଉଛି ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)




## ମୋ ଆବଶ୍ୟକତା ଜାଣିଛ ବିଧାତା

ରମାନାଥ କର

ଚାହେଁ ନାହିଁ ପ୍ରଭୁ
ମାନ ସନମାନ
ଚାହେଁ ତୁମ ଭୁଜ ଛାଇ
ଅସାର ଜୀବନେ
ତୁମେ ସାଥେ ଥିଲେ
ଆଉ କିଛି ଲୋଡା ନାହିଁ।

ଯେତିକି ଦେଇଛ
ସେତିକିରେ ଖୁସି
ଦୁଃଖ କିସ ଜାଣେ ନାହିଁ
ଏମିତି ଲାଗେ କି
ମୋ ଆବଶ୍ୟକତା
ସବୁ ଜାଣିଛ ଗୋସାଇଁ।

ଏ ଜୀବନ ମାନେ
ତୁମେ ହିଁ ଠାକୁର
ତୁମ ବିନା ଗତି କାହିଁ
ତୁମକୁ ଛାଡ଼ିଲେ
ଅନ୍ୟ କେଉଁଥିରେ
ଟିକିଏ ବି ଇଚ୍ଛା ନାହିଁ।

ତୁମରି ଇଚ୍ଛାରେ
ଆସିଛି ସଂସାରେ
ଦିଦିନ କୁଣିଆ ହୋଇ
ଯେବେ ତୁମ ଇଚ୍ଛା
ହେ ପରମ ପିତା
ଏଇଠୁ ଫେରିବି ମୁହିଁ।

ସମୟର ନଈ
କୁଳୁକୁଳୁ ଗାଇ
ଯାଉ ଅଛି ପରା ବହି
ତୁମ ଦୟା ହେଲେ
ଜୀବନ ନଉକା
ଆନନ୍ଦରେ ନେବି ବାହି ।

❤ ବାଲିଆପାଳ ଗୋଷ୍ଠୀ
ସ୍ୱାସ୍ଥ୍ୟକେନ୍ଦ୍ର
ବାଲେଶ୍ୱର

## ଛାଆଁକୁ ବସିଲି କାନ୍ଦି

ଜୟନ୍ତ କୁମାର ମଲ୍ଲିକ୍



ବଣଭୋଜି ପାଇଁ ଯାଇଥିଲି ଦିନେ
ଦେଖିଲି ମହୁର ଫେଣା
ମହୁମାଛି କେତେ ଘୁରି ବୁଲୁଛନ୍ତି
ମେଲେଇ ତାଙ୍କର ଡେଣା ।

ପାପ ମନ ନେଇ ଚିନ୍ତା କଲି ମୁଇଁ
କରିବି ମହୁକୁ ଚୋରି
ଏହି କଥା କେହି ଜାଣି ପାରିବେନି
ପାରି କରିଦେବେ ହରି ।

ଭାବି ଭାବି ରାତି ନଅଟା ହୋଇଲା
ବାହାରି ପଡ଼ିଲି ମୁହିଁ
ଗଞ୍ଜେଇ ନିଶାରେ ମଶା କାମୁଡ଼ିଲେ
ମାଲୁମ୍ ପଡ଼ିଲା ନାହିଁ ।

ମନ ଦୃଢ଼ କରି ଗଛକୁ ଚଢ଼ିଲି
ଧରିଲି ମହୁର ବସା
ମହୁମାଛି ସବୁ ଘେରିତ ଆସିଲେ
ଭୋଗିବାର ଥିଲା ଦଶା ।

ଦେହ ସାରା ବସି ବିନ୍ଧି ଦେଇଗଲେ
ବୋଉଲୋ ବାପାଲୋ ହେଲି
ମୋର ପାଟି ଶୁଣି ଘର ବାଲା ଆସି
ଚୋର ଭାବି ଦେଲା ପେଲି ।

ଚାପୁଡ଼ା, ଗୋଇଠା,
ବିଧା କୋରିଦେଲେ
ଗଛରେ ଦେଲେବି ବାନ୍ଧି
ଗଞ୍ଜେଇ ନିଶାଟା ଛାଡ଼ିଗଲା ପରେ
ଛାଆଁକୁ ବସିଲି କାନ୍ଦି ।

❤ ଶୁରଡିହ, ନନ୍ଦିପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## ସଞ୍ଜ ହେଲେ

ସୁସ୍ମିତା ଦାସ

ସଞ୍ଜ ହେଲେ ସୁରୁଯ ଲୁଚେ ମାଆ ମାଆ
କୋଳରେ ଯାଇ,
ନିମିଷେ ଆସେ ଅନ୍ଧାର ଭୂତ
କଳା ପୋଷାକ ନାଇ ।

ଚଢ଼େଇ ଦଳ ଆସନ୍ତି ଫେରି
ଅଣ୍ଟେ ଅଧାର ଧରି
ପିଲାଏ ବସି ପଢ଼ନ୍ତି ପାଠ
ଖେଳକୁ ପର କରି ।

କେଉଁଠି ଥାଏ ଚେମିଣି ପକ୍ଷୀ
ପହଞ୍ଚି ଯାଏ ଆସି,
ମଶାମାନଙ୍କୁ ଖାଇଣ ସିଏ
କରଇ ମନ ଖୁସି ।

ବୁଢ଼ୀମା ପାଶେ ଜମଇ ଭିଡ଼
ନାତି ନାତୁଣୀଙ୍କର,
ଛୁଟଇ ସେଠି କାହାଣୀ ସୁଅ
ଆହାକି ମଜାଦାର ।

ମହକି ଯାଏ ରଜନୀଗନ୍ଧା
ମଳୟ ଗାଏ ଗୀତି,
ସବୁଠି ଭରେ ଖୁସିର ଭାବ
ପରାଣ ଯାଏ ମାତି ।

ଏମିତି ନିତି ଆସଇ ସଞ୍ଜ
ହୋଇଣ ସଜବାଜ,



ଲେଉଟେ ପୁଣି ନିଜ ଘରକୁ
ଚଢିଣ ପକ୍ଷୀରାଜ ।

❤ କଣ୍ଠାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର
ପିନ-୭୫୫୦୧୩
ମୋ-୬୩୭୨୭୦୬୫୬୨

## ଅବୁଝା ଏ ସମ୍ପର୍କ

ଅନସୂୟା ପଣ୍ଡା



ସମାଜ ନଦୀରେ ଅନେକ
ସ୍ୱାର୍ଥାନ୍ଧ କୁମ୍ଭୀର
କ୍ଷୁଧାରେ ଭାସୁଥାନ୍ତି କୂଳରେ
କିଏ ମାଙ୍କଡ କଳିଜା ଲୋଭରେ
ବନ୍ଧୁତା କରେ
କିଏ ହାତୀର ଗୋଡକୁ ଟାଣିବାକୁ
ଫାଶ ପକାଏ।

ଭାରି ଅବୁଝା ଲାଗେ, ସନ୍ଦେହ କରେ
କାହାକୁ ବିଶ୍ୱାସ କରିବି କାହାକୁ ଭରସା
କାହା ସାଥେ ଭାବକୁ ବଢେଇବି କାହା
ସାଥେ ଦୂରତ୍ୱ
ବାର ବାର ଝୁଣ୍ଟି ପଡେ
ସମ୍ପର୍କର ପଥରରେ
ଲହୁ ଲୁହାଣ ହୁଏ କ୍ଷତାକ୍ତ ମନରେ।

ଟିକେ ସାନ୍ତ୍ୱନାର ହାତ ପିଟି
ଆଗକୁ ଚାଲେ ନିରୁପାୟରେ
ଅବୁଝା ମନରେ ଯୋଜନଗନ୍ଧାର
ସ୍ୱପ୍ନ ନେଇ
ମଧୁଛନ୍ଦା ହେବାର ଦୁର୍ବାର ଇଚ୍ଛାରେ।

ହେଲେ ଏଠି କୁହୁଡ଼ିର ଆବରଣ ତଳେ
ପୋଡିଯାଏ ପଦ୍ମର ପାଖୁଡା
ପାରେନି ସେ ହସି ସମ୍ପର୍କର କ୍ରୁରତାରେ
ମୋହରେ ଭିଡନ୍ତି ଅପଥ୍ୟରେ
ମୃଷା ମାୟାର ନିଆଁ ଆଡେ।

ପତଙ୍ଗ ପରି ଜଳିବାଟା ସାର ହୁଏ
ଅବୁଝା ପ୍ରସଙ୍ଗମାନଙ୍କର ଭିତରେ
ସମସ୍ତେ କିନ୍ତୁ ଖୁସି ହୁଅନ୍ତି
ଚାକଚକ୍ୟ ଦେଖି
କେବେ ଜାଳନ୍ତି ପୁଣି କେବେ ଜଳାନ୍ତି।

କେବେ ହଜାନ୍ତି ଆବେଗର ବେହାଗରେ
ପ୍ରୀତିର ପ୍ରତ୍ୟୟ ସାଜି ପ୍ରତ୍ୟନ୍ତରେ
କେବେ ଘୋଷାରନ୍ତି ରାଗ ଅଭିମାନରେ
ନୟାନ୍ତ କରି କଙ୍କରିତ ରାସ୍ତାରେ।

❤ ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧


# ଚର୍ଚ୍ଚିତ ଫିଲ୍ମ; କାହାକୁ ନିର୍ମାଣ ପାଇଁ ୧୪ ବର୍ଷ ତ କାହାକୁ ନିର୍ମାଣ କରିବାରେ ଲାଗିଥିଲା ୧୬ବର୍ଷ

ଏବେ ଫିଲ୍ମ 'ଆରଆରଆର'କୁ ନେଇ ଚାଲିଛି ଚର୍ଚ୍ଚା। ଫିଲ୍ମଟି ଗତ କିଛି ଦିନ ମଧ୍ୟରେ ବିଶ୍ୱରେ ୮୦୦କୋଟି ଟଙ୍କା ଆୟ କରିସାରିଲାଣି। ଫିଲ୍ମଟିକୁ ଅତି ନିଖୁଣ ଭାବରେ ନିର୍ମାଣ କରି ନିର୍ଦ୍ଦେଶକ ଏସଏସ ରାଜାମୌଳି ଦର୍ଶକଙ୍କୁ ଭେଟି ଦେଇଥିବା ବେଳେ ଏହାକୁ ନିର୍ମାଣ କରିବା ପାଇଁ ୪ବର୍ଷ ସମୟ ଲାଗିଥିଲା। କରୋନା ପାଇଁ ଫିଲ୍ମ ରିଲିଜ୍ ବିଳମ୍ବ ହୋଇଥିଲେ ବି ଏବେ ଫିଲ୍ମଟି ବକ୍ସ ଅଫିସରେ ରାଜ କରୁଛି। ତେବେ କିଛି ଏଭଳି ଫିଲ୍ମ ରହିଛି, ଯାହାକୁ ନିର୍ମାଣ କରିବା ପାଇଁ ବର୍ଷ ବର୍ଷ ସମୟ ଲାଗିଥିଲା। ସେ ସବୁ ଫିଲ୍ମ ମଧ୍ୟରେ ରହିଛି...

'ମୁଗଲ-ଏ-ଆଜମ' । ବଲିଉଡର ଏହି ଚର୍ଚ୍ଚିତ ଫିଲ୍ମ ନିର୍ମାଣ ପାଇଁ ଲାଗିଥିଲା ୧୪ ବର୍ଷ । ଫିଲ୍ମ ତିଆରି ଆରମ୍ଭଠାରୁ ରିଲିଜ ହେବା ମଧ୍ୟରେ ନିର୍ମାତା ଏବଂ କଳାକାରଙ୍କ ସହିତ ଅନେକ ସଦସ୍ୟ ବଦଳିଥିଲେ । ପ୍ରଥମେ ୧୯୪୪ ମସିହାରେ ଏହି ଫିଲ୍ମ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଦେଶ ସ୍ୱାଧୀନତା ଲାଭ କରିବା ସମୟରେ ଭାରତ ପାକିସ୍ତାନ ବିଭାଜନ ଯୋଗୁଁ କିଛି ବର୍ଷ ପାଇଁ ନିର୍ମାଣ କାମ ବନ୍ଦ ରହିଥିଲା । ତେବେ ୧୯୬୦ ମସିହା ଅଗଷ୍ଟ ୫ ତାରିଖରେ ଏହି ଫିଲ୍ମଟି ରିଲିଜ ହୋଇଥିଲା ।


ଆଉ ଏକ ଚର୍ଚ୍ଚିତ ଫିଲ୍ମ ହେଉଛି 'ପାକିଜା' । ଏହି ଫିଲ୍ମ ନିର୍ମାଣ ପାଇଁ ଲାଗିଥିଲା ୧୬ ବର୍ଷ । ୧୯୫୬ ମସିହାରେ ଏହାର ନିର୍ମାଣ କାମ ଆରମ୍ଭ ହୋଇଥିଲା । କିନ୍ତୁ ୧୯୬୪ରେ ଏହାର ସୁଟିଂ ବନ୍ଦ କରିବାକୁ ପଡିଥିଲା । ଅଭିନେତ୍ରୀ ମୀନା କୁମାରୀ ତାଙ୍କ ସ୍ୱାମୀ ତଥା ନିର୍ଦ୍ଦେଶକ କମଲ ଅମରୋହୀଙ୍କଠାରୁ ଅଲଗା ହୋଇଥିଲେ । ଫଳରେ ୫ ବର୍ଷ ପର୍ଯ୍ୟନ୍ତ ଚଳଚ୍ଚିତ୍ର ନିର୍ମାଣ ବନ୍ଦ ରହିଥିଲା । ଶେଷରେ ୧୯୭୨ ମସିହା ଫେବ୍ରୁଆରି ୪ ତାରିଖରେ ଫିଲ୍ମ ରିଲିଜ ହୋଇଥିଲା ।

୨୦୦୪ରେ ମୁକ୍ତିଲାଭ କରିଥିବା ଫିଲ୍ମ 'ମେରି ବିବି କା ଜବାବ ନେହିଁ' ନିର୍ମାଣ ପାଇଁ ଲାଗିଥିଲା ୧୦ ବର୍ଷ। ଅକ୍ଷୟ କୁମାର ଏବଂ ଶ୍ରୀଦେବୀଙ୍କ ଅଭିନୀତ ଏହି ଫିଲ୍ମର ନିର୍ମାଣ କାମ ଆରମ୍ଭ ହୋଇଥିଲା ୧୯୯୪ ମସିହାରେ । ଦୀର୍ଘ ୧୦ ବର୍ଷ ଧରି ଏହି ଫିଲ୍ମ ତିଆରି ହୋଇଥିଲେ ମଧ୍ୟ ଏହା ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା ।




୨୦୦୨ ମସିହାରେ ମୁକ୍ତିଲାଭ କରିଥିବା ବଲିଉଡ୍ ମୁଭି 'ହମ୍ ତୁହ୍ମାରେ ହେଁ ସନମ୍' ତିଆରି ପାଇଁ ଲାଗିଥିଲା ୬ ବର୍ଷ । ସଲମାନ ଖାନ, ଶାହରୁଖ୍ ଖାନ୍ ଓ ମାଧୁରୀ ଦୀକ୍ଷିତ୍ ଅଭିନୀତ ଏହି ଫିଲ୍ମ ନିର୍ମାଣ କାମ ଆରମ୍ଭ ହୋଇଥିଲା ୧୯୯୬ ମସିହାରେ । ତେବେ ପ୍ରଡକ୍ସନରେ ଅସୁବିଧା ଯୋଗୁଁ ୬ ବର୍ଷ ପରେ ଏହି ଫିଲ୍ମ ରିଲିଜ ହୋଇଥିଲା ।

୨୦୧୫ରେ ରିଲିଜ ହୋଇଥିବା ବହୁ ଚର୍ଚ୍ଚିତ ମୁଭି 'ବାହୁବଳୀ' ନିର୍ମାଣ ପାଇଁ ଲାଗିଥିଲା ୫ ବର୍ଷ । ଏହି ଫିଲ୍ମର ସୁଟିଂ ସମୟରେ ଲିଡ୍ ରୋଲରେ ଥିବା ପ୍ରଭାସଙ୍କୁ ଅନେକ ବଡ ବଡ ଫିଲ୍ମର ଅଫର ଆସିଥିଲା। କିନ୍ତୁ ବାହୁବଳୀ ପାଇଁ ସେ ସମସ୍ତ ଅଫର ପ୍ରତ୍ୟାଖ୍ୟାନ କରିଥିଲେ । ୨୦୦୮ରେ ରିଲିଜ ହୋଇଥିବା ଫିଲ୍ମ 'ମେହବୁବା' ନିର୍ମାଣ ପାଇଁ ଲାଗିଥିଲା ୮ ବର୍ଷ । ଅଜୟ ଦେବଗନ, ସଂଜୟ ଦତ୍ତ ଓ ମନୀଷା କୋଇରାଲା ଅଭିନୀତ ଏହି ଫିଲ୍ମର ପ୍ରଥମ ସଟ୍ ସୁଟିଂ ହୋଇଥିଲା ୨୦୦୦ ମସିହାରେ । ହେଲେ ୮ ବର୍ଷ ପରେ ୨୦୦୮ରେ ଏହାର ରିଲିଜ ହୋଇଥିଲା ।




୨୦୧୭ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ 'ଜଗା ଜାସୁସ୍' ର ନିର୍ମାଣ ପାଇଁ ଲାଗିଥିଲା ୫ ବର୍ଷ । କଟ୍ରିନା କୈଫ୍ ଏବଂ ରଣବୀର କପୁର ଅଭିନୀତ ଏହି ଫିଲ୍ମ ୨୦୧୪ରେ ରିଲିଜ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । କିନ୍ତୁ ଏହା ୨୦୧୭ ଜୁଲାଇ ୧୪ରେ ରିଲିଜ ହୋଇଥିଲା ।

ଗତ ମାର୍ଚ୍ଚ ୨୫ରେ ରିଲିଜ ହୋଇ ବକ୍ସ ଅଫିସରେ ଗୋଟିଏ ପରେ ଗୋଟିଏ ରେକର୍ଡ ଭାଙ୍ଗୁଥିବା ତେଲଗୁ ଫିଲ୍ମ 'ଆରଆରଆର୍' ନିର୍ମାଣ ପାଇଁ ଲାଗିଥିଲା ୪ ବର୍ଷ । ୨୦୧୮ ନଭେମ୍ବର ମାସରେ ଏହି ଫିଲ୍ମର ପ୍ରଥମ ସୁଟିଂ ହୋଇଥିଲା । ତେବେ କରୋନା ମହାମାରୀ ପାଇଁ ଏହି ଫିଲ୍ମ ନିର୍ମାଣରେ ବିଳମ୍ବ ହୋଇଥିଲା ।

# ସାମ୍ନାକୁ ଆସିଲା ରଣବୀର-ଆଲିଆଙ୍କ ବିବାହର ଅତିଥି ତାଲିକା



ବିବାହ ତାରିଖ ସାମ୍ନାକୁ ଆସିବା ପରେ ଆସିଲା ଅତିଥି ତାଲିକା। ରଣବୀର-ଆଲିଆଙ୍କ ବିବାହରେ ପୂର୍ବ ପ୍ରେମିକାଙ୍କ ସହ ଯୋଗ ଦେବେ ବଲିଉଡର ଅନେକ କଳାକାର। ଏବେ ବଲିଉଡ୍‌ରେ ସବୁଠାରୁ ଅଧିକ ଚର୍ଚ୍ଚାରେ ଥିବା ଯୋଡ଼ି ରଣବୀର କପୁର ଓ ଆଲିଆ ଭଟ୍ଟଙ୍କ ଘରେ ଖୁବ୍ ଶୀଘ୍ର ସାହାନାଇ ବାଜିପାରେ। ପୂର୍ବରୁ ସୂଚନା ରହିଥିଲା ଯେ ରଣବୀର ଓ ଆଲିଆ ୨୦୨୨ ମସିହା ଏପ୍ରିଲ୍‌ରେ ବିବାହ କରିପାରନ୍ତି। ଏବେ ସୂତ୍ରରୁ ଜାଣିବାକୁ ମିଳିଛି ଯେ ରଣବୀର ଓ ଆଲିଆ ଚଳିତମାସ ୧୭ ତାରିଖରେ ବିବାହ କରିପାରନ୍ତି। ଏପ୍ରିଲ ୧୩ରୁ ୧୭ପର୍ଯ୍ୟନ୍ତ ବିବାହର ବିଭିନ୍ନ କାର୍ଯ୍ୟକ୍ରମ ହେବ ବୋଲି କୁହାଯାଉଥିବା ବେଳେ ଏବେ ଅତିଥି ତାଲିକା ସାମ୍ନାକୁ ଆସିଛି। ମିଳିଥିବା ସୂଚନା ମୁତାବକ, ରଣବୀର-ଆଲିଆ ଏପ୍ରିଲ ୧୭ରେ ବିବାହ କରିବା ସହ ମାସ ଶେଷ ଆଡ଼କୁ ବିବାହ ଭୋଜି ଦେବେ। ଏହି ଭୋଜିରେ ବଲିଉଡ ଅଭିନେତା ଅଭିନେତା ରଣବୀର ସିଂ, ଅଭିନେତ୍ରୀ ଦୀପିକା ପାଦୁକୋନ, ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଂସାଲୀ, ଆଦିତ୍ୟ ଚୋପ୍ରା, ଅଭିନେତା ଶାହରୁଖ ଖାନ, ନିର୍ଦ୍ଦେଶକ ଅୟାନ ମୁଖାର୍ଜୀ, ଅଭିନେତା ଆଦିତ୍ୟ ରୟ କାପୁର, ଅଭିନେତା ଅର୍ଜୁନ କପୁର, ନିର୍ଦ୍ଦେଶକ କରଣ ଜୋହର ଭଳି ବଲିଉଡ ସେଲିବ୍ରିଟିଙ୍କୁ ନିମନ୍ତ୍ରଣ କରାଯାଇଛି। ପୂର୍ବରୁ ଖବର ମିଳିଥିଲା ଯେ, ସେମାନଙ୍କ ବିବାହ କୌଣସି ବିଳାସପୂର୍ଣ୍ଣ ହୋଟେଲ୍‌ରେ ହେବନାହିଁ। ରଣବୀରଙ୍କ ପୈତୃକ ଗ୍ରାମରେ ବିବାହ ଉତ୍ସବ ଅନୁଷ୍ଠିତ ହେବ। ରଣବୀର କପୁର ନିଜେ ତାଙ୍କ ବିବାହ ସ୍ଥାନ ଠିକ୍ କରିଛନ୍ତି ବୋଲି କୁହାଯାଇଥିଲା। ରଣବୀର କପୁରଙ୍କ ବାପା-ମା' ଋଷି କପୁର ଏବଂ ନୀତୁ କପୁର ମଧ୍ୟ ୧୯୮୦ ଜାନୁଆରି ୨୦ରେ ଏହି ସମାନ ସ୍ଥାନରେ ବିବାହ କରିଥିଲେ। ରିପୋର୍ଟରୁ ଜଣାପଡ଼ିଛି ଯେ, ରଣବୀର ଏବଂ ଆଲିଆଙ୍କ ବିବାହ ଉତ୍ସବରେ ୪୫୦ ଅତିଥି ଯୋଗ ଦେବେ।

# ମା' ହେଲେ ଦେବିନା: ଘରକୁ ଆସିଲେ ବେବି ଗାର୍ଲ

ପିତାମାତା ହେଲେ ଟେଲିଭିଜନର ରାମ-ସୀତା ଯୋଡ଼ି। ଗୁରମିତ ଚୌଧୁରୀ ଓ ଦେବିନା ବାନାର୍ଜୀଙ୍କ ଘରକୁ ଆସିଲେ ନୂଆ ଅତିଥି । ବେବି ଗାର୍ଲର ପ୍ୟାରେଣ୍ଟସ୍ ହେଲେ ଟେଲିଭିଜନ ଜଗତର ଏହି ହିଟ୍ ଯୋଡ଼ି। ବିବାହର ୧୧ ବର୍ଷ ପରେ ଫ୍ୟାନ୍ସଙ୍କୁ ଏହି ଗୁଡ ନ୍ୟୁଜ ଦେଇଥିବା ଗୁରମିତ ଓ ଦେବିନାଙ୍କ ଖୁସି ବନ୍ଧବାଡ଼ ମାନୁନି । ଗୁରମିତ ନିଜ ଝିଅର ପ୍ରଥମ ଭିଡିଓ ଇନଷ୍ଟାଗ୍ରାମରେ ଶେଆର କରିଥିବା ବେଳେ ଏହାକୁ ଖୁବ୍ ଶୀଘ୍ର ଭାଇରାଲ ହେବାରେ ଲାଗିଛି।



# ମା' ହେବେ ଅଙ୍କିତା

ଖୁବ୍‌ଶୀଘ୍ର ମା' ହେବେ ବଲିଉଡର ଦିବଙ୍ଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପୂର୍ବତନ ଗାର୍ଲଫ୍ରେଣ୍ଡ ତଥା ପବିତ୍ର ରିସ୍ତା ଫେମ୍ ଅଙ୍କିତା ଲୋଖଣ୍ଡେ। ଏନେଇ ସେ ନିଜେ ଖୁଲାସା କରିଛନ୍ତି। ନିକଟରେ ନିଜ ବୟଫ୍ରେଣ୍ଡ ବିକ୍କି ଜୈନଙ୍କୁ ବିବାହ କରିଥିବା ଅଙ୍କିତା କଙ୍ଗନା ରଣାଓ୍ୱତଙ୍କ 'ଲକ୍ ଅପ୍' ଶୋ'ରେ ଏହି ସିକ୍ରେଟ ଉପରୁ ପରଦା ହଟାଇଛନ୍ତି। ନିକଟରେ ଅଙ୍କିତା ନିଜ ଅପକମିଂ ଓ୍ୱେବ ସିରିଜ 'ପବିତ୍ର ରିସ୍ତା'ର ପ୍ରମୋସନ ପାଇଁ କଙ୍ଗନାଙ୍କ ରିଆଲିଟି ଶୋ' 'ଲକ୍ ଅପ୍'କୁ ଯାଇଥିଲେ। ଏଠାକୁ ଆସିବା ପରେ ଶୋ'ର ନିୟମ ଅନୁସାରେ କଙ୍ଗନା ତାଙ୍କୁ ତାଙ୍କ ଲାଇଫ୍‌ର ଏକ ସିକ୍ରେଟ୍ ରିଭିଲ୍ କରିବା ପାଇଁ କହିଥିଲେ। ଏହାର ଉତ୍ତରରେ ଅଙ୍କିତା ତାଙ୍କର କୌଣସି ସିକ୍ରେଟ୍ ନାହିଁ ବୋଲି କହିଥିଲେ। କିନ୍ତୁ ପରେ କଙ୍ଗନା ଯେତେବେଳେ ଅଙ୍କିତାଙ୍କୁ ବାରମ୍ବାର ଚାପ ପାକାଇଥିଲେ ସେତେବେଳେ ସେ ଖୁଲାସା କରିଥିଲେ। ଅଙ୍କିତା କହିଥିଲେ,' ବିକ୍କି(ସ୍ୱାମୀ) ବି ଏହା ଜାଣି ନାହାନ୍ତି। ମୁଁ ପ୍ରେଗ୍‌ନେଣ୍ଟ ଅଛି। ମୁଁ ମା' ହେବାକୁ ଯାଉଛି। ମୋତେ ଶୁଭେଚ୍ଛା ଜଣାଅ।' ଏହା ଶୁଣି ଶୋ'ର ପ୍ରତିଯୋଗୀ ଓ କଙ୍ଗନା ଚକିତ ହୋଇଯାଥିଲେ। କିନ୍ତୁ ପରେ ଅଙ୍କିତା ' ଏପ୍ରିଲ ଫୁଲ୍' ବୋଲି କହି ସମସ୍ତଙ୍କୁ ବୋକା ବନାଇ ଦେଇଥିଲେ। ତେବେ ଅଙ୍କିତା ପ୍ରକୃତରେ ଗର୍ଭବତୀ ନାହାନ୍ତି। ସେ କେବଳ ଦର୍ଶକଙ୍କୁ ଓ ଶୋ'ର ପ୍ରତିଯୋଗୀଙ୍କୁ ଏପ୍ରିଲ ଫୁଲ ବନାଇବା ପାଇଁ ଏଭଳି କହିଥିବା ଜଣାପଡିଛି। ସୂଚନା ମୁତାବକ, ଗତବର୍ଷ ଡିସେମ୍ବର ୧୪ରେ ଅଙ୍କିତା ତାଙ୍କ ଲଙ୍ଗଟାଇମ୍ ବୟଫ୍ରେଣ୍ଡ ବିକ୍କି ଜୈନ୍‌ଙ୍କୁ ବିବାହ କରିଥିଲେ। ବିବାହ ପରେ ଶନିବାର ଅଙ୍କିତାଙ୍କ ପ୍ରଥମ ଗୁଡି ପାଡଓ୍ୱା ଥିଲା। ଯାହାର ଫଟୋ ଆଉ ଭିଡିଓ ସେ ସୋଶାଲ ମିଡିଆରେ ଶେଆର କରିଛନ୍ତି।



# ଛାଡପତ୍ର ପରେ ପୁଣି ପୂର୍ବତନ ସ୍ୱାମୀ ନାଗାଙ୍କୁ ମନେ ପକାଇଲେ ସମନ୍ଥା

ଛାଡପତ୍ର ପରେ ପୁଣି ପୂର୍ବତନ ସ୍ୱାମୀ ନାଗା ଚୈତନ୍ୟଙ୍କୁ ମନେ ପକାଇଲେ ସାଉଥ ସୁନ୍ଦରୀ ସମନ୍ଥା। ଛାଡପତ୍ର ପରେ ପ୍ରଥମ ଥର ପାଇଁ ସୋଶାଲ ମିଡିଆରେ ଶେଆର କଲେ ତାଙ୍କ ଫଟୋ। ଏହାକୁ ନେଇ ଏବେ ଚାରିଆଡେ ଚର୍ଚ୍ଚା ସୃଷ୍ଟି ହୋଇଛି। ସମନ୍ଥା ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ପୂର୍ବତନ ସ୍ୱାମୀ ନାଗା ଚୈତନ୍ୟଙ୍କ ଏକ ରାଗିଥିବା ଫଟୋ ଶେଆର କରିଛନ୍ତି। ପ୍ରକୃତରେ ତାଙ୍କ ଫିଲ୍ମ 'ମଜିଲି'କୁ ୩ ବର୍ଷ ପୂର୍ତ୍ତି ହେବା ଖୁସିରେ ସେ ଏହି ଫଟୋ ଅପ୍‌ଲୋଡ କରିଛନ୍ତି। ଏଥିରେ ନାଗାଙ୍କୁ ଏଙ୍ଗ୍ରି ୟଙ୍ଗ ମ୍ୟାନ୍ ଲୁକ୍‌ରେ ଦେଖିବାକୁ ମିଳିଛି। ଏହି ଫଟୋକୁ ଦେଖି ଏବେ ସମନ୍ଥା ଓ ନାଗା ଉଭୟଙ୍କ ଫ୍ୟାନ୍‌ମାନେ ଚକିତ ହୋଇପଡିଛନ୍ତି। ବିବାହାର ୪ ବର୍ଷ ପରେ ଗତବର୍ଷ ଅକ୍ଟୋବରରେ ନାଗା ଚୈତନ୍ୟ ଓ ସମନ୍ଥା ପରସ୍ପର ଠାରୁ ଅଲଗା ହୋଇ ଯାଇଥିଲେ। ସୋଶାଲ ମିଡିଆରେ ଏକ ନୋଟ୍ ଶେଆର କରି ଉଭୟଙ୍କ ସହମତିରେ ଦୁହେଁ ଭିନ୍ନ ହେଉଥିବା ଏବଂ ଛାଡପତ୍ର ନେଉଥିବା ନେଇ ସମସ୍ତଙ୍କୁ ଜଣାଇଥିଲେ। ତେବେ ଛାଡପତ୍ର ନେବା ପରେ ବି ଉଭୟ ପୂର୍ବଭଳି ଭଲ ବନ୍ଧୁ ହୋଇ ରହିବେ ବୋଲି କହିଥିଲେ। ଏହି ଖବର ତାଙ୍କ ଫ୍ୟାନ୍‌ମାନଙ୍କୁ ଏକ ଶକ୍ତ ଝଟ୍‌କା ଦେଇଥିଲା। ଝାଡପତ୍ର ପରେ ସମନ୍ଥା ଓ ନାଗା ଉଭୟ ଦୁହିଁଙ୍କୁ ଦେଖାସକ୍ଷାତ କରିନାହାନ୍ତି। ଏପରିକି ଗୋଟିଏ ଶୁଟିଂ ସେଟ୍‌ରେ ଥାଇ ମଧ୍ୟ ପରସ୍ପର ଠାରୁ ମୁହଁ ଲୁଚାଇ ଚାଲି ଯାଇଛନ୍ତି। ତେବେ ଏତେ ଦିନ ପରେ ଏବେ ସମନ୍ଥା ପ୍ରଥମ କରି ନାଗାଙ୍କୁ ନେଇ ପୁଣି ଆକ୍ଟିଭ ହୋଇ ପଡିଛନ୍ତି।





# ଆଇନ ଜାଲରେ ଫସିଲେ ଅଲ୍ଲୁ ଅର୍ଜୁନ୍

ଆଇନ ଜାଲରେ ଫସିଲେ 'ପୁଷ୍ପା' ଓରଫ ଅଲ୍ଲୁ ଅର୍ଜୁନ। ଏହି ସାଉଥ ସୁପରଷ୍ଟାରଙ୍କ ନାଁରେ ଆସିଛି ସାଙ୍ଘାତିକ ଅଭିଯୋଗ। ହାଇଦ୍ରାବାଦ ପୁଲିସ ତାଙ୍କ ନାଁରେ କାଟିଛି ଚାଲାଣ। କଳା ରଙ୍ଗର କାଚ ଥିବା କାରରେ ବୁଲିବା ଏବେ ଅଲ୍ଲୁ ଅର୍ଜୁନଙ୍କୁ ମହଙ୍ଗା ପଡିଛି। ଟ୍ରାଫିକ ନିୟମ ଉଲ୍ଲଘଂନ ଅଭିଯୋଗରେ ତାଙ୍କ ନାଁରେ ହାଇଦ୍ରାବାଦ ପୁଲିସ ମୋଟା ଅଙ୍କର ଚାଲାଣ କାଟିଛି। ଅଲ୍ଲୁଙ୍କୁ ୭୦୦ ଟଙ୍କାର ଜରିମାନା ଭରିବାକୁ ପଡିଛି। ନିକଟରେ ଅଲ୍ଲୁ ଅର୍ଜୁନ ତାଙ୍କ ଲ୍ୟାଣ୍ଡ ରୋଭର ରେଞ୍ଜ ରୋଭର ଲଗ୍‌ଜୁରୀ ଏସ୍‌ୟୁଭି କାରରେ କଳା ରଙ୍ଗର କାଚ ଲଗାଇଥିଲେ। ଏହାପରେ ହାଇଦ୍ରାଦାର ବିଜି ସେଣ୍ଟର ରୋଡ୍‌ରେ ଏହା ଦେଖି ତାଙ୍କ କାରକୁ ଅଟକାଇଥିଲା ପୁଲିସ। ଏହାପରେ କାରରେ କଳା କାଚ ଲଗାଇବା ଅଭିଯୋଗରେ ତାଙ୍କ ନାଁରେ କଟିଥିଲା ଚାଲାଣ। ତେବେ ଯେତେବେଳେ ଚାଲାଣ କଟିଥିଲା ସେତେବେଳେ କାରରେ ଅଲ୍ଲୁ ଅର୍ଜୁନ ଥିଲେ ନା ନାହିଁ ସେ ନେଇ କିଛି ସୂଚନା ମିଳିନାହିଁ। ସୂଚନା ମୁତାବକ, ଗାଡି ଗୁଡିକରେ ଟିଣ୍ଟେଡ୍ ଗ୍ଲାସ ବ୍ୟତୀତ ସନ୍ ଫିଲ୍ମ ଭଳି ଅନ୍ୟାନ୍ୟ ବିକଳ୍ପ ବ୍ୟବହାର କରାଯାଇପାରିବ ନାହିଁ ବୋଲି ୨୦୧୨ ସୁପ୍ରିମକୋର୍ଟ ଏକ ନିୟମ ପାରିତ କରିଥିଲେ। କାର ଗୁଡିକ ଟ୍ରାନ୍ସ ପରାଣ୍ଟ କାଚ ଲାଗିବ। ଯଦି ଏଥିରେ କିଏ ଖିଲାପ କରନ୍ତି ତେବେ ତାଙ୍କୁ ଜରିମାନା ମଧ୍ୟ ଭୋଗିବାକୁ ପଡିବ।

ଉଲ୍ଲେଖଯୋଗ୍ୟ ଯେ, 'ପୁଷ୍ପା'ର ସଫଳତା ପରେ ଅଲ୍ଲୁ ଅର୍ଜୁନ ଏବେ ଏହାର ସେକେଣ୍ଡ ପାର୍ଟର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଲୋକେ ଏହି ଫିଲ୍ମକୁ ନେଇ ବେଶ୍ ଉତ୍ସାହିତର ସହ ଅପେକ୍ଷା କରି ରହିଛନ୍ତି।

# ଅଡୁଆରେ ଅଭିନେତ୍ରୀ: ଆସିଲା ସାଙ୍ଘାତିକ ଅଭିଯୋଗ

ଚର୍ଚ୍ଚାରେ ସାଉଥ ଅଭିନେତ୍ରୀ ରାଶି ଖନ୍ନା। ନିକଟରେ ଅଜୟ ଦେବଗନଙ୍କ ଓ୍ୱେବସିରିଜ 'ରୁଦ୍ର'ରୁ ବଲିଉଡରେ ପୁଣି ଥରେ ଏଣ୍ଟ୍ରି କରିଥିବା ଏହି ଅଭିନେତ୍ରୀ ଏବେ ଅଡୁଆରେ ଫସିଛନ୍ତି। ତାଙ୍କ ନାଁରେ ଆସିଛି ସାଙ୍ଘାତିକ ଅଭିଯୋଗ। ସେ କୁଆଡେ ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ନାଁ ଖରାପ କରୁଥିବା ନେଇ ଅଭିଯୋଗ ହୋଇଛି। ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଚେହେରା ହେଉଛନ୍ତି ରାଶି ଖନ୍ନା। କିଛି ଦିନ ତଳେ ସେ ବଲିଉଡ ଓ ସାଉଥ ଇଣ୍ଡଷ୍ଟ୍ରି ମଧ୍ୟରେ ଥିବା ଫରକ୍‌କୁ ନେଇ ନିଜ ଅଭିଜ୍ଞତା ବଖାଣିଥିଲେ। ସେ ନିଜ ସାକ୍ଷାତକାରରେ କହିଥିଲେ, ବଲିଉଡ ଠାରୁ ପୂରାପୁରି ଭିନ୍ନ ସାଉଥ ଇଣ୍ଡଷ୍ଟ୍ରି। ଓ୍ୱେବସିରିଜ 'ରୁଦ୍ର'ରେ ତାଙ୍କ ଯେଉଁ ଚରିତ୍ର ମିଳିଛି ତାହା ଭିନ୍ନ। ପ୍ରଥମ ଥର ଏଭଳି ଚରିତ୍ରରେ ଅଭିନୟ କରିବା ପାଇଁ ସେ ସୁଯୋଗ ପାଇଥିବା କହିଥିଲେ। ଏଥିସହ ରାଶି ଆହୁରି କହିଥିଲେ,'ସାଉଥ ଇଣ୍ଡଷ୍ଟ୍ରିରେ ମହିଳାମାନଙ୍କ କୌଣସି ଅସ୍ତିତ୍ୱ ନାହିଁ। ତାଙ୍କୁ ସମ୍ମାନ ମିଳୁନି।' ଅଭିନେତ୍ରୀଙ୍କ ଏହି ବୟାନକୁ ନେଇ ଏବେ ବିବାଦ ଉପୁଜିଛି।



# ହୀରାକୁଦ ଉପରେ ନିର୍ମାଣ ହେବ ହାଇଲେଭଲ ସେତୁ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ହୀରାକୁଦ ଜଳ ଭଣ୍ଡାର ଉପରେ ଏକ ହାଇ ଲେଭଲ ବ୍ରିଜ୍ ନିର୍ମାଣ ହେବ। ଏଥିସହ ବରଗଡ-ଭଟଲି-ଅମ୍ବାବନା ଓ ପଦ୍ମପୁର-ପାଟଣାଗଡ ରାସ୍ତାର ଉନ୍ନତିକରଣ ହେବ। ଏଥିପାଇଁ କେନ୍ଦ୍ର ସଡକ ପରିବହନ ମନ୍ତ୍ରଣାଳୟ ଅର୍ଥ ମଂଜୁର କରିଛି। ଏସମ୍ପର୍କରେ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରି ବରଗଡ ସାଂସଦ ସୁରେଶ ପୂଜାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏଥିଲାଗି ସାଂସଦ କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରି ଧନ୍ୟବାଦ ଜଣାଇଛନ୍ତି।

ଏହାପରେ ସାଂସଦ ଶ୍ରୀ ପୂଜାରୀ ଟୁଇଟ୍ କରି କହିଛନ୍ତି ଝାରସୁଗୁଡା-ବରଗଡ କୁ ଯୋଡିବା ପାଇଁ ମହାନଦୀ ଜଳଭଣ୍ଡାର ଉପରେ ସେତୁ ନିର୍ମାଣ ପାଇଁ ୨୭୪ କୋଟି ମଂଜୁର କରାଯାଇଛି। ଏଥିସହ ବରଗଡ-ଭଟଲି-ଅମ୍ବାବନା ଓ ପଦ୍ମପୁର-ପାଟଣାଗଡ ରାସ୍ତାର ଉନ୍ନତିକରଣ ଆଦି ପାଇଁ ଓଡିଶାକୁ ୧୭୨୬.୨୨ କୋଟି ଟଙ୍କା ରୁ ସର୍ବମୋଟ ୩୬୮.୫ କୋଟି ଟଙ୍କା ମଂଜୁର କରାଯାଇଛି। ସେଂଟ୍ରାଲ ରୋଡ୍ ଆଣ୍ଡ ଇନଫ୍ରାଷ୍ଟ୍ରକଚର ଫଣ୍ଡ୍ (ସିଆରଆଇଏଫ୍) ରୁ ଏହି ଟଙ୍କା ମଂଜୁର ହୋଇଛି। ଉଲ୍ଲେଖ୍ୟଯୋଗ୍ୟ ଯେ ସାଂସଦ ଶ୍ରୀ ପୂଜାରୀ ଉପରୋକ୍ତ ପ୍ରକଳ୍ପ ନେଇ କେନ୍ଦ୍ରମନ୍ତ୍ରୀ ଗଡକରୀଙ୍କୁ ଅନୁରୋଧ କରିଥିଲେ।

# କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ନିଯୁକ୍ତିର ବ୍ୟାପକ ସୁଯୋଗ ରହିଛି : ମନ୍ତ୍ରୀ

## ଲିଙ୍ଗ ନିରୁପିତ ଶୁକ୍ରାଣୁ ଦ୍ୱାରା କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୦୭/୦୪ (ନି.ପ୍ର): କୃଷି ଓ ଏହାର ଆନୁଷଙ୍ଗିକ କ୍ଷେତ୍ରରେ ନିଯୁକ୍ତିର ବ୍ୟାପକ ସୁଯୋଗ ରହିଛି। ବିଗତ କରୋନା ମହାମାରୀ କାଳରେ ଚାକିରି ବୃତି ପାଇଁ ରାଜ୍ୟ ବାହାରକୁ ଯାଇଥିବା ଓଡ଼ିଆ ଯୁବପିଢ଼ି ରାଜ୍ୟକୁ ଫେରି କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ମନୋନିବେଶ ତଥା ପୁଂଜିନିବେଶ କରିଛନ୍ତି। ଆଜି ଭୁବନେଶ୍ୱର କୃଷି ଭବନଠାରେ ଲିଙ୍ଗ ନିରୁପିତ ଶୁକ୍ରାଣୁ ଦ୍ୱାରା କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି।

ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଲେ ଯେ ଲିଙ୍ଗ ନିରୁପିତ ଶୁକ୍ରାଣୁ ଟେକ୍ନୋଲୋଜି ଦ୍ୱାରା ୯୦ ପ୍ରତିଶତ ପର୍ଯ୍ୟନ୍ତ ମାଈ ବାଛୁରି ଜନ୍ମ ହୋଇ ରାଜ୍ୟରେ ଦୁଗ୍ଧ ଉତ୍ପାଦନରେ ବୃଦ୍ଧି ଘଟିବା ସହିତ ଚାଷୀର ଆୟବୃଦ୍ଧି ଘଟିବ। ଏହି କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ଦୁଗ୍ଧଚାଷୀଙ୍କ ପାଇଁ ୭୫ ପ୍ରତିଶତ ରିହାତି ସରକାର ଯୋଗାଇଦେବେ। ଗୋଟିଏ ଡୋଜ ଲିଙ୍ଗ ନିରୁପିତ ଶୁକ୍ରାଣୁର ମୂଲ୍ୟ ୭୧୫ ଟଙ୍କା ହୋଇଥିବାସ୍ଥଳେ ସରକାର ଏହାକୁ ଗୋପାଳକମାନଙ୍କୁ ମାତ୍ର ୧୮୦ ଟଙ୍କାରେ ଯୋଗାଇଦେବେ। ରାଜ୍ୟର ଖଣିଜ ଅଞ୍ଚଳ ଜିଲ୍ଲାମାନଙ୍କରେ ଏଥି ପାଇଁ ଶତପ୍ରତିଶତ ରିହାତିର ସୁବିଧା ରହିଛି ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ। ଉଚ୍ଚ ଜେନେଟିକ୍ କ୍ଷମତାସଂପନ୍ନ ଷଣ୍ଢଙ୍କ ଶୁକ୍ରାଣୁ ବ୍ୟବହାର ମାଧ୍ୟମରେ ଗୋ-ପ୍ରଜାତିର ଉନ୍ନତିକରଣ ଓ ଦ୍ରୁତ ଉତ୍ପାଦନ ବୃଦ୍ଧି କରିବାକୁ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ଗୁରୁତ୍ୱ ପ୍ରଦାନ କରୁଛି। ଲିଙ୍ଗ ନିରୁପିତ ହୋଇନଥିବା ସାଧାରଣ ଶୁକ୍ରାଣୁ ବ୍ୟବହାର କରି କୃତ୍ରିମ ପ୍ରଜନନ କରାଯାଉଥିବା ଗାଈଙ୍କଠାରୁ ୫୦ ପ୍ରତିଶତ ଅଣ୍ଡିରା ଓ ୫୦ ପ୍ରତିଶତ ମାଈ ବାଛୁରି ଜନ୍ମ ହେବାର ସମ୍ଭାବନା ଥାଏ। ଧୀରେ ଧୀରେ ଅଣ୍ଡିରା ବାଛୁରିଙ୍କ ଚାହିଦା କମୁଥିବାରୁ ଗୋପାଳକମାନେ ସେମାନଙ୍କୁ ବୁଲା ଗୋରୁ ଭାବେ ଛାଡ଼ି ଦେଉଥାନ୍ତି ଓ ରାଜ୍ୟରେ ବୁଲା ଗୋରୁଙ୍କ ସଂଖ୍ୟାରେ ବୃଦ୍ଧି ଘଟିଥାଏ। ଲିଙ୍ଗ ନିରୁପିତ ଶୁକ୍ରାଣୁ ଟେକ୍ନୋଲୋଜି ୯୦ ପ୍ରତିଶତ ପର୍ଯ୍ୟନ୍ତ ଉଚ୍ଚ ଜେନେଟିକ୍ କ୍ଷମତା ସଂପନ୍ନ ମାଈ ବାଛୁରି ଜନ୍ମର ସମ୍ଭାବନାକୁ ବୃଦ୍ଧି କରିଥାଏ ଏବଂ ଏହା ଦ୍ୱାରା ଅଣ୍ଡିରା ବାଛୁରିଙ୍କ ସଂଖ୍ୟା ହ୍ରାସ ପାଇ ଗୋପାଳକଙ୍କ ଉପରେ ଅଣ୍ଡିରା ବାଛୁରି ପାଳନର ଭାର ହ୍ରାସ କରିଥାଏ। ଏହି ଅବସରରେ କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା କହିଥିଲେ ଯେ ରାଜ୍ୟରେ ଗିର୍, ସାହିୱାଲ୍, କ୍ରସ୍ ବ୍ରେଡ୍ ଜର୍ସି, କ୍ରସ୍ ବ୍ରେଡ୍ ହୋଲ୍‌ଷ୍ଟିନ୍ ଫ୍ରିଜିଆନ୍ ଇତ୍ୟାଦି ଉନ୍ନତ ପ୍ରଜାତିର ସେକ୍ସ ସର୍ଟେଡ୍ ସିମେନ୍ ଚାଷୀଙ୍କ ପାଇଁ ଉପଲବ୍ଧ ହେବ। ଓଡ଼ିଶା ଗୋ-ମହିଷାଦି ପ୍ରଜନନ ନୀତି ଅନୁଯାୟୀ ଏହା କାର୍ଯ୍ୟକାରୀ କରାଯାଉଛି।

ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଆର ରଘୁପ୍ରସାଦ କହିଥିଲେ ଯେ ଲିଙ୍ଗ ନିରୁପିତ ଶୁକ୍ରାଣୁ କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେବ। ୨୦୨୨-୨୩ ବର୍ଷରେ ପ୍ରାଥମିକ ଅବସ୍ଥାରେ ୫.୫ ଲକ୍ଷ ଡୋଜ୍ ବ୍ୟବହାର କରି ୧.୨୦ ଲକ୍ଷ ଗାଈଙ୍କ କୃତ୍ରିମ ପ୍ରଜନନ କରାଯିବ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଡ. ଯେଦୁଲ୍ଲା ବିଜୟ ସ୍ୱାଗତ ଭାଷଣ ଦେଉଥିବାବେଳେ ଓଡ଼ିଶା ପ୍ରାଣୀଧନ ଅନୁସନ୍ଧାନ ବିକାଶ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଲୋକନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୋ-ପ୍ରଜାତି କୃତ୍ରିମ ପ୍ରଜନନ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓମ୍‌ଫେଡ୍‌ର ଏମ୍.ଡି, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ମହାବିଦ୍ୟାଳୟର ବିଶେଷଜ୍ଞ, ବିଭାଗୀୟ ଅଧିକାରୀ ଓ ଗୋପାଳକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଗୋପାଳକ ଓ ବିଭାଗୀୟ ଅଧିକାରୀମାନେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିଲେ।

# ଭାଜପା ପ୍ରତିଷ୍ଠା ଦିବସରେ ଜଳଛତ୍ରର ଶୁଭାରମ୍ଭ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରଶ୍ମି ରଞ୍ଜନ ମୁଦୁଲି ଙ୍କ ନେତୃତ୍ୱରେ ଆଜି ଭୁବନେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚା ତରଫରୁ ପାର୍ଟୀ ଅଫିସ ସମ୍ମୁଖରେ ଏକ ଜଳଛତ୍ରର ଆରମ୍ଭ କରାଯାଇଛି। ଉକ୍ତ ଜଳଛତ୍ର ବ୍ୟବସ୍ଥା କୁ ରାଜ୍ୟ ସଭାପତି ସମୀର ମହାନ୍ତି ଉଦଘାଟନ କରିଥିଲେ ଏବଂ ଏଥିରେ ରାଜ୍ୟ ପ୍ରବକ୍ତା ଗୋଲକ ମହାପାତ୍ର, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରତ ବିଶ୍ୱାଳ,ରାଜ୍ୟ ଉପ ସଭାପତି ଭୃଗୁ ବକ୍ସି ପାତ୍ର , ଭୁବନେଶ୍ୱର ଜିଲ୍ଲା ପ୍ରଭାରୀ ଭୁବନ ମୋହନ ଜେନା, ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ, ରାଜ୍ୟ କାର୍ଯ୍ୟକାରିଣୀ ହରେକୃଷ୍ଣ ଖୁଂଟିଆ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚା ଉପ ସଭାପତି ଆଦର୍ଶ ପଟନାୟକ ଓ ଯୁବମୋର୍ଚ୍ଚା ର ଶତାଧିକ ଏବଂ ଭାଜପା ର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ବନ୍ଧୁ ମାନେ ଉପସ୍ଥିତ ଥିଲେ।

# ଶ୍ରୀରାମନବମୀରେ ରାଜଧାନୀରେ ସ୍ଥାପନ ହେବ ପ୍ରଭୁ ରାମ ଜନ୍ମଭୂମି ମୃତିକା

ଭୁବନେଶ୍ୱର,୦୭/୦୪ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ସ୍ଥାପନ ହେବ ପ୍ରଭୁ ରାମଙ୍କ ଭବ୍ୟ ଚରଣ ତଥା ରାମ ଜନ୍ମ ମୃତିକା। ରାମନବମୀ ଦିନ ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାର ପବିତ୍ର ମାଟିକୁ ଭୁବନେଶ୍ୱର ନୟାପଲ୍ଲୀ ସଙ୍କଟମୋଚନ ମନ୍ଦିର ପରିସରରେ ଶାନ୍ତିଧାମ ଫାଉଣ୍ଡେସନ୍ ଆନୁକୂଲ୍ୟରେ ସ୍ଥାପନ କରିବା ଲାଗି ତିଥି ଧାର୍ଯ୍ୟ କରାଯାଇଛି। ଏନେଇ ବୁଦ୍ଧ ମନ୍ଦିରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

ଶାନ୍ତିଧାମ ଫାଉଣ୍ଡେସନ୍ ର ପ୍ରତିଷ୍ଠାତା ସୌଭାଗ୍ୟ ରାଉତରାୟ କହିଛନ୍ତି ଆସନ୍ତା ୧୦ ତାରିଖ ସନ୍ଧ୍ୟା ୭ଟା ସମୟରେ ପବିତ୍ର ରାମନବମୀ ଅବସରରେ ଏହି ମାଟି ସ୍ଥାପନ କରାଯିବ। ଏହା ଓଡ଼ିଶାରେ ପ୍ରଥମ ଭବ୍ୟ ଚରଣ ବା ଏହି ପବିତ୍ର ମାଟି। ପଂଚଧାତୁରେ ନିର୍ମିତ ରାମ ଦରବାର, ଅଯୋଧ୍ୟାର ପ୍ରଭୁ ଶ୍ରୀରାମଙ୍କ ବାସ୍ତୁ ଯନ୍ତ୍ର ଏବଂ ଖଚିତ ମୁଦ୍ରା ଆଦି ବିଭିନ୍ନ ଦୁର୍ଲଭ ଓ ପବିତ୍ର ସମ୍ଭାରକୁ ଅଣାଯାଇଛି। ଅନ୍ୟପଟେ ଦେଶର ୨୦୩୧ଟି ମନ୍ଦିରରେ ଏହା ସ୍ଥାପିତ ହୋଇ ସାରିଥିବା ବେଳେ ଓଡ଼ିଶାରେ ପ୍ରଥମ ଥର ପାଇଁ ସ୍ଥାପନ ହେବାକୁ ଯାଉଛି। ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ନୀତି ଓ ଆଦର୍ଶରେ ଯୁବ ସମାଜକୁ ଅନୁପ୍ରାଣିତ କରିବା ସୁସ୍ଥ ସମାଜ ଗଠନ ସହ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଫାଉଣ୍ଡେସନର ପ୍ରତିଷ୍ଠାତା ସୌଭାଗ୍ୟ ରାଉତରାୟ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରତୀୟ ମାନସ ପ୍ରଚାର ସମିତିର ପ୍ରତିଷ୍ଠାତା ସୂର୍ଯ୍ୟନାରାୟଣ ଗୁପ୍ତ ଯୋଗ ଦେବେ ବୋଲି ଫାଉଣ୍ଡସନର ସଭାପତି ଅମ୍ବିକା ଦାଶ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ମହିର ସାହୁ,ପୂର୍ଣ୍ଣଚନ୍ଦ୍ର ରାଜ୍,ସସ୍ମିତା ମଲ୍ଲିକ, ଗୁରୁପ୍ରସାଦ ଦସ, ପ୍ରକାଶ ମହାପାତ୍ର ଓ ଲୁଲୁ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଫରୱାର୍ଡ଼ ବ୍ଲକ୍ ଜାତୀୟ ପରିଷଦ ବୈଠକ ସ୍ମାରକୀ ଜର୍ସୀ ଉନ୍ମୋଚିତ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ 'ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍'ର ଜାତୀୟ ପରିଷଦ ବୈଠକ ଆସନ୍ତା ଅପ୍ରେଲ୍ ୮ ଓ ୯, ୨୦୨୨ରିଖ ଦୁଇଦିନ ଧରି ଭୁବନେଶ୍ୱର ଲୋହିଆ ଏକାଡ଼େମୀ ଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ଆଜି ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକର ରାଜ୍ୟ କାର୍ଯ୍ୟାଳୟ ନେତାଜୀ ଭବନ ପରିସରରେ ଏକ ସ୍ମାରକୀ ଜର୍ସୀ ଉନ୍ମୋଚନ ହୋଇଯାଇଛି। ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକର ଅନ୍ୟତମ ଜାତୀୟ ସାଧାରଣ ସଂପାଦକ ଜି. ଦେବରାଜନ୍ , ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ରାଜ୍ୟ ସାଧାରଣ ସଂପାଦକ ଜ୍ୟୋତି ରଂଜନ ମହାପାତ୍ର ଏହି ସ୍ମାରକୀ ଜର୍ସୀକୁ ଉନ୍ମୋଚନ କରିଛନ୍ତି। ଆସନ୍ତା ଅପ୍ରେଲ୍ ୮ ଓ ୯, ୨୦୨୨ରିଖ ଦୁଇଦିନିଆ ଜାତୀୟ ପରିଷଦ ବୈଠକ ପାଇଁ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକର ସର୍ବଭାରତୀୟ ସାଧାରଣ ସଂପାଦକ ଦେବବ୍ରତ ବିଶ୍ୱାସ, ଜାତୀୟ ଉପାଧ୍ୟକ୍ଷ ପି.ଭି. କାଦିରମଣ, ସଂପାଦକ ମଣ୍ଡଳୀ ସଭ୍ୟ ନରେନ୍ ଚାଟାର୍ଜୀ, ବଣ୍ଡା ସୁରେନ୍ଦ୍ର ରେଡ୍ଡୀ, ଗୋବିନ୍ଦ ରାୟ ଓ ସୁନ୍ଦର ରାମାରାଜୁ ପ୍ରମୁଖ ଆସନ୍ତା କାଲି ଭୁବନେଶ୍ୱରରେ ପହଂଚିବାର କାର୍ଯ୍ୟକ୍ରମ ରହିଛି। ଏହି ଦୁଇଦିନିଆ ଜାତୀୟ ପରିଷଦ ବୈଠକରେ ସାରା ଭାରତବର୍ଷର ୨୩ଟି ରାଜ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ଜାତୀୟ ପରିଷଦ ସଭ୍ୟ ଓ ବିଭିନ୍ନ ରାଜ୍ୟର ଫରୱାର୍ଡ଼ ବ୍ଲକ୍‌ର ନେତୃତ୍ୱ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ରାଜ୍ୟ ସାଧାରଣ ସଂପାଦକ ଜ୍ୟୋତି ରଂଜନ ମହାପାତ୍ର ପ୍ରକାଶ କରିଛନ୍ତି।

# ଜାଲ୍ ସାର୍ଟିଫିକେଟ ଦେଇ ଆଡମିଶନ କରିଥିଲେ ଦଣ୍ଡିତ ହେବେ : ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଜାଲ ସାର୍ଟିଫିକେଟ ଦେଇ ଯଦି କେହି ଆଡମିଶନ କରିଛନ୍ତି, ତାହେଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ। ଯଦି ଆଉ କେଉଁଠି ମଧ୍ୟ ଏପରି ହୋଇଥାଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତୁରନ୍ତ ତର୍ଜମା କରି ଯାହା ପଦକ୍ଷେପ ନିଆଯିବା କଥା ତାହା ନେବି। ବିଜେବି କଲେଜରେ ଜାଲ୍ ଦିବ୍ୟାଙ୍ଗ ସାର୍ଟିଫିକେଟ ଜରିଆରେ ଆଡମିସନ୍ ଘଟଣାରେ ପ୍ରତିକ୍ରିୟା ଦେଇ ସେ ଏହା କହିଛନ୍ତି।

ସୂଚନା ଅନୁଯାୟୀ ତିନି ବର୍ଷର ତଥ୍ୟ ଯାଂଚ କରିବା ପରେ ବିଜେବି କଲେଜରେ ୮ଜଣ ଛାତ୍ରଛାତ୍ରୀ ଜାଲ୍ ସାର୍ଟିଫିକେଟ ଦେଇ ନାଁ ଲେଖାଇଥିବା ଜଣାପଡିଥିଲା। ବିଜେବି ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ନିରଞ୍ଜନ ମିଶ୍ର ଏନେଇ ବଡ଼ଗଡ଼ ଥାନାରେ ସେ ଏତଲା ଦେଇଥିଲେ। ପୁଲିସ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିଜେଡିରେ ମିଶିଲେ ସ୍ୱାଧୀନ କର୍ପୋରେଟର

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମର ୯ ନମ୍ବର ୱାର୍ଡର ସ୍ୱାଧୀନ କର୍ପୋରେଟର ସୁଷମା ସାହୁ ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ସୁଷମା ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା ବି ନିର୍ଦ୍ଦେଶ ଦେବେ, ତାକୁ ପାଳନ କରି କାମ କରିବେ। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଉତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ ଉପସ୍ଥିତ ଥିଲେ।

ଚଳିତ ଥର ବିଏମସି ନିର୍ବାଚନରେ ବିଜେଡ଼ି ପ୍ରାର୍ଥିନୀ ସୂର୍ଯ୍ୟକାନ୍ତି ଜେନାଙ୍କୁ ହରାଇ ଥିଲେ ସୁଷମା। ସେ ଚଳତି ପୌର ନିର୍ବାଚନରେ ବିଜେଡି ଟିକେଟ ନ ପାଇ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିଲେ। ୫୬୭ ଖଣ୍ଡ ଭୋଟରେ ସେ ଜିତିଥିଲେ।

# ଦରଦାମ ବୃଦ୍ଧି ବିରୋଧରେ ଯୁବ କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ତୈଳ ଓ ରନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ବିରୋଧରେ ବୁଧବାର ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଅଭିନବ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ କର୍ମୀମାନେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ବିଶାଳ ଶୋଭାଯାତ୍ରାରେ ଯାଇ ବରମୁଣ୍ଡା ପେଟ୍ରୋଲ ପମ୍ପ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ଲାକାର୍ଡ ବାଂଟି ଲୋକଙ୍କୁ ସଚେତନ କରିଥିଲେ। ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା ଏକ ବାଇକ ଲଦି ଟ୍ରଲି ଟାଣିବା ସହ ତୈଳ ଓ ରନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ହ୍ରାସ ପାଇଁ ଦାବି ଜଣାଇଥିଲେ। ଏହି ଅବସରରେ ଡ. ଲେଙ୍କା କହିଛନ୍ତି ଯେ କେନ୍ଦ୍ରର ମୋଦି ସରକାର ଅଚ୍ଛେ ଦିନର ସୁନେଲି ସ୍ୱପ୍ନ ଦେଖାଇ ଦେଶର ଜନସାଧାରଣଙ୍କୁ ପ୍ରତାରିତ କରିଛନ୍ତି। ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳଦର ବୃଦ୍ଧି ଏବଂ ୟୁକ୍ରେନ ଓ ଋଷ ଯୁଦ୍ଧର ଆଳ ଦେଖାଇ କିଛି ମାସ ହେଲା କ୍ରମାଗତ ଭାବେ ତୈଳ ଦର ବଢ଼ାଇ ଚାଲିଛନ୍ତି। ଗତ ୧୫ ଦିନରେ ପେଟ୍ରୋଲ ଓ ଡିଜେଲ ଦର ୯.୨୦ ଟଙ୍କା ବୃଦ୍ଧି ପାଇଛି। ସେପଟେ ରନ୍ଧନ ଗ୍ୟାସ ଦର ମଧ୍ୟ ଆକାଶ ଛୁଆଁ ହେଲାଣି। ସେ କହିଛନ୍ତି ଯେ, ନିର୍ବାଚନ ଆସିବା ସମୟରେ ମୋଦି ସରକାର କିଛିଦିନ ପାଇଁ ଦରଦାମ ଉପରେ ନିୟନ୍ତ୍ରଣ ରଖି ଜନସାଧାରଣଙ୍କ ଭୋଟ୍ ହାତେଇବାକୁ ଚେଷ୍ଟା କରୁଛନ୍ତି। ମାତ୍ର ନିର୍ବାଚନ ସରିବା ପରେ ହଠାତ୍ ଦରଦାମ ବଢ଼ାଇ ସେମାନଙ୍କୁ ପ୍ରତାରିତ କରୁଛନ୍ତି। ତେଣୁ ସରକାର ତୁରନ୍ତ ଏଭଳି ହୀନ ରାଜନୀତିରୁ ଓହରି ଦରଦାମ ନିୟନ୍ତ୍ରଣ ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ ଆଗାମୀ ଦିନରେ ଯୁବ କଂଗ୍ରେସ ରାଜ୍ୟବ୍ୟାପୀ ଜନଆନ୍ଦୋଳନ କରିବ ବୋଲି ଡ. ଲେଙ୍କା ଚେତାବନୀ ଦେଇଛନ୍ତି। ଆଜିର ଏହି ବିକ୍ଷୋଭ ସମାବେଶରେ ସମ୍ରାଟ କେଶରୀ ଜେନା, ଶୈଳେଶ ତିୱାରୀ, ରିତୁଲ ମହାରଣା, ଆଶୁତୋଷ ଲେଙ୍କା, ବିଶ୍ୱଜିତଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

# ଖୋର୍ଦ୍ଧା ଜିଲ୍ଲାରେ ଏମ୍‌ଏସ୍‌ଏମ୍‌ଇ ସମସ୍ୟା ସମାଧାନ ପାଇଁ ଇଣ୍ଡଷ୍ଟ୍ରି କେୟାର ବୈଠକ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ଦିଗରେ ରହିଥିବା ସମସ୍ୟାର ସମାଧାନ ସକାଶେ ଆଜି ଗୀତଗୋବିନ୍ଦ ସଦନଠାରେ 'ଇଣ୍ଡଷ୍ଟ୍ରି କେୟାର' ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ୮୭ ଜଣ ଉଦ୍ୟୋଗୀ ଯୋଗଦେଇ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ସଂପର୍କରେ ମୁହାଁମୁହିଁ ଆଲୋଚନା କରିଥିଲେ। ବିଶେଷଭାବେ କୋଭିଡ୍ ପରବର୍ତୀ ସମୟରେ ପ୍ରଭାବିତ ଉଦ୍ୟୋଗଗୁଡ଼ିକ କିପରି ପୁଣିଥରେ ସ୍ୱାଭାବିକ ଭାବେ କାର୍ଯ୍ୟକ୍ଷମ ହୋଇପାରିବ ସେ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଉଦ୍ୟୋଗ ନିମନ୍ତେ ଆବଶ୍ୟକତା ରହୁଥିବା ବିଦ୍ୟୁତଯୋଗାଣ, ବ୍ୟାଙ୍କରଣ, ଅନ୍ତଃକରଣର ବିକାଶ ପ୍ରଭୃତି ସମ୍ବନ୍ଧରେ ବ୍ୟକ୍ତିଗତ ଭାବେ ଉଦ୍ୟୋଗୀମାନଙ୍କ ସହ କଥାବାର୍ତା କରି ସମସ୍ୟାର ସମାଧାନ କରାଯାଇଥିଲା। ତା'ଛଡ଼ା ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ଉପରେ ମଧ୍ୟ ଦୃଷ୍ଟି ନିକ୍ଷେପ କରାଯାଇଥିଲା। ଆଜିର ଏହି ବୈଠକରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା, ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ଶ୍ରମ କମିଶନର ତିରୁମାଲା ନାଏକ, ଏମ୍‌ଏସ୍‌ଏମ୍‌ଇ ବିଭାଗର ବରିଷ୍ଠ ଅଧିକାରୀ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ସଦସ୍ୟ ଉପସ୍ଥିତ ଥିବାବେଳେ ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲାମ୍ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପୂର୍ବରୁ ଅନୁରୂପ କାର୍ଯ୍ୟକ୍ରମ ୧୫ଟି ଜିଲ୍ଲାରେ ଅନୁଷ୍ଠିତ ହୋଇସାରିଛି।

# ଧବଳେଶ୍ୱରର ଚତୁଃପାର୍ଶ୍ୱରେ ହେବ ପଥର ପ୍ୟାଙ୍କିଂ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଆଠଗଡ଼ ସ୍ଥିତ ଓଡ଼ିଶାର ପ୍ରସିଦ୍ଧ ଧବଳେଶ୍ୱର ଶୈବପୀଠର ଭିତିଭୂମିର ସର୍ବାଙ୍ଗୀନ ବିକାଶ ଓ ସୌନ୍ଦର୍ଯ୍ୟକରଣ ସଂପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ମହାନଦୀ ମଧ୍ୟରେ ଥିବା ଏହି ପୀଠର ଚତୁଃପାର୍ଶ୍ୱରେ ପଥର ପ୍ୟାଙ୍କିଂ ଦେଇ ଏହାକୁ ସୁରକ୍ଷିତ କରାଯିବା ସହ ଧବଳେଶ୍ୱର ପୀଠର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏ ସଂପର୍କିତ ପୂର୍ବ ବୈଠକରେ ପ୍ରସ୍ତାବ ଦେଇଥିଲେ। ସେ ଆଧାରରେ ପାରିପାର୍ଶ୍ୱିକ ସ୍ଥିତି ସଂପର୍କିତ ସର୍ଭେକୁ ଶୀଘ୍ର ଶେଷ କରିବାକୁ ଶ୍ରୀ ତ୍ରିପାଠୀ ଜଳସଂପଦ ବିଭାଗକୁ ପରାମର୍ଶ ଦେଇଛନ୍ତି। ପାଖାପାଖି ୫୦ ଏକର ପରିମିତ ସ୍ଥାନରେ ଅବସ୍ଥିତ ଏହି ଶୈବପୀଠର ସବୁଜିମା ଓ ସୌନ୍ଦର୍ଯ୍ୟକୁ ଦୃଷ୍ଟିରେ ରଖି କିପରି କମ ଜାଗାରେ ଅଧିକ ଉନ୍ନୟନମୂଳକ କାର୍ଯ୍ୟ କରାଯାଇପାରିବ ସେ ପ୍ରତି ବିଶେଷ ଧ୍ୟାନ ଦେବାକୁ ପ୍ରମୁଖ ପରାମର୍ଶଦାତା ଶ୍ରୀ ତ୍ରିପାଠୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ପର୍ଯ୍ୟଟନ ବିଭାଗ ଏ ପୀଠର ଭିତିଭୂମିର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ୧୬ କୋଟି ଟଙ୍କା ପ୍ରଦାନ କରିଥିବାବେଳେ ଜଳସଂପଦ ବିଭାଗକୁ ମହାନଦୀରେ ପଥର ପ୍ୟାଙ୍କିଂ ଓ ବାହ୍ୟ ରିଙ୍ଗରୋଡ଼ ନିର୍ମାଣ ପାଇଁ ପ୍ରାୟ ୨୪ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ଓଡ଼ିଶାର ସ୍ୱକୀୟ କଳା-ସ୍ଥାପତ୍ୟ ଆଧାରରେ ଏହି ବହୁପୁରାତନ ଶୈବପୀଠର ଭିତିଭୂମିକୁ ବିକାଶ କରିବାକୁ ଶ୍ରୀ ତ୍ରିପାଠୀ ପରାମର୍ଶ ଦେଇଛନ୍ତି। ଏହି ଏକାଦଶ ଶତାବ୍ଦୀର ଶୈବପୀଠଟି ଓଡ଼ିଆ ସଂସ୍କୃତିର ବାର୍ତାବହ। ମହାଶିବ ରାତ୍ରି ଓ ବଡ଼ଓଷା ସମୟରେ ଏଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏଥି ସହିତ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଏହି ପୀଠର ଗୁରୁତ୍ୱ ରହିଛି। ନୈସ୍ୱର୍ଗିକ ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ସମସ୍ତ ମୌଳିକ ସୁବିଧା ସହିତ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରାଯାଇପାରିଲେ କେବଳ ଓଡ଼ିଶା ନୁହେଁ ରାଜ୍ୟ ବାହାରୁ ମଧ୍ୟ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକମାନେ ଆକର୍ଷିତ ହେବେ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ।

ବୈଠକରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ ବିଜୟ କୁମାର ମିଶ୍ର, ମହାନଦୀ-କାଠଯୋଡ଼ି ସିଷ୍ଟମର ମୁଖ୍ୟ ଯନ୍ତ୍ରୀ ଇଂ ଭକ୍ତଚରଣ ମହାନ୍ତି, ଏସ୍.ଜେ. ଆସୋସିଏଟ୍‌ର ସ୍ଥପତି ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିବାବେଳେ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚଇନୀ, ଆଠଗଡ଼ ଉପଜିଲ୍ଲାପାଳ, କଟକ ପର୍ଯ୍ୟଟନ ଅଧିକାରୀ, ଭର୍ଚୁଆଲ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ।

# ରାଜ୍ୟର ୧୧ଟି ଜିଲ୍ଲାରୁ ୨୮ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଗତକାଲି ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୩ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ମାତ୍ର ୧୧ଟି ଜିଲ୍ଲାରୁ ୨୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୦ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧ ଜଣ, ବାଲେଶ୍ୱର ଜିଲ୍ଲାରୁ ୧ ଜଣ, ବଲାଙ୍ଗୀର ଜିଲ୍ଲାରୁ ୨ ଜଣ, କଟକ ଜିଲ୍ଲାରୁ ୨ ଜଣ, ଗଞ୍ଜାମ ଜିଲ୍ଲାରୁ ୧ ଜଣ, ଜଗତସିଂହପୁର ଜିଲ୍ଲାରୁ ୧ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୨ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୭ ଜଣ, ମୟୂରଭଞ୍ଜ ଜିଲ୍ଲାରୁ ୩ ଜଣ, ସମ୍ବଲପୁର ଜିଲ୍ଲାରୁ ୪ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୨ ଜଣ ଓ ଷ୍ଟେଟ୍ ପୁଲରୁ ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

# ଏପ୍ରିଲ ୧୦ରୁ ଚାଲିବ ସମ୍ବଲପୁର-ପୁରୀ ଇଂଟର ସିଟି ଏକ୍ସପ୍ରେସ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ସମ୍ବଲପୁର-ପୁରୀ-ସମ୍ବଲପୁର ଇଂଟର ସିଟି ଏକ୍ସପ୍ରେସକୁ ଚଳିତ ମାସ ୧୦ ତାରିଖ ଠାରୁ ଚଳାଚଳ କରାଇବା ପାଇଁ ନିଷ୍ପତି ନିଆଯାଇଛି। ୧୮୩୦୩ ସମ୍ବଲପୁର-ପୁରୀ ଇଂଟର ସିଟି ଏକ୍ସପ୍ରେସ ସମ୍ବଲପୁରରୁ ପ୍ରତ୍ୟହ ସକାଳ ୬ ଘଟିକାରେ ଛାଡ଼ି ପୁରୀ ଠାରେ ଅପରାହ୍ନ ୧୨ଘ.୫୦ମି.ରେ ପହଂଚିବ। ଫେରିବା ମାର୍ଗରେ, ୧୮୪୦୪ ପୁରୀ-ସମ୍ବଲପୁର ଇଂଟର ସିଟି ଏକ୍ସପ୍ରେସ ପୁରୀ ଠାରୁ ପ୍ରତ୍ୟହ ଅପରାହ୍ନ ୩ଘ.୪୫ମି.ରେ ଛାଡି ସମ୍ବଲପୁର ଠାରେ ରାତ୍ରି ୧୦ଘ.୨୦ମି.ରେ ପହଂଚିବ। ଏହି ଟ୍ରେନ୍ ସମ୍ବଲପୁର ଓ ପୁରୀ ମଧ୍ୟରେ ଉଭୟ ପାର୍ଶ୍ୱରୁ ଜୁଜୋମୁରା, ରେଢ଼ାଖୋଲ, ବାମୁର, ବୋଇଣ୍ଡା, ଜରାପଡ଼ା, ଅନୁଗୁଳ, ତାଳଚେର ରୋଡ୍, ମେରାମାଣ୍ଡଳୀ, ଢେଙ୍କାନାଳ, ନରାଜ ମାର୍ଥାପୁର, ମଂଚେଶ୍ୱର, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ଼ ଷ୍ଟେସନମାନଙ୍କରେ ରହଣି କରିବାକୁ ଥିବାବେଳେ ଏହାର ଗଠନରେ ଦୁଇଟି ଏସି ଚେୟାର କାର, ପାଂଚଟି ଦ୍ୱିତୀୟ ଶ୍ରେଣୀ ଚେୟାର କାର, ପାଂଚଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ଏବଂ ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ଅଛି। ବିଶାଖାପାଟନମ୍-କିରାଣ୍ଡୁଲ୍ ଏକ୍ସପ୍ରେସ ପ୍ରତିଦିନ ଚଳାଚଳ କରିବ। ୧୮୫୧୪/ ୧୮୫୧୩ ବିଶାଖାପାଟନମ୍-କିରାଣ୍ଡୁଲ-ବିଶାଖାପାଟନମ୍ ଏକ୍ସପ୍ରେସକୁ ଦ୍ୱି-ସାପ୍ତାହିକରୁ ଦୈନିକ ଚଳାଚଳ ପାଇଁ ସ୍ଥିର କରାଯାଇଛି। ଏହି ଟ୍ରେନ ୭ ଏପ୍ରିଲ, ୨୦୨୨ ଠାରୁ ବିଶାଖାପାଟନମ୍ ଠାରୁ ଏବଂ ୮ ଏପ୍ରିଲ, ୨୦୨୨ ଠାରୁ କିରାଣ୍ଡୁଲ ଠାରୁ ପ୍ରତିଦିନ ଚଳାଚଳ କରିବ। ଏହି ଟ୍ରେନ ପାଇଁ ସ୍ଥିରୀକୃତ ସମୟ ସାରଣୀ, ରହଣି ସ୍ଥାନ ଏବଂ ଗଠନରେ କୌଣସି ପରିବର୍ତନ ହେବନାହିଁ।

# ଏନ୍‌ସିସି ତରଫରୁ ସମୁଦ୍ରକୂଳ ଗୁଡ଼ିକର ସଫେଇ କାର୍ଯ୍ୟକ୍ରମ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ସମୁଦ୍ରକୂଳ ତଥା ନଦୀ ତଟଗୁଡ଼ିକୁ ପ୍ଲାଷ୍ଟିକ୍ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ମୁକ୍ତ ରଖିବା ପାଇଁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି) ତରଫରୁ ଏକ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରାଯାଇଥିଲା। ସ୍ଥାନୀୟ ଜନସାଧାରଣ ଏବଂ ଭବିଷ୍ୟତପିଢ଼ିଙ୍କୁ ସମୁଦ୍ରକୂଳ ଏବଂ ନଦୀତଟଗୁଡ଼ିକୁ ପରିଷ୍କାର ରଖିବା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହ ଅପ୍ରେଲ ମାସ ପ୍ରଥମ ଦିବସରୁ ପାଂଚଦିନ ବ୍ୟାପୀ 'ପୁନିତ୍ ସାଗର' ଅଭିଯାନ କାର୍ଯ୍ୟ ୫ ତାରିଖରେ ସଂପୂର୍ଣ୍ଣ ହୋଇଥିଲା। ବିଭିନ ଜଳସ୍ରୋତ ତଥା ସମୁଦ୍ରକୂଳଗୁଡ଼ିକୁ ପ୍ଲାଷ୍ଟିକ ପ୍ରଦୂଷଣରୁ ମୁକ୍ତ ରଖିବା ପାଇଁ ଏନ୍‌ସିସି ତରଫରୁ ରାଲି, ପର୍ଯ୍ୟଟକ, ସ୍ଥାନୀୟ ବ୍ୟବସାୟୀମାନଙ୍କ ସହ କଥାବାର୍ତା, ପଥପ୍ରାନ୍ତ ନାଟକ, କବିତା ଆବୃତି, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ ଜନସାଧାରଣଙ୍କୁ ପ୍ଲାଷ୍ଟିକ୍ ପ୍ରଦୂଷଣ ବାବଦରେ ସଚେତନ କରାଯାଇଥିଲା।

ଏନ୍‌ସିସି କ୍ୟାଡେଟ୍ ମାନେ ଏହି ପାଂଚଦିନ ବ୍ୟାପୀ କାର୍ଯ୍ୟକ୍ରମରେ ପ୍ରତିକୂଳ ପାଗ ସତ୍ତ୍ୱେ ଅତ୍ୟନ୍ତ ପ୍ରତିବଦ୍ଧତାର ସହ କାର୍ଯ୍ୟକରି ସମୁଦ୍ରକୂଳରୁ ୭୫୩ କେଜି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଫା କରିବା ସହିତ ପ୍ରାୟ ୩୦ ହଜାର ନାଗରିକଙ୍କ ପାଖରେ ଏହି ସଚେତନତାର ବାର୍ତା ପହଂଚାଇବାରେ ସକ୍ଷମ ହୋଇଛନ୍ତି। ଏହି ଅବସରରେ ବିଭିନ୍ନ ୟୁନିଟ୍ ରୁ ୨, ୫୧୩ ଏନ୍ ସିସି କ୍ୟାଡେଟ୍, ୬ ଜଣ ଏନ୍ ସିସି ଅଧିକାରୀ, ୭୫ ଜଣ ସହଯୋଗୀ ଅଧିକାରୀ, ୫୮ ଜଣ ଇନ୍‌ଷ୍ଟ୍ରକଟର, ୧୨୧ ଜଣ ଏନ୍‌ସିସି ଆଲୁମିନି ତଥା ୨୦ ଜଣ ଏନ୍‌ଜିଓ ସଦସ୍ୟ ଏବଂ ରାଜ୍ୟ ସରକାରଙ୍କ ଅଧିକାରୀ ଓ ଅନ୍ୟାନ୍ୟ ସ୍ୱୟଂଶାସିତ ସଂସ୍ଥାର ପ୍ରତିନିଧିମାନେ ଏହି ସଚେତନତା ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଂଗୃହୀତ ବର୍ଜ୍ୟବସ୍ତୁକୁ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ପ୍ରକ୍ରିୟାକରଣ ପ୍ରକଳ୍ପରେ ଜମା କରାଯାଇଥିଲା।

## ବିମ୍‌ଷ୍ଟେକର ବାସ୍ତବତା

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଏହାଛଡା ବାଣିଜ୍ୟକୁ ସୁହାଉଥିବା ନୀତି ବ୍ୟବସ୍ଥା, ଇ-କମର୍ସ ଏବଂ ଲୋକଙ୍କ ମଧ୍ୟରେ ଡିଜିଟାଲ ଦକ୍ଷତା ବୃଦ୍ଧି ପାଇଁ ଅଧିକ ଗୁରୁତ୍ୱ ଦିଆଯିବା ଦରକାର ବୋଲି ଉଲ୍ଲେଖ କରିଥିଲେ । ଶିକ୍ଷା, ନିଯୁକ୍ତି ଏବଂ ରୋଜଗାର କ୍ଷେତ୍ରରେ ମହିଳାମାନଙ୍କୁ ପୁରୁଷମାନଙ୍କ ପରି ସମାନ ସୁବିଧା ପ୍ରଦାନ, ସୁରକ୍ଷିତ ଏବଂ ବ୍ୟବସ୍ଥିତ ବାଣିଜ୍ୟ ପାଇଁ ସାମୁଦ୍ରିକ ସୁରକ୍ଷା, ସାମୁଦ୍ରିକ ତଟରକ୍ଷା କ୍ଷେତ୍ରରେ ସତର୍କଦୃଷ୍ଟି, ସାମୁଦ୍ରିକ ପଥରେ ଦୁର୍ଘଟଣା କ୍ଷେତ୍ରରେ ଉଦ୍ଧାର ଏବଂ ସହାୟତା ଉପରେ ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ଶ୍ରୀ ମୋଦି ପ୍ରକାଶ କରିଥିଲେ । ସାମୁଦ୍ରିକ ଯୋଗାଯୋଗ ନିମନ୍ତେ କ୍ଷେତ୍ରୀୟ ସହଯୋଗ, ଚିରନ୍ତନ ବିକାଶ ଲକ୍ଷ୍ୟ-୧୪ (ସାମୁଦ୍ରିକ ସମ୍ବଳର ବିକାଶ ଓ ସୁରକ୍ଷା ପାଇଁ)କୁ ଦୃଷ୍ଟିରେ ରଖି ସାମୁଦ୍ରିକ କ୍ଷେତ୍ରରେ ସବୁ ସଦସ୍ୟ ରାଷ୍ଟ୍ର କାର୍ଯ୍ୟକରିବା ଦରକାର ବୋଲି ମୋଦି କହିଥିଲେ । ସଂଗଠନରେ ଥିବା ସଦସ୍ୟ ରାଷ୍ଟ୍ରଗୁଡିକ ମଧ୍ୟରୁ ବିକଶିତ ରାଷ୍ଟ୍ର ଅଳ୍ପ ବିକଶିତ ରାଷ୍ଟ୍ରଗୁଡିକୁ ସହଯୋଗ କରିବା, ଲୋକଙ୍କ ମଧ୍ୟରେ ଟେକ୍‌ନିକାଲ ଦକ୍ଷତା ବୃଦ୍ଧି ପାଇଁ ସହାୟତା କରିବା ଦରକାର । ଆର୍ଥିକ ସମ୍ବଳ ସମୟକ୍ରମେ ମିଳିବ, କିନ୍ତୁ ଲକ୍ଷ୍ୟକୁ ସ୍ଥିର କରି ଆଗେଇଲେ କାର୍ଯ୍ୟସିଦ୍ଧି ସମ୍ଭବ ହେବ ବୋଲି ଭାରତର ପ୍ରଧାନମନ୍ତ୍ରୀ କହିଥିଲେ । ବିଗତ ଦିନମାନଙ୍କରେ କୋରୋନା ସଙ୍କଟ ବେଳେ ଭାରତ ପକ୍ଷରୁ ବିମ୍‌ଷ୍ଟେକ ଅନ୍ତର୍ଗତ ସଦସ୍ୟ ରାଷ୍ଟ୍ରଗୁଡିକ ପାଇଁ ଔଷଧ, ଟିକା, ଚିକିତ୍ସା ଉପକରଣ ଆଦି ଯୋଗାଇ ଦିଆଯାଇଥିଲା । ଶ୍ରୀଲଙ୍କାର ସମୁଦ୍ର ଉପକୂଳରେ ଦୁର୍ଘଟଣାଗ୍ରସ୍ତ ତୈଳ ଟ୍ୟାଙ୍କରର ଅଗ୍ନିନିର୍ବାପିତ କରିବା ପାଇଁ ଭାରତର ନୌସେନା ସାହାଯ୍ୟ କରିଥିଲେ । ଭୂକମ୍ପ ପ୍ରପୀଡିତ ନେପାଳକୁ ଆର୍ଥିକ ସହାୟତା ପ୍ରଦାନ ସହ ପୁନଃନିର୍ମାଣ କାର୍ଯ୍ୟରେ ଭାରତ ସାମିଲ ହୋଇଥିଲା । ତିନିମାସ ଧରି ଆର୍ଥିକ ସଙ୍କଟରେ ପଡିଆସିଥିବା ଶ୍ରୀଲଙ୍କା ପାଇଁ ତୈଳ, ଖାଦ୍ୟ ସାମଗ୍ରୀ, ଜାଳେଣି ଗ୍ୟାସ ସମେତ ଚିକିତ୍ସା ଉପକରଣ ଏବଂ ଔଷଧପତ୍ର ଆଦି ଭାରତ ପକ୍ଷରୁ ଯୋଗାଇ ଦିଆଯିବା ସହ ଋଣ ସୁଝିବା ପାଇଁ ପ୍ରାୟ ୨.୫ ବିଲିଅନ ଡଲାର ଅର୍ଥ ପ୍ରଦାନ କରିସାରିଲାଣି । ସେନା ଶାସନରେ ଥିବା ମ୍ୟାନମାର କଟକଣାରେ ଥିବା ଯୋଗୁ ଭାରତପକ୍ଷରୁ ଭିନ୍ନ ଭିନ୍ନ ସମୟରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ବିମ୍‌ଷ୍ଟେକରେ ଭାରତ ବଡ ସଦସ୍ୟ ରାଷ୍ଟ୍ର ଥିବାରୁ କାର୍ଯ୍ୟରେ ଅଧିକ ସହାୟତା ଦେବା ସ୍ୱାଭାବିକ । ଆଗାମୀ ଦିନରେ କ୍ଷେତ୍ରୀୟ ବିକାଶ ପାଇଁ ବିମ୍‌ଷ୍ଟେକ ଯେ ଏକ ବାସ୍ତବତା ତାହା ସବୁ ସଦସ୍ୟ ରାଷ୍ଟ୍ର ଗ୍ରହଣ କରିବା ଆବଶ୍ୟକ ।

ଭାରତୀୟ ସମ୍ବାଦ ସେବା (ଭାସ୍) ଭୁବନେଶ୍ୱର-୭୫୧୦୦୩

## ବିଜ୍ଞାପନର ନାରୀ ବନାମ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) କରୋନା ଯୁଗ ଅନେକ ମହିଳାଙ୍କ ରୋଜଗାରକୁ ଛଡ଼ାଇ ନେଇଥିଲା । ସେମାନେ ଘରୋଇ ହିଂସାର ସମ୍ମୁଖୀନ ହୋଇଥିଲେ, କିନ୍ତୁ କୌଣସି ବିଜ୍ଞାପନ କମ୍ପାନୀ ଏପରି ବିଜ୍ଞାପନକୁ ଲକ୍ଷ୍ୟ କରିନଥିଲେ, ଯାହା ମହିଳାଙ୍କ ପ୍ରକୃତ ନିର୍ଯ୍ୟାତନା ବିରୁଦ୍ଧରେ ଥିଲା । ଏହା କହିବା ଭୁଲ୍ ହେବ ନାହିଁ ଯେ ଆଜି ସମସ୍ତ ବିଜ୍ଞାପନ କମ୍ପାନୀଗୁଡିକ ମେକ୍ ଇନ୍ ପ୍ୟାଟର୍ ଉପରେ ଚାଲିଛନ୍ତି । ମହିଳାମାନଙ୍କୁ ସମ୍ବେଦନଶୀଳ ଏବଂ ସୁନ୍ଦର ଦେଖାଯିବା ହେଉଛି ମୋଟରସାଇକେଲ ଠାରୁ ଆରମ୍ଭ କରି କ୍ରିମ୍ ସେଭ୍ କରିବା ପର୍ଯ୍ୟନ୍ତ ସେମାନଙ୍କର ପ୍ରାଥମିକତା । ବିଜ୍ଞାପନରେ, ମହିଳାମାନେ ସମ୍ବେଦନଶୀଳ ଏବଂ ପୁରୁଷଙ୍କ ପ୍ରତି ଆକର୍ଷିତ ବସ୍ତୁ ଭାବରେ ଦେଖାଯାଏ । ଆଜି ଏପରି କୌଣସି କ୍ଷେତ୍ର ନାହିଁ ଯେଉଁଠାରେ ମହିଳାମାନେ ସେମାନଙ୍କର ଚମତ୍କାର ପ୍ରମାଣ କରିନାହାଁନ୍ତି । ଦେଶର ସୁରକ୍ଷା ଭଳି କାର୍ଯ୍ୟରେ ମଧ ଏହା ସକ୍ରିୟ ଭାବେ ଅଂଶଗ୍ରହଣ କରୁଛି । ଏଭଳି ପରିସ୍ଥିତିରେ ବିଜ୍ଞାପନ କମ୍ପାନୀଗୁଡ଼ିକୁ ସେମାନଙ୍କ ମାନସିକତାରୁ ବାହାରକୁ ଯିବାକୁ ପଡିବ । ସମାଜରେ ମହିଳାମାନଙ୍କର ସ୍ୱଚ୍ଛ ଚିତ୍ରକୁ ବିଜ୍ଞାପନ ମାଧ୍ୟମରେ ଦେଖାଇବାକୁ ପଡିବ । ମହିଳାମାନଙ୍କୁ ମଧ ଆଗକୁ ଆସି ବିରୋଧ କରିବାକୁ ପଡିବ ଯେଉଁ ବିଜ୍ଞାପନରେ ସେମାନଙ୍କ ଭାବମୂର୍ତ୍ତି କ୍ଷୁର୍ଣ୍ଣ ହେଉଛି । ବିଶେଷକରି ସେହି ଅଭିନେତ୍ରୀମାନଙ୍କୁ ମଧ ବୁଝିବାକୁ ପଡିବ ଯେ ସେମାନେ ସମଗ୍ର ମହିଳା ଜାତିର ପ୍ରତିନିଧିତ୍ୱ କରନ୍ତି ବୋଲି...!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪, ମୋ: ୯୪୩୭୭ ୪୦୨୮୦

## ୪୨ତମ ପ୍ରତିଷ୍ଠା ଦିବସରେ ସଫେଇ

ଖଇରା, ୦୭/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବାଉଁଶଗଡିଆ ପଞ୍ଚାୟତରେ ଭାଜପାର ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ବ୍ଲ ଯୁବ ସଭାପତି ଅଜୟ ଖିଲାରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସରପଞ୍ଚ ବିଚିତ୍ର ପାତ୍ର, ସମିତି ସଭ୍ୟା ପ୍ରତିନିଧି ଶ୍ରୀକାନ୍ତ ବେହେରା, ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଦୈତାରୀ ପଣ୍ଡା, ସମ୍ଭୁନାଥ ସାହୁ, ଶ୍ରୀକାନ୍ତ ଦେଉରୀ, ମାନସ ଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କର ଜନକଲ୍ୟାଣ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ସମସ୍ତେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ପରେ କର୍ମୀମାନଙ୍କ ଦ୍ୱାରା ବିଭିନ୍ନ ରାସ୍ତା ଓ ପୋଖରୀ ଘାଟ ସଫେଇ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମାରିୟୁପୋଲରେ ହଜାର....

ସଂଖ୍ୟକ ମୃତଦେହକୁ ସେମାନେ ଲୁଚାଇ ରଖିପାରିବେ ନାହିଁ।” ବୁଚା ସହରରେ ରୁଷ କରିଥିବା ନରସଂହାରକୁ ଲୁଚାଇବା ଆରମ୍ଭ କରିଥିଲା। ହେଲେ ଏଥିରେ ରୁଷ ସେନା ସଫଳ ହୋଇ ନଥିବା ଜେଲେନସ୍କି ଅଭିଯୋଗ କରିଛନ୍ତି। ଏଥିସହ ୟୁକ୍ରେନ ଅଧିକାରୀମାନେ ରୁଷ ସେନା ଗୋଟିଏ ପରିବାରକୁ କେମିତି ନିଆଁ ଲଗାଇ ପୋଡ଼ି ଦେଇଛି, ତା’ର ପ୍ରମାଣ ପାଇଥିବା ସେ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ରୁଷ ସେନା ଅନେକ ପରିବାରକୁ ନିଆଁ ଲଗାଇ ପୋଡ଼ି ଦେଇଛି। ମଙ୍ଗଳବାର ଅଧିକାରୀମାନେ ନିଆଁରେ ପୋଡ଼ି ଯାଇଥିବା ଗୋଟିଏ ନୂଆ ପରିବାରକୁ ଠାବ କରିଥିଲେ। ପରିବାରେ ବାପା, ମା’ ଓ ତାଙ୍କର ଛୋଟଛୋଟ ଦୁଇ ପିଲା ଥିଲେ। ଏପରି କି ସେମାନଙ୍କ ମଧ୍ୟରେ ଜଣେ ନବଜାତ ଥିଲା। ସେମାନଙ୍କୁ ରୁଷ ସେନା ନିଆଁରେ ପୋଡ଼ି ହତ୍ୟା କରିଛି। ଏହି କାରଣ ପାଇଁ ଆମେ ସେମାନଙ୍କୁ ନାଜି କହୁଛୁ ବୋଲି ଜେଲେନସ୍କି କହିଛନ୍ତି।

### ସାମ୍ବାଦିକଙ୍କ ଗୋଡ଼ରେ....

ତେଣୁ ମୁଁ ହେଲ୍‌ମେଟ୍ ଫେରାଇ ଦେଇଥିଲି। କଥା ସେଇଠି ସରିଥିଲା। ସେ ଆହୁରି କହିଛନ୍ତି, ମୋ ନାଁରେ ଏହି ଘଟଣାକୁ ନେଇ ମାମଲା ରୁଜୁ ହୋଇଥିବା ଗତକାଲି ଜାଣିବାକୁ ପାଇଲି। ଏନେଇ ରାତି ୧୧ଟାରେ ନୀଳଗିରି ଥାନା ଅଧିକାରୀଙ୍କୁ ଫୋନ୍ କରିଥିଲି ଓ ଘଟଣା ସଂପର୍କରେ ପଚାରିଥିଲି। ମୁଁ ହୋମଗାର୍ଡଙ୍କୁ ମାଡ଼ ମାରିଥିବା ସେ କହିଥିଲେ। ଏହା ପରେ ମୁଁ ଥାନାକୁ ଯାଇଥିଲି। ଥାନାରେ ପୁଲିସ୍ ମୋ ଠାରୁ ମୋବାଇଲ୍ ନେଇଯିବା ସହିତ ମୋତେ ଗିରଫ କରିଥିଲା। ଏହି ଘଟଣାକୁ ନେଇ ସାମ୍ବାଦିକମହଲରେ ତୀବ୍ର ପ୍ରକାଶ ପାଇଥିବା ବେଳେ ଘଟଣା ସଂପର୍କରେ ପୂରା ତଥ୍ୟ ସଂଗ୍ରହ କରିବା ପରେ ପ୍ରତିକ୍ରିୟା ଦେବେ ବୋଲି କହିଛନ୍ତି ବାଲେଶ୍ୱର ଏସ୍‌ପି।

### କରୋନାର ନୂଆ ଭାରିଆଣ୍ଟକୁ ....

କରିଦେଇଛନ୍ତି କେନ୍ଦ୍ର ସରକାର । ସମ୍ପୃକ୍ତ ବ୍ୟକ୍ତିଙ୍କର ପୁଣିଥରେ ଜେନୋମ ସିକ୍ୱେନସିଂ କରାଯିବ । ତେବେ କରୋନାର ଏହି ଏକ୍ସଇ ଭାରିଏଂଟ ଖବର ପରେ ଓଡ଼ିଶା ସରକାର ସତର୍କ ରହିଛନ୍ତି । ଡିମଇଟି ରମାରମଣ ମହାନ୍ତି କହିଛନ୍ତି ଯେ, ଏହି ଭାରିଏଂଟକୁ ନେଇ ଏବେ ଭୟଭୀତ ହେବାର ଆବଶ୍ୟକତା ନାହିଁ । ଓମିକ୍ରନ ଠାରୁ ଅଧିକ ୧୦ ଗୁଣା ସଂକ୍ରାମକ କୁହାଯାଉଥିବା ଏହି ଏକ୍ସଇ ଭାରିଏଂଟ ପ୍ରଥମେ ଜାନୁଆରୀ ୧୯ରେ ବ୍ରିଟେନରେ ଚିହ୍ନଟ ହୋଇଥିଲା । ଯଦିଓ ଏହା ଅଧିକ ସଂକ୍ରାମକ, ହେଲେ କେତେ ସାଂଘାତିକ ଜଣାପଡ଼ିନାହିଁ । ତେବେ ବ୍ରିଟେନ ସ୍ୱାସ୍ଥ୍ୟ ଏଜେନ୍ସିର ମୁଖ୍ୟ ପରାମର୍ଶଦାତା କହିଛନ୍ତି ଯେ, ଅନ୍ୟ ଭାରିଏଂଟ ସମିଶ୍ରଣରେ ତିଆରି ହୋଇଥିବା ଏହି ପ୍ରଜାତି ବେଶୀ ସାଂଘାତିକ ନୁହେଁ ଓ ଶୀଘ୍ର ନଷ୍ଟ ହୋଇଯାଏ ।

### ଚିକିତ୍ସାଧୀନ ସାମ୍ବାଦିକଙ୍କ....

ସୁସ୍ଥ ସମାଜରେ ଆଦୌ ଗ୍ରହଣୀୟ ନୁହେଁ । ପୋଲିସ ପ୍ରଶାସନ ଉପରେ ସାଧାରଣ ଲୋକଙ୍କର ଭରସା ରହିଥାଏ । ଏହି ଭରସା ବଜାୟ ରଖିବାକୁ ହେଲେ ଉଚ୍ଚପଦସ୍ଥ ଅଧିକାରୀ ମାନେ ସଠିକ୍ ଭାବରେ ତଦନ୍ତ କରି ଏଭଳି କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କହିଛନ୍ତି ।

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ଶିବିର ଅନୁଷ୍ଠିତ




ସୋର,୦୭/୦୪ (ନି.ପ୍ର): ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କର ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ତରଫରୁ ୮ ଦିନିଆ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ବିଶ୍ୱାଳ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଆତ୍ମରକ୍ଷା ତାଲିମ ଯୋଜନାର ସଂଯୋଜକ ତଥା ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଡ.ପୁଣ୍ୟବ୍ରତ ମହାନ୍ତି, ଉକ୍ତ ଯୋଜନାର ଅଧିକାରିଣୀ ତଥା ତର୍କଶାସ୍ତ୍ରର ଅଧ୍ୟାପିକା କୁମାରୀ ନିବେଦିତା ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର +୨ ପ୍ରଥମ ବର୍ଷର ୧୩୭ଜଣ ଛାତ୍ରୀ ତା ୨୬.୦୩.୨୦୨୨ରିଖ ଠାରୁ ତା ୦୫.୦୪.୨୦୨୨ରିଖ ପର୍ଯ୍ୟନ୍ତ ତାଲିମ୍ ଗ୍ରହଣ କରିଥିଲେ । ମାଷ୍ଟର ଟ୍ରେନର ପୂଜା ନାୟକ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତଥା ମାର୍ଶଲ ଆର୍ଟ ଓ କରାଟେ ଟ୍ରେନିଂ ଦେଇଥିଲେ । ଏଥିପାଇଁ ଆୟୋଜିତ ଉଦ୍‌ଯାପନ ଉତ୍ସବରେ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିଶ୍ୱାଳ ସରକାରଙ୍କର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ମଧ୍ୟରୁ ନାରୀ ସଶକ୍ତିକରଣର ଏହା ଏକ ଅଂଶବିଶେଷ ବୋଲି କହିଥିଲେ । ଡକ୍ଟର ମହାନ୍ତି ଉଦ୍‌ବୋଧନ ଦେଇ କହିଥିଲେ ଯେ, ସାହସ, ଆତ୍ମବିଶ୍ୱାସ, ନିଜ କାର୍ଯ୍ୟ ପ୍ରତି ଆନ୍ତରିକତା ଓ କଠିନ ପରିଶ୍ରମ ଦ୍ୱାରା ଅସାଧ ସାଧନ କରାଯାଇପାରେ । ଗୋଟିଏ ଦୁର୍ବଳ ବ୍ୟକ୍ତି ସ୍ୱତନ୍ତ୍ର କୌଶଳ ଦ୍ୱାରା ଜଣେ ଶକ୍ତିଶାଳୀ ବ୍ୟକ୍ତିକୁ ପରାଜିତ କରିପାରେ । ସେ ବିଭିନ୍ନ ଉଦାହରଣ ଦେଇ ନାରୀକୁ ଅବଳା ବା ଦୁର୍ବଳା ବୋଲି ଭାବିବା ଅନୁଚିତ ବୋଲି କହିଥିଲେ, କାରଣ ଦେବୀମାନେ ହେଉଛନ୍ତି ଶକ୍ତିର ପ୍ରତୀକ । କୁମାରୀ ନାୟକ, ଛାତ୍ରୀମାନେ ଯାହା ଶିକ୍ଷାଗ୍ରହଣ କଲେ ଦରକାର ସମୟରେ ସେଗୁଡ଼ିକ କାର୍ଯ୍ୟରେ ପରିଣତ କରିବା ପାଇଁ ଉପଦେଶ ଦେଲେ । ଅବଶେଷରେ ଅଧ୍ୟାପିକା ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରର ସଫଳତା ପାଇଁ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବେହେରା, ଅଧ୍ୟାପକ ଅଜୟ କୁମାର ବାରିକ, ଅଧ୍ୟାପିକା ପୁଷ୍ପଲତା ପାଢ଼ୀ, ଭରତ ଚନ୍ଦ୍ର ମାହାନା (ଡି.ଇ.ଓ), କର୍ମଚାରୀ ପ୍ରଦ୍ୟୁମ୍ନ କୁମାର ସାହୁ ଓ ଅନ୍ୟମାନେ ସାହିତ୍ୟ ସହଯୋଗ କରିଥିଲେ ।

# ବର୍ଷକରେ ଅବକାରୀରେ ୩୧୮ ମାମଲା : ୩ କିଗ୍ରା ବ୍ରାଉନ୍ ସୁଗର ଜବତ୍, ୩୦୮ଜଣ ଗିରଫ

ଜଳେଶ୍ୱର, ୦୭/୪ (ନି.ପ୍ର): ପଶ୍ଚିମବଂଗରୁ ଉତ୍ତର ଉପାନ୍ତ ଜଳେଶ୍ୱର ଭୋଗରାଇ ଅଂଚଳକୁ ବ୍ୟାପକ ମାଦକ ଦ୍ରବ୍ର ଚାଲାଣ ହୋଇ ଆସୁଥିବା ବେଳେ ୨ ସ୍ଥାନରେ ଥିବା ଅବକାରୀ ବିଭାଗକୁ କେତେକ ସଫଳତା ମିଳିଛି । ଅତିତରେ ୧ବର୍ଷ ମଧ୍ୟରେ ୨ଟି ଅବକାରୀ ଥାନାରେ ୩୧୮ଟି ମାମଲା ରୁଜୁ ହୋଇଥିବା ବେଳେ ୩୦୮ ଜଣ ଗରିଫ ହୋଇଛନ୍ତି । ଏହାବାଦ୍ ୧୮ଜଣ ଫେରାର ହୋଇଥିବା ଜଣାଯାଇଛି । ୨୦୨୧-୨୨ ଆର୍ଥିକ ବର୍ଷରେ ଜଳେଶ୍ୱର ଭୋଗରାଇ ଅବକାରୀ ଥାନା ଅଂଚଳରୁ ୨କି.ଗ୍ରା. ୯୦୦ ଗାମ ବ୍ରାଉନ୍ ସୁଗର ଜବତ୍ ହୋଇଛି । ୧୯୩୦୧ ଲିଟର ଦେଶି ମହୁଲି ମଦ, ୨୬୨୮୦ଲି. ବିଦେଶି ମଦ, ୨୭୧୦୦ ବିଅର୍, ୮୩୮୨୦ ଲି. ପଶ୍ଚିମବଂଗ ବିଦେଶୀ ମଦ, ୧୯୪୫୦ ଲି ପଶ୍ଚିମବଂଗ ମାର୍କା ବିଅର୍, ୩୯୨୪୦୦ଲି. ପଶ୍ଚିମବଂଗ ଦେଶୀ ମଦ, ୮୨୯୮୦୦ ନକଲି ବିଦେଶୀ ମଦ ଦବତ୍ କରି ରେକର୍ଡ ସୃଷ୍ଟି କରିଛି । ମୋଟ ୭ଟି ୪ଚକିଆ ଯାନ, ୧୬ଟି ବାଇକ୍, ୮ଟି ସ୍କୁଟି ଜବତ୍ ହୋଇ ଅବକାରୀ ଥାନାରେ ପଡି ରହିଛି । ପଶ୍ଚିମବଂଗରୁ ପ୍ରତିଦିନ ଓଡିଶା ଅଂଚଳକୁ ବିଭିନ୍ନ ପ୍ରକାରର ୫ହଜାର ଲି.ରୁ ଅଧିକ ଚୋରା ମଦ ପ୍ରବେଶ କରୁଥିବା ଜଣାଯାଇଛି । ଆଶ୍ଚର୍ଯ୍ୟର ବିଷୟ ୨ଟି ଥାନାରେ ୨ଜଣ ଏଏସ୍‌ଆଇ ଓ ୨ଜଣ କନେଷ୍ଟ ବଳ ବିନା ଗାଡି, ବିନା ହତିଆରରେ ରହିଥିବା ଜଣାଯାଇଛି । ପଶ୍ଚିମବଂଗର ବହୁ ବଡବଡ ନିଶା ବ୍ୟବସାୟୀଙ୍କ ଚାରଣଭୂମୀ ପାଲଟିଛି ଓଡିଶାର ଏହି ଉପାନ୍ତ ଅଂଚଳ । କିନ୍ତୁ କେବେ କେବେ ଅନ୍ୟସ୍ଥାନରୁ କର୍ମଚାରୀ ଆସି ଏହିସ୍ଥାନରେ ଚଢାଉ କରାଯାଇ ସଫଳତା ମିଳିଥାଏ । ତେଣୁ ଏଠାରେ ଅଧିକ କର୍ମଚାରୀ, ଗାଡିର ବ୍ୟବସ୍ଥା କରାଯାଇ ଜଳେଶ୍ୱରରେ ଅବକାରୀ ଆରକ୍ଷୀ ଉପ ଅଧିକ୍ଷକ କାର୍ଯ୍ୟାଳୟ ଖୋଲିବାକୁ ଦାବି ହୋଇଛି ।

# ଲିଙ୍ଗରାଜ ପାସେଂଜର ହଲ୍ଟ ହେବ ରେଳ ଷ୍ଟେସନ୍

ଭୁବନେଶ୍ୱର, ୦୭/୦୪ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଲିଙ୍ଗରାଜ ପାସେଂଜର ହଲ୍ଟ କୁ ରେଲୱେ ଷ୍ଟେସନ୍ ଭାବେ ବିକଶିତ କରାଯିବ । ସେହିପରି ଭୁବନେଶ୍ୱର ରେଳ ଷ୍ଟେସନର ପୁର୍ନବିକାଶ କରାଯିବା ସହ ସୌନ୍ଦର୍ଯ୍ୟକରଣ କରାଯିବ । ଖୁବ୍ ଶୀଘ୍ର ଏହି କାର୍ଯ୍ୟ ଆରମ୍ଭ ହେବ । ଏଥିପାଇଁ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଂଜୁରୀ ଦେଇଥିବା ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସାଂସଦ ଶ୍ରୀମତୀ ଷଡଙ୍ଗୀ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିଥଲେ । ସାକ୍ଷାତ ଆଲୋଚନା ପରେ ସେ କହିଛନ୍ତି ଯେ ଏହା ତାଙ୍କର ଦୀର୍ଘ ଦିନର ସ୍ୱପ୍ନ ଥିଲା । ଏଥିନେଇ ସେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ଆଜି ଏହାକୁ ମଂଜୁରୀ ଦେଇଥିବାରୁ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି ସାଂସଦ ଅପରାଜିତା ଷଡଙ୍ଗୀ ।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସ୍ୱତନ୍ତ୍ର ଟିକା କରଣ ଅଭିଯାନ

ବାଲେଶ୍ୱର, ୦୭/୦୪ (ନି.ପ୍ର): ବିଶ୍ୱ କୁ ରଗୋ ମୁକ୍ତ ତଥା ସୁସ୍ଥ ସମାଜ ଗଠନ ଲକ୍ଷ୍ୟ ନେଇ ଆଜି ବିଭିନ୍ନ ସ୍ଥାନ ରେ ସ୍ୱାସ୍ଥ୍ୟ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ହୋଇ ଥିବା ବେଳେ ବାଲେଶ୍ୱର ଜିଲ୍ଲା ନାରୀ ସଂଘ ପରିଶେଷରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଭିତ୍ତିକ ସଚେତନତା କାର୍ଯ୍ୟ କ୍ରମ ରେ ୪୨ ଜଣ ହିତାଧକାରୀଙ୍କୁ କୋଭିଡ ନିରାକରଣ ପାଇଁ ସ୍ୱତନ୍ତ୍ର ଟୀକା ଯଥା କୋଭିଶିଲ, କୋଭାସିଲ ଇତ୍ୟାଦି ଦିଆଯାଇଛି ଉଲ୍ଲେଖ ଯୋଗ୍ୟ ଯେକୌଣସି ପରିଚୟ ନ ଥିବା ଯଥା ଆଧାର କିମ୍ବା ଅନ୍ୟାନ୍ୟ ପରିଚୟ ପତ୍ର ନ ଥିବା ୨୨ଜଣ ହିତାଧିକାରୀକୁ ଏହି ଟୀକା ପ୍ରଦାନ କରାଯାଇଛି ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲ ଚନ୍ଦ୍ର ଜଗଦେବ, ଅତିରିକ୍ତ ଚିକିତ୍ସା ଅଧିକାରି ଡାକ୍ତର ସତ୍ୟବ୍ରତ ଚୌଧୁରି ଏବଂ ADPHO, DPMCU, ICA, ନେହେରୁ ଯୁବ କେନ୍ଦ୍ର ସଂଗଠନ ଯୁବ ଜିଲ୍ଲା ଅଧିକାରୀ ରମେଶ ଆର୍ କପୁର, ନାରୀ ସଂଘର ଅଧକ୍ଷା ଗୋପାମୁଦ୍ରା ମହାପାତ୍ର, ସମ୍ପାଦିକା ଅପର୍ଣା ମହାପାତ୍ର, କଷାଧକ୍ଷ ପୁଷ୍ପଲତା ମହାନ୍ତି, ଉତ୍କଳା କଲ୍‌ଚୁରାଲ ଏକାଡେମୀ ଅଧକ୍ଷ ବିକ୍ରମ ବାରିକ୍, ଇଡଉ ବାଲେଶ୍ୱର ଯୁବ ଶାଖାର ଅରୁଦିପ୍ତା ସ୍ୱାଇଁ, ମେଘନା ମୋନସ୍ୱିନି ମହାପାତ୍ର, ମନିସ ହର୍ଶ ବର୍ଦ୍ଧନ ମହାପାତ୍ର, ବିଶ୍ୱଜିତ୍ ନାୟକ, ସମ୍ୟ ସାର୍ଥକ ଭରଦ୍ୱାଜ, ଆୟୁଷ ଜେନା, ଆୟୁଶୀ ଗୁପ୍ତା, ଯଗେଶ ସରୋଗି, ବିନାୟକ ପାଣିଗ୍ରାହୀ ସମେତ ଯୁବ ଶାଖାର ଅନ୍ୟାନ୍ୟ କର୍ମ କର୍ତ୍ତା ଓ ନାରୀ ସଂଘର କର୍ମ କର୍ତ୍ତା ଓ ଭିନ୍ନକ୍ଷମ କଲ୍ୟାଣ ପ୍ରତିଷ୍ଠାନ ର ସୋହୋଜଗ କରିଥିଲେ, ଏହି କାର୍ଯ୍ୟକ୍ରମ ସହିତ ସ୍ୱାସ୍ଥ୍ୟ ଭିତ୍ତିକ ବିଭିନ୍ନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା

# ବିଜେପି ବସ୍ତା ମଣ୍ଡଳ ତରଫରୁ ପ୍ରତିଷ୍ଠା ଦିବସ ପାଳିତ



ବସ୍ତା,୦୭/୦୪ (ନି.ପ୍ର): ବିଜେପି ମଣ୍ଡଳ ସଭାପତି ରଞ୍ଜନ ମହାନ୍ତି ଙ୍କ ନେତୃତ୍ୱରେ ବସ୍ତା ବିଜେପି କାରର୍ଯ୍ୟାଳୟ ଠାରେ ବିଜେପି ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ପ୍ରଦୀପ ପଣ୍ଡା, ବିଜେପି ନେତା ଅବସର ପ୍ରାପ୍ତ ଏ ଏସ ପି ଅସିତ୍ କୁମାର ମହାନ୍ତି , ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ସୂର୍ଯ୍ୟନାରାୟଣ ସାହୁ, ବିଜେପି ନେତା ରବୀନ୍ଦ୍ର ଦାସ, ପୂର୍ବତନ ମଣ୍ଡଳ ସଭାପତି ଶିବାନନ୍ଦ ଦାସ, ମଣ୍ଡଳ ସାଧାରଣ ସମ୍ପାଦକ ଅଭିରାମ ମଲିକ୍ , ଦୀନକୃଷ୍ଣ ବେହେରା , ବସ୍ତା ଗଣ ମାଧ୍ୟମ ସଂଯୋଯୋଗ ଇ. ଦିବାକର ରାଉତ, ମଥାନୀ ସରପଞ୍ଚ ପ୍ରାର୍ଥୀନି ଅହଲ୍ୟା ମାଝୀ , ବିଜେପି ନେତା କରୁଣା କର ପରିଡ଼ା, ଯୁବ ମୋର୍ଚ୍ଚା ସଭାପତି ଧିରେନ୍ ସେଠୀ , ଉମାକାନ୍ତ ବେଜ୍, ଲକ୍ଷ୍ମୀକାନ୍ତ ଦଳାଇ, ସୁବ୍ରତ ଦାସ , ରବି ନାରାୟଣ ଦାସ, ସରସ୍ୱତୀ ମହାନ୍ତି ,ଶମ୍ଭୁନାଥ ବେହେରା, ସନାତନ ବେହେରା , ଜିଲ୍ଲା ପରିଷଦ ପ୍ରାର୍ଥୀ ଫର୍ଣାଲ ବିଶ୍ୱାଳ , ଅଜୟ ଜେନା , ବିଜୟ ଧଳଙ୍କ ସମେତ ବହୁ କାରର୍ଯ୍ୟକର୍ତ୍ତା ଯୋଗ ଦେଇ ପ୍ରତିଷ୍ଠା ଦିବସ ଉପରେ ଉଦବୋଧନ ଦେଇଥିଲେ । ପରିଶେଷରେ ପ୍ରଧାନ ମନ୍ତ୍ରୀ ମୋଦୀ ଜୀ ଙ୍କ ଉଦବୋଧନ ଟେଲିଭିଜନ ମାଧ୍ୟମରେ ଶୁଣି ଥିଲେ ।

# ଜନତ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ତୁଡିଗଡିଆ ଚାମ୍ପିୟନ



ଖଇରା, ୦୭/୦୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ାଧୀନ କଣ୍ଟାପଡା ଖେଳ ପଡିଆରେ ସୋମବାର ରାତିରେ ଜନତ କପ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି । ମୋଟ ୮ଟି ଟିମ ଅଂଶ ଗ୍ରହଣ କରିଥିବା ବେଳେ ତୁଡିଗଡିଆ ଓ ଭଦ୍ରକ ତାଜ ସ୍ପୋର୍ଟ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ତାଜ ସ୍ପୋର୍ଟିଂ ଏବଂ ତୁଡିଗଡିଆ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ତାଜ ସ୍ପୋଟିଂ ୬ ଓଭରରେ ୭୩ରନ ସଂଗ୍ରହ କରିଥିଲା । ଜବାବରେ ତୁଡିଗଡିଆ ୭୪ରନ କରି ବିଜୟ ଲାଭ କରିଥିଲା । କଣ୍ଟାପଡା ଏମ୍‌କେ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଖେଳରେ ଦେବକୀନନ୍ଦନ ସାମଲ,ଅନୁକୂଳ ଚନ୍ଦ୍ର ଗିରି, ହରେକୃଷ୍ଣ ପଣ୍ଡା ଓ ବିଜୟ ନାୟକ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ । ପୂର୍ବତନ ସରପଞ୍ଚ ବସନ୍ତ କୁମାର ପାତ୍ର ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ । ଯୁବକ ସଂଘର ସଭାପତି ରାଜନୁ ରଞ୍ଜନ ଜେନା,ସମ୍ପାଦକ ସତିଶ ବିଶ୍ୱାଳ ବିଜୟୀ ଦଳକୁ ଟ୍ରଫି ସହ ୧୬ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ । ଦେବାଶିଷ ଦାସ ଙ୍କ ସମେତ ସଂଘର ସମସ୍ତ ସଭ୍ୟ ରାତ୍ରୀକାଳିନ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

# ଜାତୀୟ ରାଜପଥ ପ୍ରାଧିକରଣ ଅଧିନରେ ଥିବା ଜବର ଦଖଲ ହେବ ଉଚ୍ଛେଦ

ଜଳେଶ୍ୱର, ୦୭/୪ (ନି.ପ୍ର): ରାତି ପାହିଲେ ୬୦ନଂ ଜାତୀୟ ରାଜପଥର ରାଜଘାଟ ଠାରୁ ଲକ୍ଷ୍ମଣନାଥ ଟୋଲ ପ୍ଲାଜା ଯାଏ ରାସ୍ତାର ଦୁଇ ପାର୍ଶ୍ୱରେ ବ୍ୟାପକ ଜବର ଦଖଲ ଓ ସ୍ଥାୟୀ ନିର୍ମାଣ ହୋଇଥିବାରୁ ଏହାର ଉଚ୍ଛେଦ ଲାଗି ପ୍ରଶାସନ ଅଣ୍ଟା ଭିଡିଛି । ଫଳରେ ରାସ୍ତାକଡରେ ଥିବା ଉଠା ବ୍ୟବସାୟୀଙ୍କ ମନରେ ଛନକା ପଶିଛି । ଲକ୍ ଡାଉନ୍ ପରେ କାମଧନ୍ଦା ହରାଇଥିବା ୮୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଏବେ ୬୦ନଂ ଜାତୀୟ ରାଜପଥ ପାର୍ଶ୍ୱ ସ୍ଥାନ ଗୁଡିକୁ ଅକ୍ତିଆର କରି ବେଆଇନ୍‌ଭାବେ ବ୍ୟବସାୟ କରି ଆସୁଛନ୍ତି । ଟୋଲପ୍ଲାଜା ନିକଟରେ ଶହଶହ ଗାଡି ଦୀର୍ଘ ସମୟ ଧରି ଅଟକୁ ଥିବା ସ୍ଥାନୀକ ଯୁବକମାନେ ସେମାନଙ୍କ ଠାରୁ ଚାନ୍ଦା ଉଠାଉଥିବାର ଅଭିଯୋଗ ହୋଇ ଆସୁଛି । ଏପରିକି କେତେକ ଅସାଧୁ ବ୍ୟବସାୟୀ ଛୋଟ ଛୋଟ ପିଲାଙ୍କୁ ବ୍ୟବହାର କରି ରାସ୍ତା ଉପରେ ଗାଡି ଛିଡା କରାଇ ଗିରିସିଂ କରୁଥିବାରୁ ବହୁ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି । ନୂତନଭାବେ ନିର୍ମାଣ ହୋଇଥିବା କୋର୍ଟ ସମ୍ମୁଖ ଅବରୋଧ ଓ ଭିଡ ଲାଗି ରହିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଫଳରେ ଅପ୍ ଓ ଡାଉନ୍ ଲାଇନ୍‌ରେ ଥିବା ବେଆଇନ୍ ନିର୍ମାଣକୁ ହଟାଇବା ଓ ବେଦଖଲ କରିବାଲାଗି ଜାତୀୟ ରାଜପଥ ପ୍ରାଧିକରଣ ବାଲେଶ୍ୱର ଓ ଖଡଗପୁରସ୍ଥିତ ଉଚ୍ଚ କର୍ତ୍ତୃ ପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛି । ରାଜ୍ୟ ସଡକ ସୁରକ୍ଷା ବିଭାଗ ପକ୍ଷରୁ ଏଥିନେଇ ଅସନ୍ତୋଷ ପ୍ରକାଶ କରି କର୍ତ୍ତୃପକ୍ଷ ଅବଗତ କରାଇଥିବାରୁ ଆସନ୍ତା ଶୁକ୍ରବାର ଏସବୁ ଜବର ଦଖଲକୁ ହଟାଇବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ପେଟପାଟଣା ଲାଗି ଛୋଟ ଛୋଟ ଦୋକାନ କରିଥିବା କେତେକ ବ୍ୟବସାୟୀ ଏବେ ବେସାହାରା ହେବାର ସମ୍ଭାବନା ରହିଛି । ତେଣୁ ସେମାନଙ୍କୁ ଥଇଥାନ କରିବା ଲାଗି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଏମକେସି ହାଇସ୍କୁଲ ଉର୍ଜା କ୍ଲବ ତରଫରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ



ବାରିପଦା, ୦୭/୦୪ (ନି.ପ୍ର): ଏମକେସି ହାଇସ୍କୁଲ ଉର୍ଜା କ୍ଲବ ତରଫରୁ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଚିତ୍ରାଙ୍କନ ପ୍ରିତିଯୋଗିତାରେ ସାଇ ଶିବାନୀ ମହାଳିକ, ଭବେଶ କୁମାର ବେହାରା, ସ୍ୱୟଂ ବିଶେଷ ନାୟକ ଓ ସୁନୀତା ମାରାଣ୍ଡି ପୁରସ୍କୃତ ହୋଇଥିବା ବେଳେ, ବକ୍ତୃତା ପ୍ରତିଯୋଗିତାରେ ଭାଗ୍ୟଶ୍ରୀ ଖଟୁଆ, ଅଙ୍କିତା ଦଳେଇ ଓ ଆଶୁତୋଷ ଗିରିଙ୍କୁ ପୁରସ୍କୃତ କରାଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ ଓ ସିଆରସିସି ରତ୍ନା ବାନାର୍ଜୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ବିଜ୍ଞାନ ଶିକ୍ଷକ ଅମିତାଭ ମିଶ୍ର ଶକ୍ତି ସଂରକ୍ଷଣତାର ଉପାଦେୟତା ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ଶିକ୍ଷକ ମନୋଜ କୁମାର ପରିଡା, ଅମୁଲ୍ୟ କୁମ୍ଭକାର, ଉପେନ୍ଦ୍ରନାଥ ବେହେରା, ପ୍ରଦୀପ କୁମାର ଦଣ୍ଡପାଟ ଓ ରାଜୀବ ଲୋଚନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଓଡ଼ିଶା ଅଙ୍ଗନବାଡ଼ି ମହିଳା କର୍ମୀ ସଂଘର ବିକ୍ଷୋଭ

ବାଲେଶ୍ୱର,୦୭/୦୪ (ନି.ପ୍ର): ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ‘ଓଡ଼ିଶା ଅଙ୍ଗନବାଡି ମହିଳା କର୍ମୀ ସଂଘ’ରାଜ୍ୟ କମିଟି ନିଷ୍ପତ୍ତି କ୍ରମେ ବାଲେଶ୍ୱର ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ସଙ୍ଘ ପକ୍ଷରୁ ଏକ ଶୋଭାଯାତ୍ରା ବାଲେଶ୍ୱର ରେଳ ଷ୍ଟେସନ ନିକଟରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଜିଲା ସମ୍ପାଦିକା ସଂଗୀତା ରାୟଙ୍କ ଅଧ୍ୟକ୍ଷତାରେ ସେଠାରେ ଆୟୋଜିତ ଏକ ପ୍ରତିବାଦ ସଭାରେ ଭାରତୀୟ ମଜଦୁର ସଂଘର ରାଜ୍ୟ ସଭାପତି ପୃଥୀରାଜ ପଣ୍ଡା ଯୋଗଦେଇ ଅଙ୍ଗନୱାଡ଼ି କର୍ମୀମାନଙ୍କ ସାମାଜିକ ସୁରକ୍ଷା ଓ ବିଭିନ୍ନ ଦାବି ପୂରଣରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଉଦାସୀନତାକୁ ନେଇ ସମାଲୋଚନା କରିଥିଲେ। ବିଶେଷ କରି ସ୍କିମ ପ୍ରଥାକୁ ଉଚ୍ଛେଦ ସହ କର୍ମୀମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବା, ସରକାରୀ ମାନ୍ୟତା ନମିଳିବା ପର୍ଯ୍ୟନ୍ତ କର୍ମୀଙ୍କୁ ମାସିକ ୨୧ ହଜାର ଓ ସହାୟିକାଙ୍କୁ ୧୫ ହଜାର ଟଙ୍କା ପ୍ରଦାନ କରିବା, ୨୦୧୯ ମାର୍ଚ୍ଚ ମାସରେ ସରକାରଙ୍କ ଦ୍ୱାରା ଘୋଷିତ ଅବସର କାଳୀନ ସହାୟତା ରାଶି ଏବଂ ଗ୍ରୀଷ୍ମ ଅବକାଶକୁ ଲାଗୁ କରିବା, ଅବସର କାଳୀନ ସହାୟତା ରାଶିକୁ ବୃଦ୍ଧି କରି ୫ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଅବସର ପରେ ପ୍ରତ୍ୟେକ କର୍ମୀଙ୍କୁ ମାସିକ ୫,୦୦୦ ଟଙ୍କା ଭତ୍ତା ପ୍ରଦାନ ପାଇଁ ଶ୍ରୀ ପଣ୍ଡା ଦାବି କରିଥିଲେ।ଏହି ଅବସରରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୪ ଦଫା ଦାବି ସମ୍ୱଳିତ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ପରେ ଅପରାହ୍ନରେ ସଂଘର ଜିଲା ସମ୍ମିଳନୀ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପରେ ସଂଗୀତା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ଶ୍ରୀ ପଣ୍ଡା ଏଥିରେ ଯୋଗଦେଇ ସଂଗଠନକୁ ମଜବୁତ କରିବା ସହିତ ସରକାରଙ୍କଠାରେ ଦାବି ଉପସ୍ଥାପନ ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନବାଡ଼ି କର୍ମୀ ସଂଘର ରାଜ୍ୟ ସଭାପତି ସୁମିତ୍ରା ମହାପାତ୍ର, ଶକୁନ୍ତଳା ଗୋଛାୟତ, ବାଲେଶ୍ୱରର ଯୁବ ସମାଜସେବୀ ମାନସ ଚନ୍ଦ୍ର ରଥ, ସୌଭାଗ୍ୟବତୀ ରାୟ ପ୍ରମୁଖ ଏଥିରେ ଯୋଗଦେଇ ସଂଗଠନ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# ଗୋଟିଏ ଦିନରେ ୨୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୭/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୮୦୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୪୧୯ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୦୮ ରହିଛି । ଆଜି ଚିହ୍ନଟ ହୋଇଥିବା ୨୮ ଜଣଙ୍କ ମଧ୍ୟରୁ ୧୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲା ୧, ବାଲେଶ୍ୱର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ସଂକ୍ରମିତ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଓ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ଗଂଜାମ ଓ ଜଗତସିଂହପୁର ଜିଲ୍ଲାରୁ ୧-୧ ସଂକ୍ରମିତ ଚିହ୍ନଟ ଚିହ୍ନଟ ହୋଇଛନ୍ତି । ଯାଜପୁର, ଝାରସୁଗୁଡ଼ା ଓ କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ଗ୍ରାମ୍ୟ ବିଚାରକୁ ଡାକିନେଇ ୨ ଭାଇକୁ ଆକ୍ରମଣ : ଥାନାରେ ଅଭିଯୋଗ

ଜଳେଶ୍ୱର, ୦୭/୪ (ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ନଛିମପୁର ପଂଚାୟତର ବେଲି ଗୋପିନାଥପୁର ଗ୍ରାମରେ ଏକ ଘରୋଇ ରାସ୍ତା ନିର୍ମାଣକୁ କେନ୍ଦ୍ର କରି ବିବାଦ ଉପୁଜିଛି । ନିଜ ପୈତୃକ ଜମିରୁ ମୁଖ୍ୟ ରାସ୍ତାକୁ ଯାତାୟାତ ଲାଗି ଏକ ରାସ୍ତାର ଆବଶ୍ୟକତା ଥିବା ଦୃଷ୍ଟିରୁ ବିରେନ୍ଦ୍ର ଦାସ ଓ ବାଦଲ ଦାସ ଗୋଚର ଜାଗାରେ ମାଟି ପକାଇଥିଲେ । ଏହାକୁ କେନ୍ଦ୍ର କରି ଗ୍ରାମର କେତେକ ଲୋକ ଦୁଇ ଭାଇଙ୍କୁ ଗତ ବୁଧବାର ସଂଧ୍ୟାରେ ଗ୍ରାମ୍ୟ ବିଚାରକୁ ଡାକିଆଣି ଅଶାଳିନ ଭାଷା ପ୍ରୟୋଗ ସହିତ ମାରଧର କରିଥିଲେ। ଦୁଇ ଭାଇଙ୍କୁ ମନ୍ଦର ମଧ୍ୟରେ ପୁରାଇ ଠେଙ୍ଗା ଓ ଭୂଜାଲିରେ ଆକ୍ରମଣ କରାଯାଇଥିବା ଭାଇ ନିରଞ୍ଜନ ଦାସ ଥାନାରେ ଅଭିଯୋଗ କରିଛନ୍ତି । ସତ୍ୟରଂଜନ ପ୍ରଧାନ(୪୮), ତାପସ ପ୍ରଧାନ(୨୦), ବେଣୁଧର ପ୍ରଧାନ(୨୬), କାହ୍ନୁଚରଣ ପ୍ରଧାନ(୩୦), ସୁବାସ ପ୍ରଧାନ(୨୮) ପ୍ରମୁଖ ଅକ୍ରମଣ କରିଥିବା ଦର୍ଶାଯାଇଛି । ଦୁଇଭାଇ ଗୁରୁତର ଆହତ ହୋଇ ଜିକେଭଟ୍ଟର ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି ।

## ଶ୍ରୀରାମପୁର ପଂଚାୟତ କାର୍ଯ୍ୟାଳୟରେ ସରପଞ୍ଚ, ସମିତି ସଦସ୍ୟ, ନାଏବ ସରପଞ୍ଚ ଏବଂ ୱାର୍ଡସଭ୍ୟସଭ୍ୟାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଜଳେଶ୍ୱର, ୦୭/୦୪ (ନି.ପ୍ର): ଜଳେଶ୍ୱର ବ୍ଲକ ଅଧୀନରେ ଥିବା ଶ୍ରୀରାମପୁର ପଂଚାୟତ କାର୍ଯ୍ୟାଳୟଠାରେ ପଂଚାୟତରେ ଥିବା ସମସ୍ତ ଅଙ୍ଗନ ବାଡ଼ି କେନ୍ଦ୍ରର ଅଙ୍ଗନବାଡି କର୍ମୀମାନେ ସରପଞ୍ଚ ଶ୍ରୀ ଆଲୋକ ଗିରି ଏବଂ ସମିତିସଭ୍ୟ ଶ୍ରୀ ଗୋପାଳ ଚନ୍ଦ୍ର ସାମଲ, ନାୟବ ସରପଞ୍ଚ ଜେମାମଣି ମଲ୍ଲିକ, ୱାର୍ଡ ସଭ୍ୟସଭ୍ୟାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସେହିପରି ଉକ୍ତ ପଂଚାୟତର ସ୍ୱୟଂ ସହୟିକା ଗୋଷ୍ଠୀ, ପଂଚାୟତ ମହିଳା ବିକାଶ ସଂଘର ସଭାନେତ୍ରୀ ମଧୁମିତା ମଲ୍ଲିକ, ସମ୍ପାଦିକା ସାବିତ୍ରୀ ଗିରି, ଏମ୍‌ବିକେ ସୁହାଗି ହାଁସଦା, ସି.ଆର.ପି ଜୁଲିରାଣୀ ପରିଡା, ପଦ୍ମାବତୀ ରଣା, ମୁନାଲିସା ସିଂହ, ସବିତା ମଲ୍ଲିକ, ଅଞ୍ଜନା ପ୍ରଧାନ, ସଂଯୁବାଳା ଘୋଷ, ବ୍ୟାଙ୍କମିତ୍ର ପ୍ରତିଭା ମଲିକ, କୃଷିମିତ୍ର ରବିତା ପଟ୍ଟାୟତ ଏବଂ ଅଙ୍ଗନବାଡି କର୍ମୀ କାଞ୍ଚନବାଳା ପ୍ରଧାନ, ସୁକାନ୍ତି ଦାସ, ସ୍ୱପ୍ନାବତୀ ବେହେରା, ସେବତୀ ଗିରି, ମିନାବତୀ ମଣ୍ଡଳ, ନମିତାବାଳା ବାଡ଼, ମମତା ଦାସ, ସ୍ୱରସତୀ ପ୍ରଧାନ ପ୍ରମୁଖ ନବନିର୍ବାଚିତ ସରପଞ୍ଚ/ସମିତି ସଭ୍ୟ/ୱାର୍ଡ ସଭ୍ୟ ସଭ୍ୟାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ସେଠାରେ ପଂଚାୟତର ଜିଆରଏସ ଶ୍ରୀ ସୁମିତ ରାଉତ ଏବଂ ବହୁ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

## କୈଳାସ ଚନ୍ଦ୍ର ସେଠୀ ବାଲେଶ୍ୱର ପୌର ପରିଷଦ ଉପାଧ୍ୟକ୍ଷ



ବାଲେଶ୍ୱର,୦୭/୦୪ (ନି.ପ୍ର): ରାଜ୍ୟ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ଅନୁସାରେ ଗୁରୁବାର ଓଡ଼ିଶାର ସମସ୍ତ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ଉପାଧ୍ୟକ୍ଷ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ବାଲେଶ୍ୱର ପୌର ପରିଷଦର ଉପାଧ୍ୟକ୍ଷ ଭାବେ ୧୪ନଂ ୱାଡ଼ର ବିଜେଡି କାଉନସିଲର କୈଳାସ ଚନ୍ଦ୍ର ସେଠୀ ନିର୍ବାଚିତ ହୋଇଛନ୍ତି। ପୌରଧକ୍ଷା ସବିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଷଦର ପ୍ରଥମ ବୈଠକରେ ୩୧ଜଣ ଯାକ କାଉନସିଲର ଯୋଗ ଦେଇଥିଲେ । ନିର୍ବାଚନ ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ ଭବେଶ କୁମାର ନାୟକ ପ୍ରାର୍ଥିପତ୍ର ଆହ୍ୱାନ କରିଥିଲେ। ବିଜେଡିରୁ ଶ୍ରୀ ସେଠୀ ଓ ବିଜେପିରୁ ବିଜେପିରୁ ୨୫ନଂ ୱାର୍ଡ଼ କାଉନସିଲର ନିତ୍ୟ ଗୋପାଳ ସିଂ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଦିନ ଗୋଟାଏରେ ମତଦାନ ଆରମ୍ଭ ହୋଇଥିଲା । ଏହି ନିର୍ବାଚନରେ ଶ୍ରୀ ସେଠୀଙ୍କୁ ୩ ସ୍ୱାଧୀନ କାଉନସିଲର ଓ ବିଜେଡିରୁ ୧୮ କାଉନସିଲରଙ୍କ ଭୋଟ ମିଳିଥିବା ବେଳେ ଶ୍ରୀ ସିଂ ୯ ବିଜେପି କାଉନସିଲରଙ୍କ ଭୋଟ ପାଇଥିଲେ । ଜଣେ ସ୍ୱାଧୀନ କାଉନସିଲରଙ୍କ ଭୋଟ ନାକଚ ହୋଇଯାଇଥିବା ନିର୍ବାଚନ ଅଧିକାରୀ ଶ୍ରୀ ନାୟକ ସୂଚନା ଦେବା ସହ ଶ୍ରୀ ସେଠୀଙ୍କୁ ଉପାଧ୍ୟକ୍ଷ ଭାବେ ଘୋଷଣା କରିଥିଲେ ।

## ଖଇରା ଓ କୁପାରୀରେ ବିଶ୍ୱସ୍ୱାସ୍ଥ୍ୟ ଦିବସ



ଖଇରା, ୦୭/୦୪ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଗୁରୁବାର ଦିନ ବିଶ୍ୱ ସ୍ୱାସ୍ଥ୍ୟଦିବସ ପାଳିତ ହୋଇ ଯାଇଛି । ଯୋଗ ଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ର,ବିପିଏମ ସୂର୍ଯ୍ୟକାନ୍ତ ମିଶ୍ର,ଜନସ୍ୱାସ୍ଥ୍ୟ ସମ୍ପ୍ରସାର୍ଣ ଅଧିକାରିଣୀ ସଂଯୁକ୍ତା ପଣ୍ଡା,ଆୟୁସ ଡାକ୍ତର ସଂଜିବା ବିଶ୍ୱାଳ ଯୋଗ ଦେଇ ଆମ ସ୍ୱାସ୍ଥ୍ୟ ଏବଂ ପରିବେଶର ସୁରକ୍ଷା ପାଇଁ ସ୍ୱଚ୍ଛତା ର ଅନେକ ଆବଶ୍ୟକତା ରହିଛି ବୋଲି କହିଥିଲେ । ସୁପରଭାଇଜର ମୁକ୍ତିକାନ୍ତ ପଣ୍ଡା,ଫାର୍ମାଷିଷ୍ଟ ଜିବନକୃଷ୍ଣ ଦାସ,କିରାଣୀ ମନୋଜ ରଣା,ରେଡିଓଗ୍ରାଫର ପ୍ରସନ୍ନଜିତ ସାମଲ ଓ ଲକ୍ଷ୍ମୀଧର ପାତ୍ର ଉପସ୍ଥିତ ଥିଲେ । ସେହିଭଳି କୁପାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡା ଅନୋଲା ଜଗଦେବ,ଆୟୁସ ଡାକ୍ତର ଜୟନ୍ତ ସାମଲ ଯୋଗ ଦେଇ ସ୍ୱାସ୍ଥ୍ୟ ସଚେତନତା ଉପରେ ପରାମର୍ଶ ଦେଇଥିଲେ । ତିଲୋତ୍ତମା ଦିଦି,ଗଣେଷ ଚନ୍ଦ୍ର ଭୂୟାଁ ସହଯୋଗ କରିଥିଲେ ।ପରେ ଯୋଗ ଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କୀତ ବିଭିନ୍ନ ଯୋଗ ଶିଖାଇଥିଲେ ।

## ମନ୍ଦିରକୁ ନେଇ ରାଜନୀତି ବନ୍ଦ ହେଉ : ସି.ପି.ଆଇ.(ଏମ୍)

ଭୁବନେଶ୍ୱର, ୦୭/୦୪ (ନି.ପ୍ର): ପୁରୀ ଜଗନ୍ନାଥ ମନ୍ଦିରର ରୋଷେଇ ଘର ଚୁଲି ଭାଙ୍ଗିବା ଘଟଣାକୁ ନେଇ ବିଜେପି ଓ ବିଜେଡି ପକ୍ଷରୁ ବାକ୍ ଯୁଦ୍ଧ ବିବୃତି ଓ ପ୍ରତିବାଦର ପୂର୍ଣ୍ଣଚ୍ଛେଦ ନ ପଡୁଣୁ, ପୁଣି ଲିଙ୍ଗରାଜ ମନ୍ଦିରର ଅଧାଦେଶକୁ ନେଇ ତର୍କ-ବିତର୍କ ଆରମ୍ଭ ହୋଇ ଯାଇଛି । ୨୦୨୦ ମସିହାରେ ଓଡିଶା ସରକାର ଆଣିଥିବା ଅଧାଦେଶକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ 'ରୋକ' ଲଗାଇ ଦିଆଯାଇଛି । ଓଡିଶା ପ୍ରତି କେନ୍ଦ୍ର ସରକାର ପାତର - ଅନ୍ତର କରୁଛନ୍ତି ବୋଲି ବିଭାଗୀୟ ମନ୍ତ୍ରୀ ଅଭିଯୋଗ କରିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏହି ଅଧାଦେଶ ଆଇନ୍‌ର ବିରୁଦ୍ଧାଚରଣ କରୁଛି ବୋଲି ପ୍ରଶ୍ନ ଉଠାଇଛନ୍ତି । ଏହାକୁ ନେଇ ଗଣମାଧ୍ୟମ ଖବର କାଗଜରେ ତୁମ୍ବି ତୋଫାନ ଉଠିଛି । ଦେବୃଦ୍ଧି, ବେକାରୀ ଭଳି ଗଣ ସମସ୍ୟା ସାଙ୍ଗକୁ ଦାରିଦ୍ରତା ଓଡିଶାର ଜନସାଧାରଣଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି । ଶାସକ ଦଳଗୁଡିକ ଏହି ସମସ୍ୟାରୁ ଦୃଷ୍ଟି ଆଡେଇବା ପାଇଁ ଲୋକଙ୍କ ସରଳ ଧର୍ମ ବିଶ୍ୱାସ ନେଇ ରାଜନିତୀ ଚଳାଇଛନ୍ତି । ସି.ପି.ଆଇ.(ଏମ୍) ଜନଗଣଙ୍କ ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ନେବା ପାଇଁ ଦାବି କରିଛି ।

## ମାଷ୍ଟର ବଡି ବିଲଡିଂ ଚମ୍ପିଆନ ତରୁଣ ଚାଟାର୍ଜୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୦୭/୦୪ (ନି.ପ୍ର): ପଣ୍ଡିଚେରୀଠାରେ ଅନୁଷ୍ଠିତ ସର୍ବଭାରତୀୟ ମାଷ୍ଟର ବଡି ବିଲଡିଂ ଚମ୍ପିଆନସିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବାଲେଶ୍ୱରର ତରୁଣ ଚାଟାର୍ଜୀଙ୍କୁ ଜିଲା ବଡି ବିଲଡିଂ ଆସୋସିଏସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସହରର ରାଜା ଫିଟନେସ ୱାର୍ଲ୍ଡ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ୬୦ବର୍ଷର ଉର୍ଦ୍ଧ୍ୱ ବର୍ଗରେ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଶ୍ରୀ ଚାଟାର୍ଜୀଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଶ୍ରୀ ଚାଟାର୍ଜୀଙ୍କ ଏହି ସଫଳତା ବାଲେଶ୍ୱର ନୁହେଁ ବରଂ ସମଗ୍ର ରାଜ୍ୟ ପାଇଁ ଗୌରବ ହୋଇଥିବା ବେଳେ ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣା ହେବ ବୋଲି ବିଧାୟକ ଶ୍ରୀ ଦାସ ମତ ପ୍ରକାଶ କରିଥିଲେ। ଏଥି ସହିତ ବାଲେଶ୍ୱର ସହରର କ୍ରୀଡ଼ା ଭିତ୍ତିଭୂମି ବିକାଶରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିଧାୟକ ଶ୍ରୀ ଦାସ ସୂଚନା ଦେଇଥିଲେ। ବାଲେଶ୍ୱର ଜିଲା ବଡି ବିଲଡିଂ ଆସୋସିଏସନର ସଭାପତି ବସନ୍ତ ମହାନ୍ତିଙ୍କ ପୌରହିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ସମାଜସେବୀ ଅଜୟ କୁମାର ବିଶ୍ୱାଳ, ସଂଗଠନର କୋଷାଧକ୍ଷ ସାଦ୍ଦିକ ଅଲ୍ଲୀ, ରାଜା ଫିଟନେସ ୱାର୍ଲ୍ଡର ଚେୟାରମ୍ୟାନ ତଥା ଶିଳ୍ପଦ୍ୟୋଗୀ ରାଜେନ୍ଦ୍ର ସାହୁ ଓ ନିର୍ଦ୍ଦେଶକ ଶୁଭେନ୍ଦୁ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଣ୍ଣପଦକ ବିଜେତା ଶ୍ରୀ ଚାଟାର୍ଜୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ସର୍ବଭାରତୀୟ ସ୍ତରରେ ବିଜୟୀ ହେବା ପରେ ଶ୍ରୀ ଚାଟାର୍ଜୀ ଜୁଲାଇ ମାସ ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଆସିଆନ୍ ମାଷ୍ଟର୍ସ ବଡି ବିଲଡିଂ ଚମ୍ପଆନସିପରେ ଅଂଶଗ୍ରହଣ ପାଇଁ ମିଆଁମାର ଯାଉଥିବାରୁ ଅତିଥିମାନେ ତାଙ୍କର ସଫଳ ଯାତ୍ରା କାମନା କରିଥିଲେ। ଆସୋସିଏସନର ସମ୍ପାଦକ ମନୋଜ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପ-ସଭାପତି ପ୍ରଦୀପ ଆଚାର୍ଯ୍ୟ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସହରର ବଡି ବିଲଡିଂ ଅଭ୍ୟାସ କରୁଥିବା ଯୁବଗୋଷ୍ଠୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଉତ୍ସବରେ ଯୋଗଦେଇ ଶ୍ରୀ-ଚାଟାର୍ଜୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଜିଲ୍ଲାସ୍ତରୀୟ ଗ୍ରୀଷ୍ମପ୍ରବାହ ପରିଚାଳନା ତାଲିମ କର୍ମଶାଳା



ବାଲେଶ୍ୱର,୦୭/୦୪ (ନି.ପ୍ର): ଗ୍ରୀଷ୍ମର ପ୍ରକୋପ କ୍ରମଶଃ ବଢି ଚାଲିଥିବା ବେଳେ ଏହାର ଉପଯୁକ୍ତ ମୁକାବିଲା ଓ ପରିଚାଳନା ନିମନ୍ତେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତାରେ ଜିଲାସ୍ତରୀୟ ଏକଦିବସୀୟ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ବାଲେଶ୍ୱର ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପ-ଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦ୍ଦେବ, ଆଇଏଏସ ପ୍ରୋବେସନର କୁନାଲ ଚୌହାନ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଗ୍ରୀଷ୍ମପ୍ରବାହ ପରିଚାଳନା ସମ୍ପର୍କରେ ତାଲିମ୍ ଗ୍ରହଣ କରିଥିଲେ। ଗୋଟିଏ ସ୍ଥାନର ସାଧାରଣ ତାପମାତ୍ରାଠାରୁ ଯଦି କୌଣସି ଦିନ ୪.୫ ରୁ ୬ଡିଗ୍ରୀ ଅଧିକ ତାପମାତ୍ରା ରୁହେ କିମ୍ବା ୪୫ ଡିଗ୍ରୀ ସେଲସିୟସ୍ ଉପରେ ତାପମାତ୍ରା ରୁହେ, ତେବେ ଆମେ ତାହାକୁ ଗ୍ରୀଷ୍ମ ପ୍ରବାହ ବୋଲି କହିଥାଉ । ଗ୍ରୀଷ୍ମ ପ୍ରବାହ ଯୋଗୁଁ ମନୁଷ୍ୟ ଶରୀରରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବା ସହିତ ଗୃହପାଳିତ ପଶୁ ଏବଂ ଚାଷବାସ ଉପରେ ମଧ୍ୟ ଏହାର କୁପ୍ରଭାବ ପଡିଥାଏ। ଅଂଶୁଘାତରେ ଜୀବନହାନୀ ମଧ୍ୟ ହୋଇଥାଏ । ତେଣୁ ଏହାର ସଠିକ୍ ମୁକାବିଲା ଏବଂ ଅଂଶୁଘାତରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ ଆଜିର କର୍ମଶାଳାରେ ଅଧିକାରୀମାନଙ୍କୁ ବିସ୍ତୃତ ଭାବେ ବୁଝାଯାଇଥିଲା । ବୈଠକରେ ଉପସ୍ଥିତ ତହସିଲଦାର, ବିଡିଓ, ଜିଲା ଶିକ୍ଷାଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ସମଗ୍ର ଜିଲାରେ ଯଥେଷ୍ଟ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା । ସେହିପରି ଗ୍ରୀଷ୍ମପ୍ରବାହ ମୁକାବିଲା ସମ୍ପର୍କରେ ସୂଚନା ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଓସଡାମା'ର "ସତର୍କ" ଆପ ସମ୍ବନ୍ଧରେ କିଭଳି ଅଧିକରୁ ଅଧିକ ଲୋକ ଜାଣିପାରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା ।

## ପୁଷ୍ପପ୍ରିୟା କାମିଲା ହେଲେ ଜଳେଶ୍ୱର ପୌର ଉପାଧ୍ୟକ୍ଷା



ଜଳେଶ୍ୱର, ୦୭/୦୪ (ନି.ପ୍ର): ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ରାଜ୍ୟର ପୌରପାଳିକା ଗୁଡିକରେ ଉପାଧ୍ୟକ୍ଷା/ଉପଧ୍ୟକ୍ଷ ପଦବୀ ଲାଗି ନିର୍ବାଚନ ଶେଷ ହୋଇଛି । ଜଳେଶ୍ୱର ପୌର ପାଳିକାର ସେହି ଅନୁଯାୟୀ ନିର୍ବାଚନ ହୋଇଥିବା ବେଳେ ୪ନଂ ୱାର୍ଡର କାଉନ୍‌ସିଲର ପୁଷ୍ପପ୍ରିୟା କାମିଲା ନିର୍ବାଚିତ ହୋଇଥିବା ଜଣାଯାଇଛି । ନିର୍ବାଚନକୁ ଅଧିକ ନିରପେକ୍ଷ ଓ ସୁରକ୍ଷିତ କରିବାଲାଗି ବାଲେଶ୍ୱର ଅତିରିକ୍ତ ଜିଲାପାଳ ତଥା ପୌରପାଳିକା ପ୍ରଶାସନୀକ ଅଧିକାରୀ ନିଲୁ ମହାପାତ୍ର ନିର୍ବାଚନ ପରିଚାଳନା କରିଥିଲେ । ପୌରପାଳିକାରେ ବିଜେଡିର ୧୨ଜଣ କାଉନ୍‌ସିଲର ଜିତିଥିବା ବେଳେ ସେଥିରୁ ୬ଜଣ ମହିଳା ରହିଥିଲେ । ସେମାନଙ୍କ ମଧ୍ୟରୁ ବିଧାୟକଙ୍କ ସୁପାରିଶ କ୍ରମେ ପୁଷ୍ପପ୍ରିୟା କାମିଲାଙ୍କ ନାମ ଆଗକୁ ଆସିଥିଲା । ସେହିପରି ବିଜେପିରୁ ୧୩ନଂ ୱାର୍ଡ ସସ୍ମିତା ପାତ୍ର ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେ ୪ଟି ଭୋଟ ପାଇଥିବା ବେଳେ କଂଗ୍ରେସ ଏକ ମାତ୍ର କାଉନ୍‌ସିଲର ଭୋଟ ଦାନରୁ ବିରତ ଥିଲେ। ତେଣୁ ପୁଷ୍ପପ୍ରିୟା କାମିଲା ନିର୍ବାଚିତ ହେବା ପରେ ବିଧାୟକ ଅଶ୍ୱିନୀ ପାତ୍ର, ଜିଲା ସଭାପତି ଇଂ ରବିନ୍ଦ୍ର ଜେନା, ପୌରାଧ୍ୟକ୍ଷ ପ୍ରତୀପ ପ୍ରଧାନ, ଟାଉନ୍ ସଭାପତି ସୁରଜିତ ଘୋଷ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ସାମ୍ବାଦିକଙ୍କୁ ପୁଲିସ୍‌ର ମାତ୍ରାଧିକାର କାର୍ଯ୍ୟାନୁଷ୍ଠାନ ବିରୋଧରେ ନିନ୍ଦା ପ୍ରସ୍ତାବ





ଜଳେଶ୍ୱର, ୦୭/୪ (ନି.ପ୍ର): ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ପ୍ରତି ଆକ୍ରମଣ ବଢି ଚାଲିଥିବା ବେଳେ ପୁଲିସ୍ ମଧ୍ୟ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି । ବିଭିନ୍ନ ଦୁର୍ନିତୀ, ଅନିୟମିତତା, ନିଶା ବ୍ୟବସାୟ, ଅନ୍ୟାୟ ସମ୍ପର୍କରେ ଖବର ପ୍ରସାରଣ କରାଯାଉଥିବାରୁ ସାମ୍ବାଦିକମାନେ ରୋଷର ଶୀକାର ହେଉଛନ୍ତି । ଏ ସମ୍ପର୍କରେ ନିଳଗିରି ଅଂଚଳର ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କ ପ୍ରତି ପୁଲିସ୍‌ର ଅମାନୁସିକ କାର୍ଯ୍ୟାନୁଷ୍ଠାନ, ଗୋଡ ହାତରେ ବେଡି ପକାଇ ଚିକିତ୍ସିତ କରାଇବା ଭଳି ଘଟଣା ସାମ୍ବାଦିକ ସମାଜକୁ ବ୍ୟଥିତ କରିବା ସହିତ ରାଜ୍ୟରେ ଚହଳ ପକାଇଛି । ଆଜି ଜଳେଶ୍ୱରର ବହୁ ସାମ୍ବାଦିକ ଏକତ୍ରିତ ହୋଇ ଏପରି ଏକ ସମବେଦନଶୀଳ ଓ ଅମାନବୀୟ ଘଟଣାକୁ ଦୃଢ ନିନ୍ଦା କରିଛନ୍ତି । ଆୟୋଜିତ ବୈଠକରେ ଅବନୀ ଚାନ୍ଦ, ରଂଜନ ବେହେରା, ରବିନାରାୟଣ ପାତ୍ର, ଦିଲ୍ଲିପ ଦାସ, ସତ୍ୟବ୍ରତ ପ୍ରଧାନ, ଅଜିତ୍ ଦାସ, ସୁଶାନ୍ତ ମଣ୍ଡଳ, ଚିନ୍ମୟ ଦାସ, ଅଶ୍ୱିନୀ ଦାସ, ମନୋଜ ଭୂୟାଁ, ଦୀନବଂଧୁ ପ୍ରଧାନ, ଦୁର୍ଗାଶଂକର ଗିରି, ପତିତ ପାବନ ପ୍ରଧାନ, ଆଶିଷ ଗିରି, ଅମର ଆଚାର୍ଯ୍ୟ, ଭୂପତି ପରିଡା, ସତ୍ୟବ୍ରତ ସୋମ, ସେକ୍ ଅବଦୁଲ ରହିମ୍, ସମ୍ଭୁନାଥ ଗୁପ୍ତା, ଶ୍ରୀକୃଷ୍ଣ ଗୁପ୍ତା, ରାଜେଶ ପ୍ରଧାନ, ସଂଜୟ ଦାସ, ଓମ୍ ପ୍ରକାଶ ସିଂ, ଅର୍ଜୁନ ସିଂ, ଅରୁଣ ଜେନା, ରାଧାଗୋବିନ୍ଦ ଦାସ, ସମ୍ଭୁନାଥ ଦାସ, ଗୋପବଂଧୁ ସାହୁ, ଆଲୋକ ଘଡାଇ, ସୁଶାନ୍ତ ପ୍ରଧାନ, ଇଫରାଜ ସାହା ପ୍ରମୁଖ ଉପସ୍ଥିତ ଥିଲେ ।

## ସିଏମସି ଡେପୁଟି ମେୟର ଦମୟନ୍ତୀ ମାଝି

କଟକ, ୦୭/୦୪ (ନି.ପ୍ର): କଟକ ମହାନଗର ନିଗମ (ସିଏମସି)ର ଡେପୁଟି ମେୟର ଭାବେ ନିର୍ବାଚିତ ହୋଇଛନ୍ତି ଦମୟନ୍ତୀ ମାଝି । ନିର୍ବାଚନରେ ବିଜୟ ଲାଭ କରିବା ପରେ ଦମୟନ୍ତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୋ ଉପରେ ଭରସା କରିଥିବାରୁ ପ୍ରଥମେ ମୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଉଛି । କଟକ ସହରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପାରୁ ପର୍ଯ୍ୟନ୍ତ ଉଦ୍ୟମ କରିବି । ମୁଁ ବସ୍ତିରେ ରହିଛି, କଷ୍ଟ ଓ ସମସ୍ୟାକୁ ଅତି ନିକଟରୁ ଦେଖିଛି । ତେଣୁ ଏସବୁର ସମାଧାନ କରିବାକୁ ଚେଷ୍ଟା କରିବି । ରାଜନୀତିରେ ନୂଆ କରି ପାଦ ଦେଇଛି, ଏବେ ବହୁତ କିଛି ଶିଖିବାକୁ ବାକି ଅଛି ।

## ବଦଳିବ ଚାଉଳତି ଗ୍ରାମର ଭାଗ୍ୟ : ନିର୍ମାଣ ହେବ ୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସୁଉଚ୍ଚ ସମୁଦ୍ର ସୁରକ୍ଷା ପ୍ରାଚୀର



ବାଲିଆପାଳ, ୦୭/୦୪ (ନି.ପ୍ର): ବଙ୍ଗୋପ ସାଗରର କରାଳ ରୂପରେ ଧୀରେ ଧୀରେ ସମୁଦ୍ର ଗର୍ଭରେ ବିଲୀନ ହେବାକୁ ବସିଥିବା ଚାଉଳତି ଗ୍ରାମର ବଦଳିବ ଭାଗ୍ୟ। ପ୍ରତିବର୍ଷ ସମୁଦ୍ରର ଲୁଣୀ ଜୁଆର ଆସି ଏହି ଗାଁ କୁ ଗ୍ରାସ କରିବାକୁ ବସିଲାଣି । ଗତ ୫ ବର୍ଷ ମଧ୍ୟରେ ଗାଁର ୨ ଶହ ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ସମେତ ଗ୍ରାମର ଅର୍ଦ୍ଧାଧିକ ଭାଗ ଏବେ ସମୁଦ୍ର ଗର୍ଭରେ ବିଲୀନ ହୋଇଛି । ଗ୍ରାମରେ ୨ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ନିଜର ଭିଟାମାଟିର ସୁରକ୍ଷା ସମେତ ପିଲା ଛୁଆଙ୍କ ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇପଡିଥିଲେ । ଗାଁକୁ ସମୁଦର୍ର କରାଳ ରୂପରୁ ରକ୍ଷା କରିବା ପାଇଁ ବିଭିନ୍ନ ସମୟରେ ସ୍ଥାନୀୟ ପ୍ରଶାସନ,ବିଧାୟକ,ସାଂସଦଙ୍କଠୁ ଆରମ୍ଭ କରି ମୁଖ୍ୟ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଗୁହାରି ଜଣାଇଥିଲେ । ବିଭିନ୍ନ ଗଣମାଧ୍ୟମରେ ଏହି ଗ୍ରାମର ସୁରକ୍ଷା ପାଇଁ ନିରନ୍ତର ଖବର ପ୍ରସାରଣ ହୋଇଆସୁଥିଲା । ତେବେ ରାଜ୍ୟ ସରକାର ଏହି ଗାଁର ସୁରକ୍ଷା ପାଇଁ ଶେଷରେ ଅନୁଦାନ ଦେଇଛନ୍ତି । ଗତ ୟାସ ବାତ୍ୟାରେ ଗ୍ରାମକୁ ସଂଯୋଜଗ କରୁଥିବା ରାସ୍ତା ମଧ ସଂପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଥିଲା । ସେଥିପାଇଁ ମଧ ରାଜ୍ୟ ସରକାରଙ୍କ ଅନୁଦାନରୁ ୬୦ ଲକ୍ଷ ଟଙ୍କାର ଏକ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି। ତେବେ ସମୁଦ୍ର ଜୁଆରକୁ ରୋକିବା ପାଇଁ ରାଜ୍ୟ ସରକାର ୯ କୋଟି ୮୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି । ଏହି ଅର୍ଥରେ ସମୁଦ୍ର ଜୁଆରକୁ ରୋକିବା ପାଇଁ ଏକ ସୁଉଚ୍ଚ ସମୁଦ୍ର ସୁରକ୍ଷା ପ୍ରାଚୀର ନିର୍ମାଣ ହେବ । ଏହି କାର୍ଯ୍ୟକୁ କରିବା ପାଇଁ ଭୁବନେଶ୍ୱର କଳିଙ୍ଗ କମ୍ବାଇନ୍ସ ପ୍ରାଇଭେଟ ଲିମିଟେଡ ନାମରେ ଟେଣ୍ଡର ମଞ୍ଜୁର ହୋଇଅଛି । କାର୍ଯ୍ୟ ଆରମ୍ଭ ପୂର୍ବରୁ ଆଜି ବାଲେଶ୍ୱର ସୁପରିଟେଣ୍ଡଟ ଇଞ୍ଜିନିୟର ପ୍ରଭାସ ପ୍ରଧାନଙ୍କ ସମତେ ବାଲେଶ୍ୱର ସଦର ସବଡିଭିଜନର ଏସଡିଓ ସାଗର ସସ୍ମିତ ସାମଲ ସହକାରୀ ଯନ୍ତ୍ରୀ ଇରିଗେସନ ଜାମକୁଣ୍ଡା ସେକସନର ଅଶୋକ କୁମାର ଦାସ,ସମାଜସେବୀ ଅତନୁ ପାଳ ଆଜି କ୍ଷେତ୍ର ପରିଦର୍ଶନ କରିଥିଲେ। ତେବେ ଚାଉଳତି ଗ୍ରାମର ଗ୍ରାମବାସୀ ସୁକୁମାର ମଣ୍ଡଳ,ଶ୍ରୀପତି କାମିଲା, ଭଗିରଥ ମଣ୍ଡଳ,ସୁବ୍ରତ ମଣ୍ଡଳ,ଭାନୁଚରଣ ଜେନା, ନିତ୍ୟାନନ୍ଦ ମଣ୍ଡଳ,ଶୀତଳ ମଣ୍ଡଳ,ବିଷ୍ଣୁପଦ ଗିରି,ରବୀନ୍ଦ୍ର କୁମାର ମଣ୍ଡଳ,ସନାତନ ମଣ୍ଡଳ, ଅଲେଖ ଜେନା, ନିତ୍ୟାନନ୍ଦ ଜେନା, ଚନ୍ଦନ ଜେନା,ନନ୍ଦ ଦୁଲାଲ ଜେନା ପ୍ରମୁଖ ଏହି ଅଧିକାରୀମାନଙ୍କୁ ଭେଟି ସୁଉଚ୍ଚ ପ୍ରାଚୀର ସହିତ କ୍ଷତିଗ୍ରସ୍ତ ହୋଇଥିବା ଲୁଣାବନ୍ଧର ମରାମତି ଏବଂ ପଥର ପେଚିଂ କରିବାକୁ ଦାବି ଉପସ୍ଥାପନ କରିଥିଲେ । ତେବେ ସୁପରିଟେଣ୍ଡଟ ଇଞ୍ଜିନିୟର ଶ୍ରୀ ପ୍ରଧାନ,ମୁଖ୍ୟ ଯନ୍ତ୍ରୀ,ଯନ୍ତ୍ରୀ ମୁଖ୍ୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ସହିତ ଆଲୋଚନା କରି ଗ୍ରାମବାସୀଙ୍କ ଦାବି ମୁତାବକ ସୋମାନଙ୍କ ସୁରକ୍ଷା ପାଇଁ ଯାହା କିଛି ହୋଇପାରିବ ସେହି କାର୍ଯ୍ୟ କରାଯିବ ବୋଲି କହିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo